<u>ସୂଚିତଯୋଗ୍ୟ</u>

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଅପିଲ କ୍ଷେତ୍ରାଧିକାରରେ**

**<u>ଦେୱାନୀ ଆବେଦନ ସଂଖ୍ୟା ୧୧୪୪ -୧୧୪୬ /୨୦୧୧</u>**

**ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଇତ୍ୟାଦି ଇତ୍ୟାଦି ...ଆବେଦନକାରୀ(ମାନେ)**

**ବନାମ**

**ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ ...ଉତ୍ତରଦାତା(ମାନେ)**

**ଏଥି ସହିତ**

**<u>ଦେୱାନୀ ଆବେଦନ ସଂଖ୍ୟା୧୧୪୮-୧୧୫୦/୨୦୧୧</u>**

**<u>ଦେୱାନୀ ଆବେଦନ ସଂଖ୍ୟା୧୧୫୨-୧୧୫୪ /୨୦୧୧</u>**

**<u>ଦେୱାନୀ ଆବେଦନ ସଂଖ୍ୟା ୧୧୬୧-୧୧୬୯ /୨୦୧୧</u>**

**<u>ରାୟ</u>**

**<u>ଏମ. ଆର. ଶାହ, ନ୍ୟାୟମୂର୍ତ୍ତି</u>**

୧. ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ଦୁଇ ଜଣିଆ ଖଣ୍ଡପୀଠ ତା ୧୬. ୧୧. ୨୦୧୦ ରିଖରେ ରିଟ ଆବେଦନ ସଂଖ୍ୟା ୧୦୩୨୫ / ୨୦୦୮, ୧୨୯୪୮ / ୨୦୦୮ ଏବଂ ୬୮୬୩ / ୨୦୦୯ ଗୁଡିକୁ ମଞ୍ଜୁରି ପ୍ରଦାନ କରିଛନ୍ତି ଏବଂ ଭୂମି ଅଧିଗ୍ରହଣ ଅଧିନିୟମ,

୧୮୯୪ (ଏହାପରେ “ଅଧିନିୟମ ୧୮୯୪” ଭାବେ ଏଠାରେ ଉଲ୍ଲେଖିତ ହେବ) ର ଧାରା ୪ (୧) ଏବଂ ୬ ଅଧିନସ୍ଥ ବିଜ୍ଞପ୍ତିଗୁଡିକ ସମେତ ପ୍ରଶ୍ନଗତ ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ଏବଂ ଆବେଦନକାରୀ-ହିତାଧିକାରୀ କମ୍ପାନୀ ସପକ୍ଷରେ ଦିଆଯାଇଥିବା ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଅଧିନିର୍ଣ୍ଣୟକୁ ଆକ୍ଷେପିତ ସାମୂହିକ ରାୟ ଏବଂ ଆଦେଶ ପ୍ରଦାନ କରି ରଦ୍ଦ କରିଛନ୍ତି ଏବଂ ଅଧିକୃତ ଜମିଗୁଡିକ ଉପରେ ସେମାନଙ୍କର ଜମି ମାଲିକମାନଙ୍କର ଦଖଲ ଅଧିକାର / ମାଲିକାନାକୁ ଯଥାରୀତି ପୁନଃପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜମିଗୁଡ଼ିକର ମାଲିକାନା ଫେରି ପାଇବାପରେ ସେମାନେ କ୍ଷତିପୂରଣ ସୂତ୍ରରେ ବା ଅନ୍ୟଥା, ଯେଉଁ ଜମି ଉପଲକ୍ଷେ ଗ୍ରହଣ କରିଥିବା ରାଶିକୁ ଫେରସ୍ତ ଦେବେ । ଆକ୍ଷେପିତ ସାମୂହିକ ରାୟ ଏବଂ ଆଦେଶ ଦ୍ଵାରା ଉଚ୍ଚ ନ୍ୟାୟାଳୟ, ରାଜ୍ୟ ସରକାରଙ୍କୁ ହିତାଧିକାରୀ କମ୍ପାନୀକୁ ପଟ୍ଟା ଜରିଆରେ ଦିଆଯାଇଥିବା ଜମିକୁ ପୁନର୍ଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇ ସରକାରୀ ଜମି ବନ୍ଦୋବସ୍ତ ନିୟମାବଳୀର ନିୟମ ୫ ଅଧୀନରେ ହିତାଧିକାରୀ କମ୍ପାନୀକୁ ଦିଆଯାଇଥିବା ସରକାରୀ ଜମି ଦଖଲ ଅନୁମତିକୁ ମଧ ରଦ୍ଦ କରିଛନ୍ତି । ଏଥିରେ ବ୍ୟଥିତ ଓ ଅସନ୍ତୁଷ୍ଟ ହୋଇ ହିତାଧିକାରୀ କମ୍ପାନୀ ତଥା ଅନ୍ୟମାନେ ବର୍ତ୍ତମାନର ଅପିଲକୁ ଚୟନ କରିଛନ୍ତି ।

୨. ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ମୂଳ ଜମିମାଲିକମାନେ, ଯେଉଁମାନଙ୍କର ଜମି ଅଧିକୃତ ହୋଇଥିଲା, ଦୁଇଟି ରିଟ୍ ଆବେଦନ ଏବଂ ନ୍ୟାୟାଳୟର ଦ୍ଵାରସ୍ଥ ହୋଇପାରିନଥିବା କ୍ଷୁଦ୍ର ଜମିମାଲିକମାନଙ୍କ

ତରଫରୁ ଓ ସେହି ଅଞ୍ଚଳର ଜନସାଧାରଣଙ୍କ ତରଫରୁ ମଧ୍ୟ ଜନସ୍ୱାର୍ଥ ମାମଲା ରୂପରେ ଅନ୍ୟ ଏକ  ରିଟ୍ ଆବେଦନ ଦାଖଲ କରାଯାଇଥିଲା ।

୨.୧ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଏହା ପ୍ରାୟ ୬୦୦୦ ପରିବାରର ପାଖାପାଖି ୬୦୦୦ ଏକର ଜମିର ଅଧିଗ୍ରହଣ ସମ୍ବନ୍ଧୀୟ ବିବାଦ ଅଟେ, ଯାହାକି ପ୍ରାୟ ୩୦,୦୦୦ ଲୋକଙ୍କୁ ପ୍ରଭାବିତ କରିଛି ।

୩.  ବର୍ତ୍ତମାନ ଆବେଦନଗୁଡିକୁ ପ୍ରୋତ୍ସାହିତ କରୁଥିବା ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା:–

୩.୧ ଯେ, ଏ. ଟି. କର୍ଣ୍ଣ ଲିମିଟେଡର ଅଧକ୍ଷ ମୋହିତ କୁମାର ରାଣା ୨୩.୬.୨୦୦୬ ରେ ରାଜ୍ୟ ସରକାରଙ୍କୁ ଏକ ଦରଖାସ୍ତ ପ୍ରଦାନ କରି କହିଥିଲେ ଯେ ମେସର୍ସ ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍ ଇଞ୍ଜିନିୟରିଂ, ମେଡିସିନ୍, ମ୍ୟାନେଜମେଣ୍ଟ, ସାଧାରଣ ବିଜ୍ଞାନ (ଜେନେରାଲ ସାଇନ୍ସ) ଏବଂ ମାନବବାଦୀ ଅଧ୍ୟୟନ (ହ୍ୟୁମାନିଟିଜ୍) ଆଦି କ୍ଷେତ୍ରରେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ଶିକ୍ଷା ପ୍ରଦାନ କରିବା ପାଇଁ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଉପରେ ବିଚାର / ମନସ୍ଥ କରୁଛି ।  ଉକ୍ତ ଆବେଦନରେ ଆହୁରି ମଧ୍ୟ କୁହାଗଲା ଯେ ଏପ୍ରିଲ ୨୦୦୬ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହି ଗୋଷ୍ଠୀ ଏକ ପ୍ରସ୍ତାବନା ଦେଇଥିଲେ । ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ ସେମାନଙ୍କ ଦଳ ପୁରୀ-କୋଣାର୍କ ସମୁଦ୍ର ପାର୍ଶ୍ୱବର୍ତ୍ତୀ ପଥ (ମରିନ ଡ୍ରାଇଭ)ରେ ପୁରୀ ଉପକୂଳରେ ଏକ ସ୍ଥାନ ଚୟନ କରିଛନ୍ତି ଯାହା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆଦର୍ଶ ସ୍ଥାନ ହେବ । ଅତଏବ ଅନ୍ୟାନ୍ୟ ପ୍ରସଙ୍ଗ ବ୍ୟତୀତ ଏହା ପ୍ରାର୍ଥନା କରାଗଲା ଯେ, ଭୁବନେଶ୍ୱର-ପୁରୀ-

କୋଣାର୍କ ସମୁଦ୍ର ପାର୍ଶ୍ଵବର୍ତ୍ତୀ ପଥରେ ପୁରୀ ଜିଲ୍ଲାର ନୂଆନଈ ଆଖପାଖର ସନ୍ନିହିତ ୧୫ ହଜାର ଏକର ଜମି ଓଡ଼ିଶା ସରକାରଙ୍କ ଦ୍ୱାରା ଉପଲବ୍ଧ କରାଯାଉ । ଏକ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିଯୁକ୍ତି ଦେଇ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମନ୍ୱୟ ରକ୍ଷା କରିବା ପାଇଁ ଓଡ଼ିଶା ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ପାଇଁ ସେପ୍ଟେମ୍ବର ୨୦୦୬ ସୁଦ୍ଧା ୧୫୦୦ ଏକର ଜମି ଅଧିଗ୍ରହଣ ଏବଂ ଅବଶିଷ୍ଟ ଜମି ଡିସେମ୍ବର ୨୦୦୬ ସୁଦ୍ଧା ଅଧିଗ୍ରହଣ କରିବା ପାଇଁ ଏହି ଗୋଷ୍ଠୀ ଅନୁରୋଧ କରିଥିଲେ । ଏହାପରେ ୧୯.୦୭.୨୦୦୬ ରେ ଓଡ଼ିଶା ସରକାର ଏବଂ ବେଦାନ୍ତ ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଓଡ଼ିଶା ସରକାର ପାଖାପାଖି ୮୦୦୦ ଏକର ସନ୍ନିହିତ ଜମିର ଉପଲବ୍ଧତା ସୁନିଶ୍ଚିତ କରିଥିଲେ ଏବଂ ଫାଉଣ୍ଡେସନର ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ସନ୍ନିହିତ ଜମି ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଗି ପ୍ରୟାସ କରିବେ ବୋଲି ସୁନିଶ୍ଚିତ କରିଥିଲେ ।

୩.୨ ଷ୍ଟେରଲାଇଟ ଫାଉଣ୍ଡେସନର ନାମ ଏବଂ ଶୈଳୀରେ ଗଠିତ ଏକ ବେସରକାରୀ ଲିମିଟେଡ଼ କମ୍ପାନୀ, କମ୍ପାନୀ ଅଧିନିୟମ, ୧୯୫୬ ର ଧାରା ୨୫ ଅଧୀନରେ ଏହାର ନାମ ବଦଳାଇ ବେଦାନ୍ତ ଫାଉଣ୍ଡେସନର ନାମ ରଖିଥିଲା ଏବଂ ତଦନୁସାରେ ଜୁଲାଇ, ୨୦୦୪ ରେ ନାମ ପରିବର୍ତ୍ତନ କରାଯିବା ପରେ ନୂତନ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର (ଇନକର୍ପୋରେସନ ସାର୍ଟିଫିକେଟ) ଜାରି କରାଯାଇଥିଲା । ଏମ ଓ ୟୁ ସ୍ୱାକ୍ଷରିତ ହେବା ପରେ ରାଜ୍ୟ ସରକାର ଫାଉଣ୍ଡେସନକୁ ଜମି ଆବଣ୍ଟନ ଲାଗି ଆବଶ୍ୟକ ପଦକ୍ଷେପ ନେଇଥିଲେ ଏବଂ ବେଦାନ୍ତ ଫାଉଣ୍ଡେସନର ଉପାଧ୍ୟକ୍ଷଙ୍କୁ ଏହି ଜମି ପାଇଁ ବିନିଯୋଗ

ହେବାକୁ ଥିବା ଆକଳନ ଅର୍ଥରାଶିର ୨୦ ପ୍ରତିଶତ ଜମା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା ଯାହାକୁ ପରବର୍ତ୍ତୀ କାଳରେ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିଲା । ପୁରୀର ଜିଲ୍ଲାପାଳଙ୍କୁ ଉଚ୍ଚ ଶିକ୍ଷା ବିଭାଗଠାରୁ ଏହି ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ନେବା ପାଇଁ ଏବଂ ସରକାରଙ୍କ ନିକଟରେ ପ୍ରସ୍ତାବ ସହିତ ଅନୁମୋଦନକୁ ଉପସ୍ଥାପନ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା ।

୩.୩ ରାଜ୍ୟ ଅନୁଯାୟୀ, ଇତି ମଧ୍ୟରେ ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡିକ ଉପରେ ଆଇନ ବିଭାଗର ମତାମତ ଲୋଡ଼ା ଯାଇଥିଲା:

(କ) କ'ଣ ଫାଉଣ୍ଡେସନ ଏକ ଶିକ୍ଷାପ୍ରଦାନକାରୀ ଫାଉଣ୍ଡେସନ? ଏବଂ

(ଖ) ସାର୍ବଜନୀନ ଉଦ୍ଦେଶ୍ୟ ନିମନ୍ତେ ଜମି ଅଧିଗ୍ରହଣ କରିବା ଆବଶ୍ୟକ କି?

୩.୪ ଏହାପରେ ଆଇନ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟରେ ଯୋଗାଯୋଗ ହୋଇଥିଲା । ଆଇନ ବିଭାଗ ବ୍ୟକ୍ତ କଲେ ଯେ ୧୮୯୪ ଅଧିନିୟମ ଅଧୀନରେ ପ୍ରସ୍ତାବିତ ଶିକ୍ଷା ଯୋଜନା ପାଇଁ ଜମି ଅଧିଗ୍ରହଣ କରାଯାଇପାରିବ, ଯଦି ସରକାରଙ୍କ କୌଣସି ସମ୍ପୃକ୍ତ ବିଭାଗ କାର୍ଯ୍ୟକାରୀ କରିବା ପାଇଁ ଏହି ଯୋଜନାକୁ ପ୍ରାୟୋଜିତ କରିବେ । ବିକଳ୍ପରେ, କୌଣସି ସମାଜ ଦ୍ୱାରା ପ୍ରାୟୋଜିତ ଶିକ୍ଷାଦାନ ଯୋଜନା ପାଇଁ ସରକାରଙ୍କ ପୂର୍ବାନୁମତି ଦ୍ୱାରା ଜମି ଅଧିଗ୍ରହଣ କରାଯାଇପାରିବ । ତେଣୁ ଆଇନ ବିଭାଗ ମତପୋଷଣ କଲେ ଯେ ୧୮୯୪ ମସିହା ଅଧିନିୟମ ଅଧୀନରେ ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଇପାରିବ ଯଦି ସରକାରଙ୍କ ଦ୍ୱାରା କୌଣସି ଶିକ୍ଷା ଯୋଜନା ପ୍ରାୟୋଜିତ ହୁଏ କିମ୍ବା ସରକାରଙ୍କ ପୂର୍ବାନୁମୋଦନରେ ଏକ

ପଞ୍ଜୀକୃତ ସମାଜ ଦ୍ୱାରା ପ୍ରାୟୋଜିତ ହୁଏ । ବିକଳ୍ପରେ ଏହା ମଧ୍ୟ ମତବ୍ୟକ୍ତ କରାଯାଇଛି ଯେ ଓଡ଼ିଶା ରାଜ୍ୟ ପ୍ରଶାସନିକ ବିଭାଗ ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ ଅଧିନିୟମ ୧୯୮୦ ର ଧାରା ୧୫ ଅଧୀନରେ ଜମି ଅଧିଗ୍ରହଣ ହୋଇପାରିବ କି ନାହିଁ ତାହା ଯାଞ୍ଚ କରିପାରିବ । ଉପରୋକ୍ତ ମତାମତ ମିଳିବା ପରେ ପ୍ରଶାସନିକ ବିଭାଗର ମତ ଥିଲା ଯେ ଇଡକୋ ଜରିଆରେ ଯିବାର ଦ୍ୱିତୀୟ ବିକଳ୍ପ ସମ୍ଭବ ନୁହେଁ ଏବଂ ଉଚ୍ଚ ଶିକ୍ଷା ବିଭାଗ ଏହି ପ୍ରକଳ୍ପକୁ ସିଧାସଳଖ ପ୍ରାୟୋଜିତ ଏବଂ ଅଧିକୃତ କରିବ କି ନାହିଁ ଏବଂ ଏହା ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଗଠିତ ଏକ ସମାଜ ଜରିଆରେ କରାଯିବ କି ନାହିଁ ତାହା ବିଚାର କରିବା ଲାଗି ପରାମର୍ଶ ଦେଇଥିଲେ ।

୩.୫ ଏହାପରେ ଘରୋଇ କମ୍ପାନୀକୁ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତିତ କରିବା ପାଇଁ ବିକଳ୍ପ ଅନ୍ୱେଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା, ଯାହା ଉପରେ ଆଇନ ବିଭାଗର ମତ ପୁଣିଥରେ ଲୋଡ଼ା ଯାଇଥିଲା । ଆଇନ ବିଭାଗ ମତ ଦେଲେ ଯେ, ଭାଗ-VII ୧୮୯୪ ଅଧିନିୟମର ଭାଗ-VII ଅଧୀନରେ 'ସାର୍ବଜନୀନ କମ୍ପାନୀ' ପାଇଁ ଜମି ଅଧିଗ୍ରହଣ କରାଯାଇପାରିବ । ବେଦାନ୍ତ ଫାଉଣ୍ଡେସନ ପୁଣିଥରେ ନିଜର ନାମ ବଦଳାଇ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ କରିନେଲା । ନାମ ପରିବର୍ତ୍ତନ କାରଣରୁ ୦୬.୦୯.୨୦୦୬ ରେ କମ୍ପାନୀ ଅଧିନିୟମର ଧାରା ୨୩(୧) ଅଧୀନରେ କମ୍ପାନୀ ରେଜିଷ୍ଟ୍ରାରଙ୍କଠାରୁ ଏକ ନୂତନ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର (ଇନକର୍ପୋରେସନ ସାର୍ଟିଫିକେଟ) ହାସଲ କରିଥିଲା ।

୩.୬ ୧୬.୧୦.୨୦୦୬ ରେ ଅନୁଷ୍ଠିତ ଅନିଲ ଅଗ୍ରୱାଲ ଫାଉଣ୍ଡେସନର ନିର୍ଦ୍ଦେଶକମଣ୍ଡଳ (ବୋର୍ଡ ଅଫ୍ ଡାଇରେକ୍ଟର୍ସ)ଙ୍କ ବୈଠକରେ କମ୍ପାନୀର ସ୍ଥିତିକୁ ଘରୋଇ କମ୍ପାନୀରୁ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତନ କରିବା ଲାଗି ଏକ ସଂକଳ୍ପ ପାରିତ ହୋଇଥିଲା । ବେଦାନ୍ତ ଫାଉଣ୍ଡେସନର ନାମ ଏବଂ ଢାଞ୍ଚା ପରିବର୍ତ୍ତନ ସମ୍ପର୍କରେ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ୦୧.୧୧.୨୦୦୬ ରେ ଉଚ୍ଚ ଶିକ୍ଷା ବିଭାଗକୁ ସୂଚନା ପ୍ରଦାନ କରିଥିଲା । ୨୪.୧୧.୨୦୦୬ ରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଉଚ୍ଚ ଶିକ୍ଷା ବିଭାଗର ସଚିବଙ୍କୁ ନିଶ୍ଚିତ କରାଇଥିଲେ ଯେ କମ୍ପାନୀର ସ୍ଥିତି ଏକ ଘରୋଇ କମ୍ପାନୀରୁ ବଦଳାଯାଇ ଏକ ସାର୍ବଜନୀନ କମ୍ପାନୀରେ ପରିଣତ କରାଗଲା । ସେହିଦିନ, ୨୪.୧୧.୨୦୦୬ ରେ ପୁରୀ ଜିଲ୍ଲାପାଳ ରାଜସ୍ୱ ବିଭାଗର ଯୁଗ୍ମ ସଚିବଙ୍କୁ କମ୍ପାନୀ ଏକ ସାର୍ବଜନୀନ କମ୍ପାନୀରେ ପରିଣତ ହେବା ବିଷୟରେ ସୂଚନା ଦେଇଥିଲେ ଏବଂ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଲାଗି ସଂଶୋଧିତ ପ୍ରଶାସନିକ ଅନୁମୋଦନ ଲାଗି ଉଚ୍ଚ ଶିକ୍ଷା ବିଭାଗକୁ ସୂଚନା ଦେଇଥିଲେ ।

୩.୭ ଏହାପରେ ୧୩.୧୨.୨୦୦୬ ରୁ ୨୧.୦୮.୨୦୦୭ ମଧ୍ୟରେ ୬୯୧୭.୬୩ ଏକର ଜମି ପାଇଁ ଅଧିନିୟମ ୧୮୯୪ ର ଧାରା ୪(୧) ଅଧୀନରେ ବିଜ୍ଞପ୍ତିମାନ ଜାରି କରାଯାଇଥିଲା । ଏହି ବିଜ୍ଞପ୍ତିରେ, ଅନ୍ୟାନ୍ୟ ପ୍ରସଙ୍ଗ ବ୍ୟତୀତ, ୧୮୯୪ ର ଅଧିନିୟମର ସପ୍ତମ ଅଧ୍ୟାୟ ଅନୁଯାୟୀ ଏହି ଅଧିଗ୍ରହଣ କରାଯାଉଥିବା ଦର୍ଶାଗଲା । ଏହାପରେ ୧୮୯୪ ଅଧିନିୟମ ଧାରା ୬ ଅଧୀନରେ ୫୬୧୯.୦୫ ଏକର ଜମି ପାଇଁ ଏକ ଘୋଷଣାନାମା ଜାରି କରାଯାଇ ୧୮୯୪ ଅଧିନିୟମ ଧାରା ୫କ ଅଧୀନରେ ଆପତ୍ତି

ଆମନ୍ତ୍ରଣ କରାଯାଇଥିଲା । ଆବେଦନକାରୀଙ୍କ କହିବା ଅନୁଯାୟୀ, ଅଧିନିର୍ଣ୍ଣୟ ଘୋଷଣା କରାଯିବା ପରେ, ଅଧିଗ୍ରହଣ କରାଯାଇଥିବା ୩୩୪୨ ଏକର ଜମି ଏବଂ ପ୍ରାୟୋଜିତ ୪୯୫ ଏକର ସରକାରୀ ଜମିର ଦଖଲାଧିକାର ପ୍ରଦାନ କରାଯାଇଥିଲା ଏବଂ ୪୧.୯୬ କୋଟି ଟଙ୍କାର କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇଥିଲା ।

୩.୮ ଯେହେତୁ ଏକ ବିଶାଳ ଭୂଖଣ୍ଡ ଗରିବ, କ୍ଷୁଦ୍ର ଚାଷୀଙ୍କର ଥିଲା ଏବଂ ଏହିପରି ଅଧିଗ୍ରହଣ କରାଯାଇଥିବା ଭୂମି ଏକ ସମ୍ମାନଜନକ ସ୍ଥାନରେ ଥିଲା ଏବଂ ହଜାର ହଜାର କୃଷକ ପରିବାର ଏତେ ବିଶାଳ ଭୂଖଣ୍ଡ ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ତାହା ମଧ୍ୟ ଏକ ଘରୋଇ କମ୍ପାନୀ ନାମରେ ଥିଲା, ଯାହାକି ଅସତ୍ ଉଦ୍ଦେଶ୍ୟ ରଖି ପରବର୍ତ୍ତୀକାଳରେ ସାର୍ବଜନୀନ କମ୍ପାନୀରେ ପରିଣତ କରାଯାଇଥିଲା, ତେଣୁ ସମସ୍ତ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା / ପ୍ରକ୍ରିୟା ବିରୁଦ୍ଧରେ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନମାନ ଦାଖଲ କରାଯାଇଥିଲା ।

୩.୯ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା, ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଜନସ୍ୱାର୍ଥ ମାମଲା ସମେତ ରିଟ୍ ଆବେଦନକୁ ନିମ୍ନମତେ ଗ୍ରହଣ କରିଥିଲେ –

> (i) ଆରମ୍ଭ ପର୍ଯ୍ୟାୟଠାରୁ ତଥାକଥିତ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ପର୍ଯ୍ୟନ୍ତ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା, ଯାହା ବାସ୍ତବରେ ଏବଂ ଆଇନତଃ ପ୍ରଦାନ କରାଯାଇନାହିଁ ଏବଂ ଆରୋପିତ ଜମିର ଦଖଲାଧିକାର ଗ୍ରହଣ ଦ୍ୱାରା ଧାରା ୪, ୫କ, ୬, ୯, ୧୦, ୧୧, ୧୨, (୨), ୨୩, ୨୪ ର ବୈଧାନିକ ବ୍ୟବସ୍ଥା ସହିତ ପଠିତ ୧୮୯୪ ର ଅଧିନିୟମର ଭାଗ-VII ଅଧିନସ୍ଥ ବ୍ୟବସ୍ଥାର ଖୋଲା ଉଲ୍ଲଂଘନ ହୋଇଛି;

(ii) ବେଦାନ୍ତ ଫାଉଣ୍ଡେସନ ଦ୍ୱାରା କରାଯାଇଥିବା ଅନୁରୋଧ ଆଧାରରେ ହିତାଧିକାରୀ କମ୍ପାନୀ ସପକ୍ଷରେ ଭୁଲ ଭାବରେ ତଥ୍ୟକୁ ଉପସ୍ଥାପନ କରି ଏବଂ ରାଜ୍ୟ ସରକାରଙ୍କ ସହ ପ୍ରତାରଣା କରି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରିବା ଦ୍ୱାରା ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ଭ୍ରଷ୍ଟ କରିଦେଇଛି;

(iii) ଏହି କି ଯେ, ଜନସ୍ୱାର୍ଥ ବ୍ୟାପକ ଭାବେ ପ୍ରଭାବିତ ହୋଇଛି ଏବଂ ଆଇନର ନିୟମ ଉଲ୍ଲଂଘନ ହୋଇଛି;

(iv) ଏହି ଜନସ୍ୱାର୍ଥ ମାମଲା ପରିଚାଳନା ଯୋଗ୍ୟ ଥିଲା, ଯାହାକି ସେହି କ୍ଷୁଦ୍ର ଜମିଧାରୀମାନଙ୍କ ତରଫରୁ ହୋଇଥିଲା, ଯେଉଁମାନଙ୍କ ପାଖରେ ଏହି ଅଦାଲତରେ ମାମଲା ଲଢ଼ିବା ପାଇଁ କୌଣସି ସମ୍ବଳ ନଥିଲା ;

(v) ତେଣୁ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଏବଂ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇନଥିବା ସମସ୍ତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସଂପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ୧୮୯୪ ଅଧିନିୟମର ବ୍ୟବସ୍ଥାକୁ ଖୋଲା ଉଲ୍ଲଂଘନ କରୁଥିବା କାରଣରୁ ବାତିଲ ହେବା ଯୋଗ୍ୟ ।

୩.୧୦ ଏହାପରେ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୬୯ ଅନୁଯାୟୀ ନିମ୍ନଲିଖିତ ଆଦେଶ ପ୍ରଦାନ କରିଛନ୍ତି, ଯାହାକି ନିମ୍ନରେ ଦିଆଗଲା: -

> "୬୯. ଫଳସ୍ୱରୂପ, ଆମେ ରିଟ୍ ଆବେଦନଗୁଡ଼ିକୁ ଅନୁମତି ଦେଉଛୁ, ଧାରା ୪(୧) ଏବଂ ୬ ଅଧିନସ୍ଥ ବିଜ୍ଞପ୍ତି ସମେତ ଆକ୍ଷେପିତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରୁଛୁ ଏବଂ ହିତାଧିକାରୀ କମ୍ପାନୀ ସପକ୍ଷରେ ଭୂମି ଅଧିଗ୍ରହଣ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାରେ ପାରିତ ଅଧିନିର୍ଣ୍ଣୟକୁ ରଦ୍ଦ କରୁଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ଅଧିଗ୍ରହଣ କରାଯାଇଥିବା ଜମିର

ଅଧିକାର ସମ୍ପୃକ୍ତ ଜମି ମାଲିକମାନଙ୍କୁ ଫେରସ୍ତ ଦିଆଯିବ, ସେମାନେ ସେମାନଙ୍କର ଭୂମିଗୁଡିକର ଅଧିଗ୍ରହଣକୁ ବିରୋଧ କରିଥାନ୍ତୁ କିମ୍ବା ନ କରିଥାନ୍ତୁ । ଜମିମାଲିକମାନଙ୍କୁ ଜମି ଦଖଲାଧିକାର ଫେରାଇ ଦିଆଯିବା ପରେ ସେମାନେ ସେମାନଙ୍କ ଜମି ବାବଦରେ କ୍ଷତିପୂରଣ ରୂପେ କିମ୍ବା ଅନ୍ୟଥା ପ୍ରାପ୍ତ ଅର୍ଥକୁ ଫେରସ୍ତ କରିବେ। ଆମ୍ଭେ ରାଜ୍ୟ ସରକାରଙ୍କୁ ହିତାଧିକାରୀ କମ୍ପାନୀକୁ ଲିଜ ଜରିଆରେ ଦିଆଯାଇଥିବା ଜମିକୁ ପୁନର୍ଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇ ସରକାରୀ ଜମି ବନ୍ଦୋବସ୍ତ ନିୟମାବଳୀର ନିୟମ ୫ ଅଧୀନରେ ହିତାଧିକାରୀ କମ୍ପାନୀକୁ ଦିଆଯାଇଥିବା ସରକାରୀ ଜମି ଦଖଲ ଅନୁମତିକୁ ଖାରଜ କରୁଛୁ । ସମ୍ପୃକ୍ତ ରାଜ୍ୟ ସରକାର, ଜମି ମାଲିକ ଏବଂ ହିତାଧିକାରୀ କମ୍ପାନୀଙ୍କ ସମେତ ସମସ୍ତେ ଯଥାଶୀଘ୍ର ଉପରୋକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବେ ।"

୩.୧୧ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସାମୁହିକ ରାୟ ଓ ଆଦେଶ ଏବଂ ରାୟର ଅନୁଚ୍ଛେଦ ୬୯ ରେ ଦିଆଯାଇଥିବା ଆଦେଶର କାର୍ଯ୍ୟକାରୀ ଅଂଶ ବର୍ତ୍ତମାନର ଆବେଦନଗୁଡିକର ବିଷୟବସ୍ତୁ ଅଟେ ।

୪. ସମ୍ପୃକ୍ତ ଆବେଦନକାରୀଙ୍କ ତରଫରୁ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ସି ଆର୍ଯ୍ୟମା ସୁନ୍ଦରମ୍ ଏବଂ ଶ୍ରୀ ରାକେଶ ଦ୍ୱିବେଦୀ ଦୃଢତାର ସହ ଦର୍ଶାଇଛନ୍ତି ଯେ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରି ବସ୍ତୁତଃ ଭୁଲ କରିଛନ୍ତି ଏବଂ ଏପରିକି ଯାହାର ଜମି ଅଧିଗ୍ରହଣ ହେଉଥିଲା ସେମାନେ ମଧ୍ୟ ଜମି ଅଧିଗ୍ରହଣ ପ୍ରକ୍ରିୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନାହାଁନ୍ତି ଏବଂ / କିମ୍ବା ସେମାନଙ୍କ

ମଧ୍ୟରୁ ଅନେକ ୧୮୯୪ ଅଧିନିୟମ ୫କ ଅଧିନରେ କୌଣସି ଆପତ୍ତି ଉଠେଇ ନାହାଁନ୍ତି ।

୪.୧ ସଂପୃକ୍ତ ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଅଧିବକ୍ତା ସେମାନଙ୍କ ଉପସ୍ଥାପନାକୁ ସମର୍ଥନ କରିବା ପାଇଁ ନିମ୍ନଲିଖିତ ତଥ୍ୟ ଉପରେ ବିଚାର କରିବା ପାଇଁ ପ୍ରାର୍ଥନା କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସଂପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ବାତିଲ କରି ଆକ୍ଷେପିତ ରାୟ ଏବଂ ଆଦେଶ ଦେବା ନ୍ୟାୟସଙ୍ଗତ ନୁହେଁ :-

(i) ଏହା ଉପସ୍ଥାପନ କରାଗଲା ଯେ, ୧୮୯୪ ଅଧିନିୟମର ଧାରା ୪ ଅଧୀନରେ ୧୩.୧୨.୨୦୦୬ ରୁ ୨୧.୦୮.୨୦୦୭ ମଧ୍ୟରେ ୬୯୧୭.୬୩ ଏକର ଜମି ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା;

(ii) ୧୮୯୪ ଅଧିନିୟମର ଧାରା ୬ ଅଧୀନରେ ୫୬୧୯.୦୫ ଏକର ଜମି ପାଇଁ ଘୋଷଣା କରାଯାଇଥିଲା, ତା' ପୂର୍ବରୁ ୧୮୯୪ ଅଧିନିୟମ ଧାରା ୫କ ଅଧୀନରେ ଆପତ୍ତି ମଗାଯାଇଥିଲା ।

(iii) ମାତ୍ର ୧୩ ଜଣ ଭୂମାଲିକ, ଯେଉଁମାନେ ୭୮.୮୯ ଏକର ଜମିର ମାଲିକ ଥିଲେ, ସେମାନଙ୍କର ଆପତ୍ତି ଦାଖଲ କରିଥିଲେ, ୩ ଜଣ ଜମିମାଲିକଙ୍କର ୨୫.୬୧ ଏକର ପର୍ଯ୍ୟନ୍ତ ଜମି ସମ୍ବନ୍ଧରେ ଆପତ୍ତି ଗ୍ରହଣ କରାଯାଇଥିଲା, ଏବଂ ୧୦ ଟି ଆପତ୍ତି ଖାରଜ କରାଯାଇଥିଲା । ସେହି ୧୦ ଜଣ ଅସ୍ୱୀକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେହି ଜଣେ ମଧ୍ୟ କୌଣସି ଅଦାଲତର ଦ୍ୱାରସ୍ଥ ହୋଇନଥିଲେ ।

(iv) ଅଧିଗ୍ରହଣ କରାଯାଇଥିବା ୩୩୪୨ ଏକର ଜମିର ଦଖଲାଧିକାର ହିତାଧିକାରୀଙ୍କ ସପକ୍ଷରେ ହସ୍ତାନ୍ତର କରାଗଲା ।

(v) ୪୯୫ ଏକର ସରକାରୀ ଜମିର ମାଲିକାନା ମଧ୍ୟ ହସ୍ତାନ୍ତର କରାଯାଇଥିଲା ।

(vi) ଏହା ଉପସ୍ଥାପନ କରାଗଲା ଯେ, ସେଥିପାଇଁ ମୋଟ ୩୮୩୭ ଏକର ଜମିର ଦଖଲାଧିକାର ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ।

(vii) ହିତାଧିକାରୀ ୪୧.୯୬ କୋଟି ଟଙ୍କାର କ୍ଷତିପୂରଣ ଦେଇ ସାରିଛନ୍ତି ।

(viii) ଏହା କୁହାଯାଇଛି ଯେ କ୍ଷତିପୂରଣ ବ୍ୟତୀତ ୨୫.୧୩ କୋଟି ଟଙ୍କାର ଅନୁକମ୍ପା ରାଶି ମଧ୍ୟ ପ୍ରଦାନ କରାଯାଇଛି ।

(ix) ଏହିପରି ୩୮୩୭ ଜଣ ବ୍ୟକ୍ତି ଉପରୋକ୍ତ କ୍ଷତିପୂରଣ ପାଇଛନ୍ତି ବୋଲି ଉପସ୍ଥାପନ କରାଯାଇଛି ।

ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରି ବସ୍ତୁତଃ ଭୁଲ କରିଛନ୍ତି ।

୪.୨ ଏହା ମଧ୍ୟ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟରେ ମୋଟ ୯ ଜଣ ରିଟ ଆବେଦନ ଦାଖଲକାରୀ ଥିଲେ । ସେଥିମଧ୍ୟରୁ ଜଣେ ଧାରା ୫କ ଅଧୀନରେ ଆପତ୍ତିକାରୀ ଥିଲେ, ତେବେ ଜମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାରୁ ତାଙ୍କ ଜମି ବାଦ ହୋଇଥିଲା । ତେଣୁ ସେ ଏବେ ଏହି ନ୍ୟାୟାଳୟରେ କେବଳ ଏକ ଔପଚାରିକ ପକ୍ଷ ।

୪.୨.୧ ଏହା ଉପସ୍ଥାପନ କରାଯାଇଛି ଯେ ମୂଳ ରିଟ୍ ଆବେଦନକାରୀମାନଙ୍କ ମଧ୍ୟରୁ ଜଣେ ଜମି ହରାଇଥିବା ବ୍ୟକ୍ତି ଥିଲେ, କିନ୍ତୁ ସେ ଧାରା ୫କ ଅଧୀନରେ ଆପତ୍ତି ଉଠାଇଥିବା ବ୍ୟକ୍ତି ନଥିଲେ । ତାଙ୍କ ଜମି ମଧ୍ୟ ଧାରା ୬ ର ପର୍ଯ୍ୟାୟରେ ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାରୁ ବାଦ ଯାଇଥିଲା ।

୪.୨.୨ ମୂଳ ରିଟ ଆବେଦନକାରୀଙ୍କ ମଧ୍ୟରୁ ପାଞ୍ଚ ଜଣ ଜମି ହରାଇଛନ୍ତି, କିନ୍ତୁ ଧାରା ୫କ ଅଧୀନରେ ଆପତ୍ତି ଉଠାଇନାହାଁନ୍ତି ।

୪.୨.୩ ରିଟ ଆବେଦନକାରୀଙ୍କ ମଧ୍ୟରୁ ଦୁଇଜଣ ପିଆଇଏଲ ଆବେଦନକାରୀ ଅଟନ୍ତି ।

୪.୩ ଏହା ଉପସ୍ଥାପନ କରାଯାଇଛି ଯେ, ଆଜି ସୁଦ୍ଧା ଏହି ନ୍ୟାୟାଳୟ ସମ୍ମୁଖରେ ମୋଟ ୭ ଜଣ ଜମିହରାଇଥିବା ବ୍ୟକ୍ତି ଯାହାଙ୍କର ପାଖାପାଖି ୧୧.୫୨ ଏକର ଜମି ରହିଛି, ତେବେ ସେମାନଙ୍କ ମଧ୍ୟରୁ କେହି ଧାରା ୫କ ଅଧୀନରେ ଆପତ୍ତି ଦାଖଲ କରିନାହାନ୍ତି । ହିତାଧିକାରୀଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଅଧିବକ୍ତା ନ୍ୟାୟାଳୟରେ କହିଛନ୍ତି ଯେ ଆବେଦନକାରୀ ବର୍ତ୍ତମାନ ସେମାନଙ୍କ ଜମିକୁ ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାରୁ ବାଦ ଦେବାକୁ ଚାହୁଁଛନ୍ତି , ଯଦିଓ ସେମାନେ ଧାରା ୫କ ର ଆପତ୍ତି ଦାଖଲ କରିନଥିଲେ ।

୪.୪ ଆହୁରି ମଧ୍ୟ ଉପସ୍ଥାପିତ ହୋଇଛି ଯେ, ପିଆଇଏଲ ରିଟ୍ ଆବେଦନକାରୀ ଦ୍ୱାରା ପୂର୍ବରୁ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ରିଟ୍ ଆବେଦନ (ଦେୱାନୀ) ସଂଖ୍ୟା ୬୯୮୧ / ୨୦୦୮ ଖାରଜ ହୋଇଥିବା ଦୃଷ୍ଟିରେ ଉଚ୍ଚ ନ୍ୟାୟାଳୟ ଏହାର ସମ୍ମୁଖରେ ଥିବା ତତ୍କାଳ ଜନସ୍ୱାର୍ଥ ମାମଲାଗୁଡିକୁ ପ୍ରୋତ୍ସାହିତ କରିବା ଉଚିତ ନଥିଲା ।

୪.୫ ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଉପସ୍ଥାପନ କରାଯାଇଛି ଯେ ଏଠାରେ ଉପରେ ଯେପରି ଅବଲୋକନ କରାଯାଇଛି ଯେ, କେତେକ ବ୍ୟକ୍ତିଙ୍କ ବ୍ୟତୀତ ଉକ୍ତ ଜମି ହରାଇଥିବା ଅନ୍ୟ କେହି ବି ଧାରା ୫କ ଅଧୀନରେ କୌଣସି ଆପତ୍ତି ଉପସ୍ଥାପନ କରିନାହାଁନ୍ତି । **ଦିଲ୍ଲୀ ପ୍ରଶାସନ ବନାମ ଗୁରଦୀପ ସିଂହ ଉବନ ଏବଂ ଅନ୍ୟମାନେ, (୨୦୦୦) ୭ ଏସ ସି ସି ୨୯୬** ମାମଲାରେ ଏହି ନ୍ୟାୟାଳୟ

ଦ୍ୱାରା ଯାହା ପରିଲକ୍ଷିତ ଓ କୁହାଯାଇଛି, ସମସ୍ତ ବ୍ୟକ୍ତିଗତ ପ୍ରକୃତିର ଆପତ୍ତିଗୁଡ଼ିକୁ ପରିତ୍ୟାଗ କରିବାକୁ ବିବେଚନା କରାଯିବ ।

୪.୬ **ଭି. ଚନ୍ଦ୍ରଶେଖରନ ଏବଂ ଅନ୍ୟଜଣେ ବନାମ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ, (୨୦୧୨) ୧୨ ଏସ ସି ସି ୧୩୩** ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ଭରସା କରି, ଆହୁରି ମଧ୍ୟ ଉପସ୍ଥାପନ କରାଯାଇଛି ଯେ, ଯଦି ଜଣେ ଜମି ହରାଇଥିବା ବ୍ୟକ୍ତି ଏହି ଅଧିଗ୍ରହଣକୁ ଆପତ୍ତି କରିଥାଏ, ତେବେ ୧୮୯୪ ଅଧିନିୟମର ଧାରା ୫କ ଅଧୀନରେ ଆପତ୍ତି ଦାଖଲ କରିନଥିବା ଅନ୍ୟ କେହି ବ୍ୟକ୍ତି ଏହାର ଫାଇଦା ଉଠାଇ ପାରିବେ ନାହିଁ ।

**୪.୭** ସମ୍ପୃକ୍ତ ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଆହୁରି ଉପସ୍ଥାପନ କରାଯାଇଛି ଯେ, ବର୍ତ୍ତମାନର ମାମଲାରେ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, କାରଣ, ୧୮୯୪ ଅଧିନିୟମର ଧାରା ୬ ଅଧୀନରେ ଘୋଷଣା ପରେ ଏବଂ ଧାରା ୧୧ ଅଧୀନରେ ତଦନ୍ତ କରିବା ପରେ, ଅଧିନିର୍ଣ୍ଣୟ ଘୋଷଣା କରାଯାଇଥିଲା ଏବଂ ଅଧିକାଂଶ ଜମିମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା ଏବଂ ଏପରିକି ୩୩୪୨ ଏକର ଜମିର ଦଖଲାଧିକାର ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ତେଣୁ ଯେତେବେଳେ ଅଧିଗ୍ରହଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, ଅଧିନିର୍ଣ୍ଣୟ ପ୍ରଦାନ କରାଯାଇସାରିଛି, ଦଖଲ ଗ୍ରହଣ କରାଯାଇସାରିଛି ଏବଂ କ୍ଷତିପୂରଣ ରାଶି ବଣ୍ଟନ କରାଯାଇଛି, ସେ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିବା ବାଞ୍ଛନୀୟ ନୁହେଁ ।

୪.୮  ହିତାଧିକାରୀଙ୍କ ତରଫରୁ ଉପସ୍ଥିତ ଶ୍ରୀମାନ  ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇଛି ଯେ ଯଦିଓ ପ୍ରାରମ୍ଭରେ ଏକ ଘରୋଇ କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ କରାଯିବାକୁ ଥିଲା,  ତଥାପି, ପରେ କମ୍ପାନୀକୁ କମ୍ପାନୀ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ଏକ ସାର୍ବଜନୀନ  ଲିମିଟେଡ  କମ୍ପାନୀରେ ରୂପାନ୍ତରିତ କରାଯାଇଥିଲା । ସେ ଆମ୍ଭର ଧ୍ୟାନ ବିଭିନ୍ନ ଯୋଗାଯୋଗ ଏବଂ ହିତାଧିକାରୀ କମ୍ପାନୀକୁ ସାର୍ବଜନୀନ (ପବ୍ଲିକ୍) ଲିମିଟେଡ୍ କମ୍ପାନୀରେ ରୂପାନ୍ତରିତ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଦିଗକୁ ନେଇ ଯାଇଛନ୍ତି  ।

୪.୯ ସେହି ଦଲିଲଗୁଡିକ ଉପରେ ନିର୍ଭର କରି, ଏହା ଦୃଢତାର ସହ ଉପସ୍ଥାପନା କରାଯାଇଛି ଯେ ଯେତେବେଳେ ଧାରା ୪ ରେ ବିଜ୍ଞପ୍ତି ଜାରି କରାଯାଇଥିଲା, ହିତାଧିକାରୀ କମ୍ପାନୀ ତା' ପୂର୍ବରୁ ଏକ ସାର୍ବଜନୀନ କମ୍ପାନୀରେ ପରିଣତ ହୋଇ ସାରିଥିଲା ।  ତେଣୁ ହିତାଧିକାରୀ କମ୍ପାନୀ ସପକ୍ଷରେ ଅଧିଗ୍ରହଣ ସମ୍ପୂର୍ଣ୍ଣଭାବେ ୧୮୯୪ ଅଧିନିୟମର ବ୍ୟବସ୍ଥା ସହ ତାଳମେଳ ଥିଲା । ଏହା ମଧ୍ୟ ଉପସ୍ଥାପନା କରାଯାଇଛି ଯେ ପୁଙ୍ଖାନୁପୁଙ୍ଖ  ବିଚାରବିମର୍ଷ ପରେ ଏବଂ ଶିକ୍ଷାକ୍ଷେତ୍ରରେ ଟ୍ରଷ୍ଟ / କମ୍ପାନୀର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ଧ୍ୟାନରେ ରଖି ହିତାଧିକାରୀ ଟ୍ରଷ୍ଟ / କମ୍ପାନୀ ସପକ୍ଷରେ ଜମି ଅଧିଗ୍ରହଣ କରାଯାଇଥିଲା । ଏହା ଉପସ୍ଥାପନା କରାଯାଇଛି ଯେ ହିତାଧିକାରୀ କମ୍ପାନୀ / ଟ୍ରଷ୍ଟ , ଓଡ଼ିଶା ରାଜ୍ୟରେ ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଚାହୁଁଛି ଏବଂ / କିମ୍ବା ଅଭିଳାଷ ରଖିଛି ।

୪.୧୦ ହିତାଧିକାରୀ କମ୍ପାନୀ ତରଫରୁ ହାଜର ହୋଇଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଉପସ୍ଥାପନ କରାଯାଇଛି ଯେ ଯଦି ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ ଏହି ନ୍ୟାୟାଳୟ ଦ୍ୱାରା ହସ୍ତକ୍ଷେପ କରାଯିବ ନାହିଁ, ତେବେ ଆବେଦନକାରୀଙ୍କ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଶୋଚନୀୟ ତଥା ପ୍ରତିକୂଳ ପ୍ରଭାବ ପଡ଼ିବ ।

୪.୧୧ ଏହା ଉପସ୍ଥାପନ କରାଯାଇଛି ଯେ ଆବେଦନକାରୀ-ହିତାଧିକାରୀ ୩୮୩୭ ଏକର ଜମି ପାଇଁ ଏକ ପରିକଳ୍ପନା ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହା ବର୍ତ୍ତମାନ ସେମାନଙ୍କ ଦଖଲାଧିକାରରେ ରହିଛି । ଏଥିରେ କୁହାଯାଇଛି ଯେ, ପରିକଳ୍ପନା ଯୋଜନାରେ ୧,୦୦,୦୦୦ ବିଦ୍ୟାର୍ଥୀଙ୍କ ପାଇଁ ଏକ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ରଖାଯାଇଛି ଏବଂ ପର୍ଯ୍ୟାୟକ୍ରମେ ଏହି ବିଶ୍ୱବିଦ୍ୟାଳୟଟି ନିର୍ମିତ ହେବ । ପ୍ରଥମ ପର୍ଯ୍ୟାୟରେ ଚିକିତ୍ସା କ୍ଷେତ୍ରରେ ମହାବିଦ୍ୟାଳୟମାନ, ଉଦାର କଳା, ବିଜ୍ଞାନ ଓ ପ୍ରଯୁକ୍ତି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଡିଜାଇନ ଅନୁଷ୍ଠାନ ପ୍ରଭୃତି ପ୍ରତିଷ୍ଠା କରାଯିବ ।

୪.୧୨ କୁହାଯାଇଛି ଯେ ବିଶିଷ୍ଟ ଶିକ୍ଷାବିତମାନେ ପୂର୍ବରୁ ହିଁ ପ୍ରକଳ୍ପର ପରାମର୍ଶଦାତା / ଶିକ୍ଷା ପରିଷଦରେ ରହିଛନ୍ତି । ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଧାରା ୪୧ ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଦିଆଯାଇଛି ଯେ ଏହି ଜମିକୁ ବିଶ୍ୱବିଦ୍ୟାଳୟ ପାଇଁ ଉପଯୋଗ କରାଯିବ ଏବଂ ଯଦି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଜମିର କୌଣସି ଅଂଶକୁ ବ୍ୟବହାର କରା ନ ଯାଏ ତେବେ ଉକ୍ତ ଅଂଶ ରାଜ୍ୟ ସରକାରଙ୍କ ପାଖକୁ ଫେରିଯିବ ।

୪.୧୩ ସମ୍ପୃକ୍ତ ଆବେଦନକାରୀମାନଙ୍କ ତରଫରୁ ଉପସ୍ଥିତ ସେମାନଙ୍କର ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ କୁହାଯାଇଛି ଯେ ସମ୍ପୃକ୍ତ ଜମି ଅଧିଗ୍ରହଣ ପରେ ମଧ୍ୟ ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ ଥଇଥାନ ପଦକ୍ଷେପ ନିଆଯାଇଛି, ଯାହା ନିମ୍ନରେ ଦିଆଗଲା:-

> "୧. ରାଜ୍ୟ ସରକାରଙ୍କ ଆର ଏଣ୍ଡ ଆର ନୀତି ଅନୁଯାୟୀ ୨୩୦ ବିସ୍ଥାପିତ ପରିବାରଙ୍କୁ ଆଶ୍ରୟ ଦେବା ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ମଧ୍ୟରେ ୬୫.୧୭ ଏକର ବିଶିଷ୍ଟ ଆର ଏଣ୍ଡ ଆର କଲୋନୀ ଜମିକୁ ଅଲଗା ରଖାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ଆର ଏଣ୍ଡ ଆର କଲୋନୀର ସ୍ଥାନଟି ସ୍ୱୟଂ ବିସ୍ଥାପିତ ପରିବାରମାନଙ୍କ ଦ୍ୱାରା ଚୟନ କରାଯାଇଛି ।
>
> ୨. ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରମାନେ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଁ ପ୍ରାଥମିକତା ପାଇବା ପାଇଁ ହକଦାର୍ ହେବେ ।
>
> ୩. ଆବେଦନକାରୀ ସମସ୍ତ ଜମି ହରେଇଥିବା ପରିବାରମାନଙ୍କ ମଧ୍ୟରୁ ଜଣେ ସ୍ନାତକ ଉପାଧିଧାରୀଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦେବାକୁ ରାଜି ହୋଇଛନ୍ତି ।
>
> ୪. ଭୂମିହୀନ କୃଷି ଶ୍ରମିକଙ୍କୁ ଅଣକୁଶଳୀ ନିର୍ମାଣ ଶ୍ରମିକ ଭାବେ ନିଯୁକ୍ତି ଦେବା ଲାଗି ଆବେଦନକାରୀ ରାଜି ହୋଇଛନ୍ତି । ଯଦି ତାହା ପ୍ରଦାନ କରାଯାଇନଥାଏ, ତେବେ ଅଧିକାର କରାଯିବା ତାରିଖରୁ ୨୦୧୦ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରକୁ ମାସିକ ୧୫୦୦ ଟଙ୍କାର ଜୀବନ ନିର୍ବାହ ଭତ୍ତା ଦିଆଯିବ ।

୫. ପୁରୀର ଡି ଏ ଭି ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଜମି ହରାଉଥିବା ପରିବାରର ଛାତ୍ରଛାତ୍ରୀଙ୍କ ଖର୍ଚ୍ଚ ବହନ କରିବାକୁ ଆବେଦନକାରୀ ରାଜି ହୋଇଛନ୍ତି ।"

୪.୧୪ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ ୧୮୯୪ ର ଅଧିନିୟମର ଭାଗ-VII ଏବଂ ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ଅନୁପାଳନ କରାଯାଇଛି (ଯାହାକୁ ଏଥିରେ ପରବର୍ତ୍ତୀ ସମୟରେ "ନିୟମାବଳୀ, ୧୯୬୩" କୁହାଯାଇଛି) । ବର୍ତ୍ତମାନର ମାମଲାରେ, ଭାଗ-VII ର ଅନୁପାଳନ କରାଯାଇଛି ଯାହା ନିମ୍ନରେ ଦିଆଗଲା:-

"୧. ଭାଗ-VII ର ଅନୁପାଳନ ଏ'ପରି କରାଯାଇଛି:

(i) ରାଜ୍ୟ ସରକାର ଧାରା ୩୯ / ୪୦ ଅନୁଯାୟୀ ସମ୍ମତି ପ୍ରଦାନ କରିଛନ୍ତି ।

(ii) ଧାରା ୪୦(୨) / ନିୟମ ୪ ଅଧୀନରେ ତଦନ୍ତ କରା ଯାଇଛି ।

(iii) ଧାରା ୪୧ ଅନୁଯାୟୀ ଫାଉଣ୍ଡେସନ ଦ୍ୱାରା ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ।

(iv) ଆବେଦନକାରୀ ଏକ ସାର୍ବଜନୀନ କମ୍ପାନୀ ହୋଇଥିବାରୁ ଧାରା ୪୪ଖ ପ୍ରଯୋଜ୍ୟ ହେବନାହିଁ ।"

୪.୧୫ ପୁନଶ୍ଚ ଏହା ମଧ୍ୟ ଉପସ୍ଥାପିତ ହୋଇଛି ଯେ ଯେତେଦୂର ନିୟମାବଳୀ, ୧୯୬୩ ସମ୍ପୃକ୍ତ, ଆବେଦନକାରୀଙ୍କ ତରଫରୁ ନିୟମ ୪ ର ତଦନ୍ତ କେବଳ ସେହି ମାମଲାରେ

ପ୍ରଯୁଜ୍ୟ ଅଟେ ଯେତେବେଳେ କି ଜମି କମ୍ପାନୀ ଦ୍ୱାରା ଚିହ୍ନଟ କରାଯାଇଥାଏ, ରାଜ୍ୟ ସରକାରଙ୍କ ଦ୍ୱାରା ନୁହେଁ ଏବଂ ଏହାପରେ କମ୍ପାନୀ ଦ୍ୱାରା ଉକ୍ତ ଚିହ୍ନଟ ଜମି ଅଧିଗ୍ରହଣ ପାଇଁ ଆବେଦନ କରାଯାଇଥାଏ । ଏହା ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ, ଜମି କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇନାହିଁ (ଏବଂ, ସୁତରାଂ, ଆବେଦନକାରୀ ହିତାଧିକାରୀ ଦ୍ୱାରା ନୁହେଁ), ବରଂ ନିୟମ ୪ ଅଧୀନରେ ପରିକଳ୍ପିତ ତଦନ୍ତ କରିବା ପରେ ଏ'ପରି କରାଯାଇଛି । ତାଙ୍କର ଉପରୋକ୍ତ ବକ୍ତବ୍ୟର ସମର୍ଥନରେ, ଆବେଦନକାରୀ ଟ୍ରଷ୍ଟ / ହିତାଧିକାରୀଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ସି. ଆର୍ଯ୍ୟମା ସୁନ୍ଦରମ୍, ନିମ୍ନଲିଖିତ ତାରିଖ ଏବଂ ଘଟଣାକୁ ବିବେଚନା କରିବା ପାଇଁ ପ୍ରାର୍ଥନା କରିଥିଲେ: -

(i) ଏପ୍ରିଲ ୨୦୦୬ - ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍ ଦ୍ୱାରା ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଏକ ଉପସ୍ଥାପନା କରାଯାଇଥିଲା । **(ଟିପ୍ପଣୀ:** ଏହି ଉପସ୍ଥାପନାରେ ବେଦାନ୍ତ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଭୂମି ଚିହ୍ନଟ ହୋଇନାହିଁ)

(ii) ଏପ୍ରିଲ-ଜୁନ, ୨୦୦୬ - ରାଜ୍ୟ ସରକାର ଜାଣିଥିଲେ ଯେ ବେଦାନ୍ତ ଗୋଷ୍ଠୀ ଅନ୍ୟ କେତେକ ରାଜ୍ୟକୁ ମଧ୍ୟ ଏକାପରି ପ୍ରସ୍ତାବ ଦେଇଥିଲେ । ଯେହେତୁ ଏହି ପ୍ରସ୍ତାବ ରାଜ୍ୟ ପାଇଁ ଏକ ବିଶାଳ ସୁଯୋଗ ସୃଷ୍ଟି କରିଛି, ସେଥିପାଇଁ ରାଜ୍ୟ ତାହାର ଉଚ୍ଚ ପଦାଧିକାରୀ ଯଥା ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଉପଯୁକ୍ତ ସ୍ଥାନ ଚିହ୍ନଟ ପ୍ରକ୍ରିୟା ନିଜ ସ୍ତରରେ ଆରମ୍ଭ କରିଥିଲା ଏବଂ ନିୟମ ୪ ଅଧୀନରେ ବିଚାରକୁ ଧ୍ୟାନରେ ରଖି ଜମିକୁ ଚିହ୍ନଟ କରିବା ଦିଗରେ ବ୍ୟାପକ ତଦନ୍ତ କରିଥିଲା ।

(iii) ବିଭିନ୍ନ ବିକଳ୍ପ ଉପରେ ବିଚାର କରିବା ପରେ ରାଜ୍ୟ ସରକାର ଶେଷରେ ପୁରୀ ଆଡେ ଧ୍ୟାନ ଦେଇଥିଲେ ।

(iv) ୧୬.୦୬.୨୦୦୬ - ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ବିଭିନ୍ନ ବିଭାଗର ସଚିବମାନଙ୍କର ଏକ ବୈଠକ ଡାକିଥିଲା । ଏହି ବୈଠକରେ ରାଜ୍ୟ ସରକାର ପୁରୀରେ ଚିହ୍ନଟ କରାଯାଇଥିବା ଜମି ସମ୍ପର୍କରେ ଆବେଦନକାରୀଙ୍କ ସମ୍ମୁଖରେ ଏକ ବିଶଦ ଉପସ୍ଥାପନା କରିଥିଲେ । ସେହି ଉପସ୍ଥାପନାରେ ଜମିର ଉପଯୁକ୍ତତା, ଏହାର ସୀମା, ସେହି ଅଞ୍ଚଳରେ ଥିବା ଜନବସତି ଆଦି ବିଷୟରେ ବିସ୍ତାରରେ ବିଚାର କରାଯାଇଛି । [**ଟିପ୍ପଣୀ:** ଏହା ମଧ୍ୟ ନିୟମ ୪(୧) (i) ଏବଂ (iii) ର ଅନୁପାଳନ ଦର୍ଶାଉଛି ।]

(v) ୨୩.୦୬.୨୦୦୬ - ରାଜ୍ୟର ଉପରୋକ୍ତ ଉପସ୍ଥାପନାକୁ ଅନୁସରଣ କରି ଆବେଦନକାରୀ ଉପସ୍ଥାପନାରେ ପ୍ରସ୍ତାବିତ ସ୍ଥାନକୁ ସ୍ୱାଧୀନ ଭାବେ ପରିଦର୍ଶନ କରିଥିଲେ । ଏହି ଆଧାରରେ (ବେଦାନ୍ତ ପକ୍ଷରୁ ନିଯୁକ୍ତ ପରାମର୍ଶଦାତା) ଏ. ଟି. କର୍ଣ୍ଣୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ପତ୍ର ଲେଖି କହିଥିଲେ ଯେ ବେଦାନ୍ତ ପୁରୀରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ଥିଲା ।

(vi) ୨୬.୦୬.୨୦୦୬- ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ପୁରୀ ଏବଂ ପୁରୀ ତହସିଲଦାର ପ୍ରକଳ୍ପ ଅଞ୍ଚଳ ପୁନର୍ବାର ପରିଦର୍ଶନ କରିଥିଲେ ।

(vii) ଉପରୋକ୍ତ ପ୍ରୟାସ ସମୟରେ:

(କ) ଅତିରିକ୍ତ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ନିର୍ମାଣ ସଚିବ ମଧ୍ୟ ଆକାଶମାର୍ଗରୁ ଘଟଣାସ୍ଥଳର ଅନୁଧ୍ୟାନ କରିଥିଲେ । [**ଟିପ୍ପଣୀ:** ଏହା ମଧ୍ୟ ନିୟମ ୪(୧) (i) ର ଅନୁପାଳନ ଦର୍ଶାଉଛି ।]

(ଖ) ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାପାଳ ଏବଂ ଅନ୍ୟ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ଗ୍ରାମରେ ଅନେକଥର ଅନୌପଚାରିକ ଗୋଷ୍ଠୀ ବୈଠକ ବସିଥିଲା । ଜମି ଅଧିଗ୍ରହଣର ଉପଯୁକ୍ତତା ଏବଂ ଜମି ଅଧିଗ୍ରହଣର ଉଦ୍ଦେଶ୍ୟ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଜଣେଇବା ସକାଶେ ଭୂମି ଅଧିଗ୍ରହଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ପାଇଁ ଏହା କରାଯାଇଥିଲା । [**ଟିପ୍ପଣୀ:** ଏହା ମଧ୍ୟ ନିୟମ ୪(୧) (i) ଓ (iii) ର ଅନୁପାଳନ ଦର୍ଶାଉଛି ।]

(ଗ) ବିଭିନ୍ନ ବିକଳ୍ପ ସ୍ଥାନମାନଙ୍କରୁ ଗୋଟିଏ ସ୍ଥାନ ଯେଉଁଠାରୁ ସର୍ବନିମ୍ନ ସ୍ଥାନଚ୍ୟୁତି ହେଉଥିବ, ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଗସ୍ତ କରାଯାଇଥିଲା ।

(ଘ) ଯେଉଁ ଜମି ସଂରକ୍ଷିତ ହୋଇଥିଲା, ଆବେଦନକାରୀଙ୍କୁ ଶୀଘ୍ର ତାହା ଉପଯୋଗ କରିବାକୁ ସମର୍ଥ ହେବା ପାଇଁ ମଧ୍ୟ ନିର୍ଦ୍ଧାରଣ କରାଯାଇଥିଲା; ବିଭିନ୍ନ ସମୀକ୍ଷାରେ, ଜମିର ଆବଶ୍ୟକତାକୁ ୬୦୦୦ ଏକର ପରିମାଣକୁ ହ୍ରାସ କରାଯାଇଥିଲା; [**ଟିପ୍ପଣୀ:** ଏହା ମଧ୍ୟ ନିୟମ ୪(୧) (iv) ଓ (v) ର ଅନୁପାଳନ ଦର୍ଶାଉଛି ।]

(ଙ) ଏହା ଜାଣିବା ପାଇଁ ମଧ୍ୟ ପ୍ରୟାସ କରାଯାଇଥିଲା ଯେ ଜମି ବର୍ଷାଜଳ ଉପରେ ନିର୍ଭରଶୀଳ, ଜଳସେଚିତ ନୁହେଁ, ଉତ୍ତମ ମାନର କୃଷିଜମି ନୁହେଁ, ନିମ୍ନମାନର, ଅନୁତ୍ପାଦକ ଏବଂ ପତିତ ଜମି । [**ଟିପ୍ପଣୀ:** ଏହା ମଧ୍ୟ ନିୟମ ୪ (୧) (vi) ର ଅନୁପାଳନ ଦର୍ଶାଉଛି ।]

(ଚ) ପ୍ରକଳ୍ପ କ୍ଷେତ୍ରରୁ ବିସ୍ଥାପିତ ହୋଇଥିବା ଅଧିକାଂଶ ବ୍ୟକ୍ତିଙ୍କ ସହ ଯଥାର୍ଥ ମୂଲ୍ୟ ପ୍ରଦାନ ଲାଗି ଆଲୋଚନା କରିବା ପାଇଁ

ଆବେଦନକାରୀମାନଙ୍କ ଦ୍ୱାରା ବୈଠକରେ ଯୋଗାଯୋଗ କରାଯାଇଥିଲା । **[ଟିପ୍ପଣୀ:** ଏହା ମଧ୍ୟ ନିୟମ ୪ (୧) (ii) ର ଅନୁପାଳନ ଦର୍ଶାଉଛି ।]

(viii) ୧୯.୦୭.୨୦୦୬ - ରାଜ୍ୟକୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଲାଭ ମିଳିବା ନେଇ ସନ୍ତୁଷ୍ଟ ହେବା ପରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । **[ଟିପ୍ପଣୀ:** ନିୟମ ୪(୧)(v) ର ଅନୁପାଳନ], ଯେପରି, ଆବେଦନକାରୀ ଜମିର ଯଥାଶୀଘ୍ର ଉପଯୋଗ କରିପାରିବେ ତାହା ସୁନିଶ୍ଚିତ କରିବାକୁ ଦୃଢନିଶ୍ଚୟ ।

(ix) ୦୯.୦୮.୨୦୦୬ - ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମନ୍ୱୟ ଆଣିବା ପାଇଁ ଆର ଆଣ୍ଡ ଆର ପାଇଁ ରାଜ୍ୟ ସରକାର ଜଣେ ସ୍ୱତନ୍ତ୍ର ଏଲଏଓ ଏବଂ ଆରଆଣ୍ଡଆର ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ ।

(x) ୨୯.୧୧.୨୦୦୬ - ରାଜ୍ୟ ସରକାର ସନ୍ତୁଷ୍ଟ ହେବା ପରେ ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଛନ୍ତି ।

(xi) ୦୨.୦୯.୨୦୦୬ ଠାରୁ ୦୭.୦୨.୨୦୦୮ ମଧ୍ୟରେ ୭ ପ୍ରମୁଖ ସମିତିର ବୈଠକର କାର୍ଯ୍ୟ ବିବରଣୀ ମଧ୍ୟ ନିୟମ ୪ ର ଯଥେଷ୍ଟ ଅନୁପାଳନ ଦର୍ଶାଉଛି ।"

୪.୧୬ ଏହା ମଧ୍ୟ ଉପସ୍ଥାପନା କରାଯାଇଛି ଯେ, ସେଥିପାଇଁ ନିୟମ ୩(୧) ଏବଂ ୩(୨) ର ଅନୁପାଳନ କରାଯାଇଛି । ଏହା ଉପସ୍ଥାପନା କରାଯାଇଛି ଯେ ଏପରିକି ନିୟମ ୪ କୁ ମଧ୍ୟ ପରବର୍ତ୍ତୀ ସମୟରେ ପାଳନ କରାଯାଇଛି ।

୪.୧୭ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଦୃଢୋକ୍ତି ସହକାରେ କହିଥିଲେ ଯେ ବର୍ତ୍ତମାନର ମାମଲାରେ ୧୮୯୪ ଅଧିନିୟମ ୪, ୫କ , ୬, ୯, ୧୧ ଏବଂ ୧୨ ର ଅନୁପାଳନ ହୋଇଛି । ୧୮୯୪ ଅଧିନିୟମ ଅଧିନସ୍ଥ ବ୍ୟବସ୍ଥା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଅନୁପାଳନ ସମର୍ଥନରେ ନିମ୍ନଲିଖିତ ତାରିଖ ଏବଂ ଘଟଣାକୁ ବିବେଚନା କରିବା ଲାଗି ପ୍ରାର୍ଥନା କରାଯାଇଛି ଯାହା ନିମ୍ନରେ ଦିଆଗଲା:-

> "୧. ଧାରା ୪(୧) ଅଧୀନରେ ବିଜ୍ଞପ୍ତି ସରକାରୀ ରାଜପତ୍ରରେ ଏବଂ ସେହି ଅଞ୍ଚଳରେ ପ୍ରଚଳିତ ଦୁଇଟି ଦୈନିକ ସମ୍ବାଦପତ୍ରରେ ପ୍ରକାଶ କରାଯାଇଛି ଏବଂ ଜିଲ୍ଲାପାଳ ଧାରା ୪(୧) ଅଧୀନରେ ସ୍ଥାନୀୟ ଅଞ୍ଚଳରେ ସୁବିଧାଜନକ ସ୍ଥାନରେ ଢୋଲ ବଜାଇ ଧାରା ୪(୧) ଅଧୀନସ୍ଥ ବିଜ୍ଞପ୍ତିର ସାରମର୍ମର ସାର୍ବଜନୀନ ବିଜ୍ଞପ୍ତି ଉପଯୋଗ କରିଛନ୍ତି ।
>
> ୨. ଏହି ଅଧିନିୟମରେ କୌଣସି ବ୍ୟବସ୍ଥା ନାହିଁ ଯେ ୫କ ଅଧୀନରେ ଆପତ୍ତି ଆମନ୍ତ୍ରଣ କରି ଇଚ୍ଛୁକ ବ୍ୟକ୍ତିମାନଙ୍କୁ କାରଣ ଦର୍ଶାଅ ଅଧିସୂଚନା ଦିଆଯିବ । ୧୮୯୪ ଅଧିନିୟମରେ ରାଜ୍ୟ ସଂଶୋଧନ କରାଯିବା କାରଣରୁ କର୍ଣ୍ଣାଟକରେ ଏହା ଏକ ଆବଶ୍ୟକତା ଅଟେ । ଦୁର୍ଭାଗ୍ୟବଶତଃ ଓଡିଶାରେ ଏହାର କୌଣସି ଆବଶ୍ୟକତା ନଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଦ୍ୱାରା ଏହାର ପ୍ରୟୋଗ କରାଯାଇଛି ।
>
> ୩. ୭୮.୮୯ ଏକର ଅଞ୍ଚଳ ପାଇଁ ୬ ଟି ଗ୍ରାମରୁ ୧୩ ଟି ଆପତ୍ତି ଆବେଦନ ପ୍ରାପ୍ତ ହୋଇଥିଲା । ଆବେଦନକାରୀଙ୍କୁ ଶୁଣାଣି ପାଇଁ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଧାରା ୫କ ଅଧୀନରେ ଆପତ୍ତି ଉଠାଇଥିବା ବ୍ୟକ୍ତିମାନଙ୍କୁ ଅଧିସୂଚନା

ଦେଇଛନ୍ତି । ଦରଖାସ୍ତକାରୀଙ୍କୁ ଶୁଣିଲୁ । ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଏହାର ରାଜସ୍ୱ ବିଭାଗରେ ତାଙ୍କର ରିପୋର୍ଟ ଏବଂ କାର୍ଯ୍ୟପ୍ରକ୍ରିୟାର ନଥି ସହିତ ଆପତ୍ତି ଆବେଦନଗୁଡ଼ିକୁ ପଠାଯାଇଛି । ବାସ୍ତବରେ ୧୩ ଟି ଆପତ୍ତି ମଧ୍ୟରୁ ୩ ଟି ଆପତ୍ତିକୁ ମଞ୍ଜୁର କରାଯାଇଥିଲା (୨୫.୬୧ ଏକର) । ୧୦ ଜଣ ପ୍ରତ୍ୟାଖ୍ୟାନ ହୋଇଥିବା ବ୍ୟକ୍ତି ମଧ୍ୟରୁ କେହି ଜଣେ ବି କୌଣସି ପ୍ରକାର ଅଭିଯୋଗ ନେଇ କୌଣସି ନ୍ୟାୟାଳୟର ଦ୍ୱାରସ୍ଥ ହୋଇନଥିଲେ ।

୪. ରାଜ୍ୟ ସରକାର ଧାରା ୬ (୨) ଅଧୀନରେ ସାର୍ବଜନୀନ ବିଜ୍ଞପ୍ତି ଜାରି କରିଛନ୍ତି ।

୫. ଜିଲ୍ଲାପାଳ ଏ ସଂକ୍ରାନ୍ତରେ ଧାରା ୯(୧) ଅଧୀନରେ ଗ୍ରାମରେ ଅଧିସୂଚନା ଜାରି କରିଛନ୍ତି । ଧାରା ୯(୩) ଅଧୀନରେ କ୍ଷତିପୂରଣ ଲାଗି ଦାବି ଦାଖଲ କରିବା ଲାଗି ଆଗ୍ରହୀ ବ୍ୟକ୍ତିମାନଙ୍କୁ ଆହ୍ୱାନ କରାଯାଇଛି, ଯାହା ଏଲ ଏ ନଥିରେ ସ୍ପଷ୍ଟ ରୂପେ ବିଦିତ ।

୬. ଆଗ୍ରହୀ ବ୍ୟକ୍ତିମାନେ ସେମାନଙ୍କର ନିଜସ୍ୱ ଆଗ୍ରହ, କ୍ଷତିପୂରଣ ଦାବି ଏବଂ ଅଞ୍ଚଳ ଉପରେ ଆପତ୍ତି, ଯାହା ସେମାନେ ଧାରା ୯ ଅଧୀନ ଅଧିସୂଚନା ଅନୁସାରେ ଜଣାଇଥିଲେ, ସେସବୁ ଉପରେ ଅନୁସନ୍ଧାନ କରିବା ପରେ, ଜମିର ପ୍ରକୃତ କ୍ଷେତ୍ର, ଅନୁମୋଦିତ ହୋଇଥିବା କ୍ଷତିପୂରଣ ଏବଂ କ୍ଷତିପୂରଣର ବିଭାଜନ ଉପରେ ଜିଲ୍ଲାପାଳ ଧାରା ୧୧ ଅଧୀନରେ ଅଧିନିର୍ଣ୍ଣୟ ଦେଇଛନ୍ତି ।

୭. ଏଲ ଏ ଅଧିନିୟମ, ୧୮୯୪ ଅନ୍ତର୍ଗତ କ୍ଷତିପୂରଣ ବ୍ୟତୀତ, ଆର ପି ଡି ଏ ସି (ରାଜ୍ୟ ଆର ଆଣ୍ଡ ଆର ନୀତି ଅନୁଯାୟୀ ଗଠିତ) ଦ୍ୱାରା ଅନୁମୋଦିତ ପ୍ରତି ଏକର ପିଛା ୧ ଲକ୍ଷ ଟଙ୍କା ଲେଖାଏଁ କରି ଅନୁକମ୍ପା ରାଶି ଭାବରେ ସର୍ବନିମ୍ନ ୨ ଲକ୍ଷ ଟଙ୍କା ଏକର ସାପେକ୍ଷରେ କ୍ଷତିପୂରଣ ପ୍ରଦାନ କରାଯିବ । **ଏହା ବ୍ୟତୀତ ଅନ୍ୟାନ୍ୟ ଲାଭ ମଧ୍ୟ ପ୍ରଦାନ କରାଯିବ, ଯାହାକି ଉପରୋକ୍ତ ଏହି ଟିପ୍ପଣୀର ପୃଷ୍ଠା ୩ ରେ (I).ଖ ରେ ଉଲ୍ଲେଖ କରାଯାଇଛି ।**

୮. ଜିଲ୍ଲାପାଳ ଏହିପରି ଆଗ୍ରହୀ ବ୍ୟକ୍ତିମାନଙ୍କୁ ତାଙ୍କ ଅଧିନିର୍ଣ୍ଣୟ ସମ୍ପର୍କରେ ଏଲ ଏ ୧୮୯୪ ଅଧିନିୟମର ଧାରା ୧୨(୨) ଅଧୀନରେ ଅଧିସୂଚନା ପ୍ରଦାନ କରିଛନ୍ତି, ଯାହା ଏଲ ଏ ନଥିରେ ସ୍ପଷ୍ଟ ଭାବେ ବିଦିତ ।"

୪.୧୮ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଉପସ୍ଥାପନା କରାଯାଇଛି ଯେ ବାସ୍ତବରେ ପ୍ରକଳ୍ପ କୌଣସି ନିଷିଦ୍ଧ କ୍ଷେତ୍ରରେ ପଡୁନାହିଁ । ଏହା ଉପକୂଳ ନିୟାମକ କ୍ଷେତ୍ରର ବାହାରେ ରହିଛି । ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟଠାରୁ ସମୁଦ୍ରର ଦୂରତା ୨୦୦୦ ମିଟରରୁ ଅଧିକ । ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ପ୍ରସ୍ତାବିତ ସ୍ଥାନରୁ ରାଜପଥ / ପୁରୀ-କୋଣାର୍କ ସମୁଦ୍ର ପାର୍ଶ୍ୱବର୍ତ୍ତୀ ପଥ ଦ୍ୱାରା ଅଲଗା ହୋଇଛି । ଏହା ଦର୍ଶାଯାଇଛି ଯେ ଅଭୟାରଣ୍ୟ ସମୁଦ୍ର ପାର୍ଶ୍ୱରେ ଥିବା ବେଳେ ପ୍ରସ୍ତାବିତ ସ୍ଥାନଟି ଭୂମି ପାର୍ଶ୍ୱରେ ରହିଛି ।

୪.୧୯ ଏହା ଉପସ୍ଥାପନା କରାଯାଇଛି ଯେ ଅନେକ ଘରୋଇ ପ୍ରତିଷ୍ଠାନ ଏବଂ ସଂଗଠନ ଯେଉଁମାନେ ବିପୁଳ ଜନସଂଖ୍ୟା ବିଶିଷ୍ଟ ସମଗ୍ର ବେଲଦଳ ଗ୍ରାମ ସହିତ ରାଜପଥ

ପାର୍ଶ୍ୱରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ସହିତ ରହିଛନ୍ତି । ଏହା ଦର୍ଶାଯାଇଛି ଯେ ପ୍ରସ୍ତାବିତ ସ୍ଥଳ ଦେଇ ପ୍ରବାହିତ ନୂଆନଇ ଆରୋପ ଅନୁଯାୟୀ ଆଦୌ ଏକ ନଦୀ ନୁହେଁ । ଏହା ଉପସ୍ଥାପନ କରାଯାଇଛି ଯେ, ଏଥିରେ ମନୁଷ୍ୟକୃତ ଦୁଇଟି ପ୍ରଣାଳୀ (ଗବାକୁଣ୍ଡ କଟା ଏବଂ ସିୟାର କଟା) ରହିଛି । ଏହା ଦର୍ଶାଯାଇଛି ଯେ, ଏହି ପ୍ରଣାଳୀଦ୍ୱୟ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ । ଏହି ଦୁଇଟି ପ୍ରଣାଳୀ ର ମାଲିକାନା କ୍ରମାଗତ ଭାବରେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ଉତ୍ସ ବିଭାଗ ପାଖରେ ରହିଛି । ଏହା ଉପସ୍ଥାପିତ ହୋଇଛି ଯେ, ଯେ କୌଣସି ପରିସ୍ଥିତିରେ ପର୍ଯ୍ୟାବରଣ ନିକାଶକୁ ମଞ୍ଜୁରି ପ୍ରଦାନ କରିବା ସମୟରେ ସମସ୍ତ ପର୍ଯ୍ୟାବରଣ ଆବଶ୍ୟକତାକୁ ଏମ ଓ ଇ ଏଫ ଦ୍ୱାରା ଦୃଷ୍ଟି ଦିଆଯିବ ଏବଂ ଯାଞ୍ଚ କରାଯିବ ।

୪.୨୦ ସମ୍ପୃକ୍ତ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତା ଆମକୁ ଉଚ୍ଚ ନ୍ୟାୟାଳୟର ନିଷ୍କର୍ଷ ଏବଂ ସେମାନଙ୍କର ପ୍ରତିକ୍ରିୟା ଦିଗକୁ ଆକର୍ଷିତ କରାଇଛନ୍ତି, ଯାହା ମୋଟାମୋଟି ଭାବେ ଏଠାରେ ଉପରେ ଉଲ୍ଲେଖ କରାଯାଇଛି ।

୪.୨୧ ଉପରୋକ୍ତ ଉପସ୍ଥାପନାମାନ ଦେଇ, ବର୍ତ୍ତମାନର ଅପିଲଗୁଡିକୁ ଅନୁମତି ଦେବା ପାଇଁ ପ୍ରାର୍ଥନା କରାଯାଉଛି ।

୫. ବର୍ତ୍ତମାନର ଅପିଲଗୁଡିକୁ ସମ୍ପୃକ୍ତ ପ୍ରତିବାଦୀ-ମୂଳ ରିଟ ଆବେଦନକାରୀଙ୍କ ପକ୍ଷରୁ ହାଜର ହେଉଥିବା ଶ୍ରୀମାନ ଓକିଲ ଶ୍ରୀ ପ୍ରଶାନ୍ତ ଭୂଷଣ ତୀବ୍ର ବିରୋଧ କରୁଛନ୍ତି ।

୫.୧ ଏହା ଉପସ୍ଥାପନ ହୋଇଛି ଯେ ଏହି ମାମଲାରେ ୬୦୦୦ ପରିବାରର ପାଖାପାଖି ୬୦୦୦ ଏକର ଜମି ଅଧିଗ୍ରହଣକୁ ସାମିଲ କରାଯାଇଛି ଯଦ୍ୱାରା ପ୍ରାୟ ୩୦,୦୦୦ ଜଣଙ୍କର ବାସଚ୍ୟୁତ ସହ ସମ୍ପୃକ୍ତ । ଆବେଦନରେ ଏହା ଉପସ୍ଥାପିତ ହୋଇଛି ଯେ ଓଡ଼ିଶା ସରକାର ସ୍ୱଷ୍ଟରୂପେ ସ୍ୱେଚ୍ଛାଚାରୀ ଢଙ୍ଗରେ କାର୍ଯ୍ୟ କରି ଆବେଦନକାରୀ କମ୍ପାନୀ ଉପରେ ମୁକ୍ତ ହସ୍ତରେ ବିପୁଳ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି ଏବଂ ଆବେଦନକାରୀ କମ୍ପାନୀ ସପକ୍ଷରେ ସମ୍ପୃକ୍ତ ଜମିର ଅଧିଗ୍ରହଣକୁ ପୂର୍ବରୁ ନିର୍ଦ୍ଧାରିତ କରିବା ଦ୍ୱାରା ଅଧିନିୟମ, ୧୮୯୪ ଏବଂ ନିୟମାବଳୀ, ୧୯୬୩ ର ସମସ୍ତ ବାଧତାମୂଳକ ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଥିଲେ । ଏହା ଉପସ୍ଥାପିତ ହୋଇଛି ଯେ ଓଡ଼ିଶା ସରକାରଙ୍କ ଉକ୍ତ ବେଆଇନ କାର୍ଯ୍ୟାନୁଷ୍ଠାନ ଜନସ୍ୱାର୍ଥ ସମର୍ଥନରେ ଯଥେଷ୍ଟ କାରଣ ସୃଷ୍ଟି କରୁଛି । ଏହା ଦର୍ଶାଯାଇଛି ଯେ ୬୦୦୦ ଏକର ଜମିର ବିଶାଳ ଭୂଖଣ୍ଡ ଏବଂ ତାହା ମଧ୍ୟ ପ୍ରମୁଖ ସ୍ଥାନରେ ଆବଣ୍ଟିତ କରିବା ଲାଗି ରାଜ୍ୟ ସରକାରଙ୍କ ପଦକ୍ଷେପ ନେବା ସ୍ୱଷ୍ଟଭାବେ ପକ୍ଷପାତିତା ଏବଂ ସ୍ୱେଚ୍ଛାଚାରିତା ବ୍ୟତୀତ ଆଉ କିଛି ନୁହେଁ, ଯାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ରଦ୍ଦ ହେବା ସମୀଚୀନ ।

୫.୨ ଏହା ଉପସ୍ଥାପନ କରାଯାଇଛି ଯେ ଧାରା ୪(୧) ଏବଂ ୬ ଅଧୀନରେ ବିଜ୍ଞପ୍ତି ଏବଂ ହିତାଧିକାରୀ କମ୍ପାନୀ ସପକ୍ଷରେ ଜମି ଅଧିଗ୍ରହଣ ଲାଗି ଜମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାରେ ପାରିତ ଅଧିନିର୍ଣ୍ଣୟ ସମେତ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ରଦ୍ଦ କରାଯାଇଛି, ଯେଉଁଥିରେ ଭାରତୀୟ

ସମ୍ବିଧାନର ଧାରା ୧୩୬ ଅଧୀନରେ କ୍ଷମତା ପ୍ରୟୋଗପୂର୍ବକ ଏହି ନ୍ୟାୟାଳୟର କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ।

୫.୩ ମୂଳ ରିଟ୍ ଆବେଦନକାରୀ - ମୂଳ ଜମିମାଲିକ / ଜମି ହରାଇଥିବା ବ୍ୟକ୍ତିଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲଙ୍କ ଦ୍ୱାରା ଏହା ଉପସ୍ଥାପନ କରାଯାଇଛି ଯେ ବର୍ତ୍ତମାନର ମାମଲାରେ ଜମି ଆବେଦନକାରୀ କମ୍ପାନୀ ଦ୍ୱାରା ଚିହ୍ନଟ କରାଯାଇଥିଲା, ସରକାରଙ୍କ ଦ୍ୱାରା ନୁହେଁ, ଯାହା ତାରିଖ ଏବଂ ଘଟଣାକ୍ରମ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଟିପ୍ପଣୀ ଦ୍ୱାରା ସ୍ପଷ୍ଟ ଦୃଶ୍ୟମାନ । ଏହା ଉପସ୍ଥାପନ କରାଯାଇଛି ଯେ ଅଧିକନ୍ତୁ ଟିପ୍ପଣୀ ଫର୍ଦ୍ଦରେ ବିଷୟଗୁଡ଼ିକ ସହିତ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ଆବେଦନକାରୀ କମ୍ପାନୀ ଓଡ଼ିଶା ସରକାରଙ୍କୁ ସ୍ୱତନ୍ତ୍ର ଭାବେ ୧୫.୦୬.୨୦୦୬ ସୁଦ୍ଧା ଭୁବନେଶ୍ୱର-ପୁରୀ-କୋଣାର୍କର ପୁରୀ ଜିଲ୍ଲାର ନୂଆନଈ ଆଖପାଖରେ ୧୫,୦୦୦ ଏକର ଜମି ତା' ପାଇଁ ଉପଲବ୍ଧ କରିବାକୁ କହିଥିଲା ।

୫.୪ ଏହା ଉପସ୍ଥାପନା କରାଯାଇଛି ଯେ, ଏପରିକି ୧୯.୦୭.୨୦୦୬ ରେ ସ୍ୱାକ୍ଷରିତ ବୁଝାମଣାପତ୍ର (ଏମ ଓ ୟୁ) ର ପ୍ରାସଙ୍ଗିକ ଖଣ୍ଡଗୁଡିକ ମଧ୍ୟ ଦର୍ଶାଉଛି ଯେ ଏହି ଜମି କମ୍ପାନୀ ଦ୍ୱାରା ଚିହ୍ନଟ କରାଯାଇଥିଲା, ସରକାର ଦ୍ୱାରା ନୁହେଁ । ଏହା ମଧ୍ୟ ଉପସ୍ଥାପିତ ହୋଇଥିଲା ଯେ, ୧୯.୦୭.୨୦୦୬ ରେ ସ୍ୱାକ୍ଷରିତ ଏମ ଓ ୟୁ ଅନୁଯାୟୀ ବେଦାନ୍ତ ଫାଉଣ୍ଡେସନ ପକ୍ଷରୁ ୧୫ ହଜାର କୋଟି ଟଙ୍କା ଅଟକଳରେ ପୁରୀ ନିକଟରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସହରାଞ୍ଚଳ ସହିତ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏହା ଉପସ୍ଥାପିତ ଯେ ସେହି ଏମଓୟୁ ରେ ମଧ୍ୟ ପ୍ରସ୍ତାବିତ ସ୍ଥାନ ସମ୍ପର୍କରେ ଉଲ୍ଲେଖ

ରହିଛି । ଏହା କୁହାଯାଇଛି ଯେ ଓଡ଼ିଶା ସରକାର କେବଳ ପାଖାପାଖି ୮୦୦୦ ଏକର ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିଛନ୍ତି । [ଏମ ଓ ୟୁ ର ଖଣ୍ଡ ୫]

୫.୫ ଏହା ଉପସ୍ଥାପନା କରାଯାଇଛି ଯେ ଏପରିକି, ଓଡ଼ିଶା ସରକାର ଏବଂ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ମଧ୍ୟରେ ସମ୍ପାଦିତ ଧାରା ୪୧ ବୁଝାମଣା ମଧ୍ୟ ଦର୍ଶାଉଛି ଯେ, ଏହି ଜମିକୁ କମ୍ପାନୀ ଦ୍ୱାରା ଚିହ୍ନଟ କରାଯାଇଥିଲା, ସରକାରଙ୍କ ଦ୍ୱାରା ନୁହେଁ, କାରଣ ଉକ୍ତ ବୁଝାମଣାପତ୍ରରେ କୁହାଯାଇଛି ଯେ କମ୍ପାନୀ ପୁରୀ ନିକଟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ରଖିଥିଲା ଏବଂ ସେଥିରେ ଥିବା ଅନୁସୂଚୀରେ ବର୍ଣ୍ଣିତ ଜମିର ମାନଚିତ୍ର ସଂଲଗ୍ନ କରି ଅଧିଗ୍ରହଣ ପାଇଁ ଓଡ଼ିଶା ସରକାରଙ୍କୁ ଲିଖିତ ଭାବରେ ଆବେଦନ କରିଥିଲା ଯେଉଁଠାରେ କମ୍ପାନୀ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଇଚ୍ଛା କରୁଥିଲା ।

୫.୬ ମୂଳ ରିଟ୍ ଆବେଦନକାରୀ - ମୂଳ ଜମିମାଲିକ / ଜମି ହରାଇଥିବା ବ୍ୟକ୍ତିଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲଙ୍କ ଦ୍ୱାରା ଆହୁରି ଉପସ୍ଥାପନା କରାଯାଇଛି ଯେ ଶିକ୍ଷା କ୍ଷେତ୍ରରେ ବେଦାନ୍ତ ଫାଉଣ୍ଡେସନର କୌଣସି ପୂର୍ବ ରେକର୍ଡ ନାହିଁ ବୋଲି ଭଲଭାବେ ଜାଣିଥିବା ସତ୍ତ୍ୱେ ଓଡ଼ିଶା ସରକାର ତା ୧୯.୦୭.୨୦୦୬ ରିଖର ଏମ ଓ ୟୁ ରେ ବେଦାନ୍ତକୁ ପ୍ରଶାସନ, ନାମଲେଖା, ଦେୟ ଢାଞ୍ଚା, ପାଠ୍ୟକ୍ରମ ଏବଂ ଅଧ୍ୟାପକ ଚୟନ କ୍ଷେତ୍ରରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ଏବଂ ଏହାର କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରିବା, ରାଜ୍ୟ ସରକାରଙ୍କ କୌଣସି ସଂରକ୍ଷଣ ଆଇନରୁ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ମୁକ୍ତି ଦେବା, ୟୁ ଜି ସି, ଏ ଆଇ ସି ଟି ଇ ଠାରୁ ନିୟାମକ ଅନୁମୋଦନ ପାଇବାରେ ସମସ୍ତ ସହାୟତା ଆଦି ଭଳି ଅନେକ ଖଣ୍ଡମାନ ସାମିଲ କରିଥିଲେ । ଏହା ଉପସ୍ଥାପିତ ହୋଇଛି

ଯେ ଏପରିକି ଉକ୍ତ ଏମ ଓ ୟୁ ଅନୁଯାୟୀ, ସରକାର ଭୁବନେଶ୍ୱର ସହରରୁ ପ୍ରସ୍ତାବିତ ସ୍ଥାନ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ଯୋଗାଇବାକୁ ରାଜି ହୋଇଥିଲେ ଏବଂ ବେଦାନ୍ତ ସହିତ ପରାମର୍ଶ ପରେ ହିଁ ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟ ପରିସୀମାଠାରୁ ୫ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ ଜମି ବ୍ୟବହାର / ମଣ୍ଡଳୀକରଣ ଯୋଜନା କରିବେ । ଏହା ମଧ୍ୟ ଦର୍ଶାଯାଇଛି ଯେ ସରକାର ସମସ୍ତ ରାଜ୍ୟ ଅସୁଲି / ଶୁଳ୍କ / ଟିକସ ଯଥା ଭାଟ୍, ୱାର୍କସ୍ କଣ୍ଟ୍ରାକ୍ଟ ଟ୍ୟାକ୍ସ, ଷ୍ଟାମ୍ପ ଡ୍ୟୁଟି ଏବଂ ଗବେଷଣା ଓ ବିକାଶ ଉପକରଣ, ଶିକ୍ଷାଗତ ଉପକରଣ, ପ୍ରୟୋଗଶାଳା ସରଞ୍ଜାମ ଏବଂ ଉପକରଣ ଏବଂ ନିର୍ମାଣ ସାମଗ୍ରୀ ଉପରେ ଏହି ଏମ ଓ ୟୁ ସ୍ୱାକ୍ଷରିତ ହେବାର ତାରିଖଠାରୁ ପ୍ରବେଶ ଟିକସ ଛାଡ଼ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହା ଉପସ୍ଥାପିତ ହୋଇଛି ଯେ ସରକାର ମଧ୍ୟ ଫାଉଣ୍ଡେସନକୁ ଏସ ପି ସି ବି ଠାରୁ ଏନ ଓ ସି ଏବଂ କେନ୍ଦ୍ର ସରକାରଙ୍କଠାରୁ ସମସ୍ତ ପ୍ରତିବନ୍ଧକ ଦୂରୀକରଣ ମଞ୍ଜୁରି ପାଇବାରେ ସାହାଯ୍ୟ କରିବାକୁ ପ୍ରତିଶୃତି ଦେଇଛନ୍ତି ବୋଲି କୁହାଯାଇଛି । ପ୍ରକଳ୍ପ ପାଇଁ ତ୍ୱରିତ ଇ ଆଇ ଏ ଏବଂ ଇ ଏମ ପି ବ୍ୟବସ୍ଥା କରିବାରେ ଫାଉଣ୍ଡେସନକୁ ସହାୟତା କରିବା ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ବୋଲି ଉପସ୍ଥାପନ ହୋଇଛି । ବିପୁଳ ପରିମାଣର ବିଜୁଳି ଓ ଜଳ ଯୋଗାଇ ଦେବା ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ବୋଲି ଉପସ୍ଥାପନ ହୋଇଛି । ଉପସ୍ଥାପିତ ହୋଇଛି ଯେ ସରକାରଙ୍କ ବେଦାନ୍ତ ଫାଉଣ୍ଡେସନ ନାମକ ଏକ ଘରୋଇ ଟ୍ରଷ୍ଟ / କମ୍ପାନୀ ସପକ୍ଷରେ ଉପରୋକ୍ତ ଭୂମିକା ସ୍ୱଷ୍ଟ ପକ୍ଷପାତିତାର ପ୍ରଦର୍ଶନ କରୁଛି ।

୫.୭ ଏହା ଦାଖଲ କରାଯାଇଛି ଯେ ଓଡ଼ିଶା ସରକାର କ୍ୟାମ୍ପସ ନିର୍ମାଣ ପାଇଁ ଆବେଦନକାରୀ କମ୍ପାନୀର ୧୦ ହଜାର ଏକର ଜମିର ଦାବିର ଯଥାର୍ଥତା ଉପରେ ମନନିବେଶ କରିନଥିଲେ । ଉପସ୍ଥାପନା କରାଯାଇଛି ଯେ, ଏଠାରେ ଏହା ସୂଚନାଯୋଗ୍ୟ ଯେ ବିଶ୍ୱର ସର୍ବବୃହତ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଅନ୍ୟତମ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଅନ୍ୟୁନ ସନ୍ନିହିତ କ୍ଷେତ୍ର ପାଖାପାଖି ୮,୧୦୦ ଏକର ଅଟେ । ବର୍ତ୍ତମାନର ମାମଲାରେ କୁହାଯାଇଛି ଯେ ଓଡ଼ିଶା ସରକାର ୮ ହଜାର ଏକର ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିଛନ୍ତି ଏବଂ ଆବେଦନକାରୀ କମ୍ପାନୀର ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ସନ୍ନିହିତ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ଦର୍ଶାଯାଇଛି ଯେ ପ୍ରଯୁଜ୍ୟ ସମୟରେ, ଫାଉଣ୍ଡେସନ ଗୋଟିଏ ପରିବାରର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏକ ଘରୋଇ କମ୍ପାନୀ ଥିଲା, ଏବଂ ଏହା ୫ ହଜାର ଟଙ୍କାର ପ୍ରତ୍ୟାଭୂତି ସହିତ ସୀମିତ ଥିଲା ଏବଂ ଶିକ୍ଷାକ୍ଷେତ୍ରରେ କୌଣସି ପୂର୍ବକୃତି ରେକର୍ଡ ନଥିଲା । ବେଦାନ୍ତ ଫାଉଣ୍ଡେସନର ଅନୁରୋଧକୁ ଗ୍ରହଣ କରିବା ସମୟରେ ସରକାର ପୂର୍ବ ରେକର୍ଡ ଉପରେ ବିଚାର କରିନଥିଲେ ଏବଂ ବିଭିନ୍ନ ସରକାର / କର୍ତ୍ତୃପକ୍ଷ / ନ୍ୟାୟାଳୟ / ନ୍ୟାୟାଧିକରଣ ଏବଂ ସଂସ୍ଥାମାନଙ୍କ ଦ୍ୱାରା ଖନନ ଆଇନର ଉଲ୍ଲଂଘନ, ପରିବେଶ ଆଇନର ଉଲ୍ଲଂଘନ, ପ୍ରଦୂଷଣ ସୃଷ୍ଟି କରିବା ଏବଂ ଓଡ଼ିଶା, ତାମିଲନାଡୁ, ଗୋଆ ଏବଂ କର୍ଣ୍ଣାଟକରେ ଏହାର ଖନନ ପ୍ରକଳ୍ପରେ ମାନବାଧିକାରର ଉଲ୍ଲଂଘନ କରିଥିବା ପାଇଁ ବାରମ୍ବାର କାହିଁକି ବେଦାନ୍ତଗୋଷ୍ଠୀକୁ ଦୋଷୀ ସାବ୍ୟସ୍ତ କରାଯାଉଥିଲା ତାହା ମଧ୍ୟ ବିବେଚନା କରିନଥିଲେ ।

୫.୮ ଆକ୍ଷେପିତ ରାୟର ପାରା ୬୩ ରୁ ୬୭ ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ଉପରେ ଆମ୍ଭର ଧ୍ୟାନ ଆକର୍ଷଣ କରିବା ପରେ, ଏହା ଉପସ୍ଥାପନ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ବିଶ୍ୱାସଯୋଗ୍ୟ କାରଣ ଓ ତଥ୍ୟ ପ୍ରଦାନପୂର୍ବକ ଅଭିବ୍ୟକ୍ତ କରିଛନ୍ତି କି ସରକାରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ସ୍ପଷ୍ଟରୂପେ ମନମୁଖୀ ଢଙ୍ଗରେ କରାଯାଇଥିଲା ଏବଂ ଜନସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଥିଲା । ଏହା ଉପସ୍ଥାପିତ ହୋଇଛି ଯେ ତେଣୁ, ଉଚ୍ଚ ନ୍ୟାୟାଳୟ ଜନସ୍ୱାର୍ଥ ମାମଲାଗୁଡ଼ିକୁ ଯଥାର୍ଥ ଭାବରେ ଗ୍ରହଣ କରି କହିଛନ୍ତି ଯେ, ତଥ୍ୟଗୁଡିକର ଭ୍ରମାତ୍ମକ ଉପସ୍ଥାପନା ଦ୍ୱାରା ଏବଂ ରାଜ୍ୟ ସରକାରଙ୍କୁ ପ୍ରତାରଣା କରି, ବେଦାନ୍ତ ଫାଉଣ୍ଡେସନର ଅଧିଯାଚନାରେ କମ୍ପାନୀ ସପକ୍ଷରେ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ଆରମ୍ଭ କରାଯାଇଥିଲା, ଯାହା ସମଗ୍ର ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ଦୂଷିତ କରିଛି । ଏହା ଉପସ୍ଥାପନ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଠିକ୍ ମତପୋଷଣ କରିଛନ୍ତି ଏବଂ କହିଛନ୍ତି ଯେ ଏହାଦ୍ୱାରା ଜନସ୍ୱାର୍ଥ ବହୁତ ପ୍ରଭାବିତ ହେବା ସହିତ ଆଇନ ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇଛି ।

୫.୯ ଆବେଦନକାରୀଙ୍କ ତରଫରୁ ଦାଖଲ କରାଯାଇଥିବା ଆବେଦନରେ ଯାହା କୁହାଯାଇଛି ଯେ ଜମି ହରାଇଥିବା ପ୍ରାୟ ୬୦୦୦ ଲୋକଙ୍କ ମଧ୍ୟରୁ କେବଳ ୭ ଜଣ ଧାରା ୫କ ଆପତ୍ତି ଦାଏର କରିଥିଲେ, ଏହା ଉପସ୍ଥାପନ କରାଗଲା ଯେ କେବଳ ୭ ଜଣ ବ୍ୟକ୍ତି ସେମାନଙ୍କ ଆପତ୍ତି ଦାଏର କରିଥିବା ସ୍ଥିତିରେ ଏହା ଦର୍ଶାଉଛି ଯେ ଜମିମାଲିକମାନେ ହୁଏତ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଷୟରେ ଅଗୋଚର ଥିଲେ ଏବଂ / ଅଥବା ଅତ୍ୟଧିକ ଦୁର୍ବଳ, ଗରିବ ଏବଂ ସାମାଜିକ ସୁଯୋଗରୁ ବଞ୍ଚିତ ଥିଲେ ଏବଂ

ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଦାଏର କରିବା ସ୍ଥିତିରେ ମଧ୍ୟ ନଥିଲେ । **ଏସ୍. ପି. ଗୁପ୍ତା ବନାମ କେନ୍ଦ୍ର ସରକାର, ୧୯୮୧ ଏସ୍ ୟୁ ପି ପି ଏସ ସି ସି ୮୭; ବନ୍ଧୁଆ ମୁକ୍ତି ମୋର୍ଚ୍ଚା ବନାମ କେନ୍ଦ୍ର ସରକାର, (୧୯୮୪) ୩ ଏସ ସି ସି ୧୬୧ ଏବଂ ପବ୍ଲିକ ୟୁନିଅନ ଫର ସିଭିଲ ଲିବର୍ଟିଜ ବନାମ ଷ୍ଟେଟ ଅଫ ଟି. ଏନ. (୨୦୧୩) ୧ ଏସ ସି ସି ୫୮୫** ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ଭରସା କରି ଏହା ଉପସ୍ଥାପନ କରାଗଲା ଯେ ଉଚ୍ଚ ନ୍ୟାୟାଳୟ, ଦାଖଲ କରାଯାଇଥିବା ଜନସ୍ୱାର୍ଥ ମାମଲାର ଯଥାର୍ଥରେ ଶୁଣାଣି କରିଛନ୍ତି ଏବଂ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ଉଚିତ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ଉପସ୍ଥାପିତ ହୋଇଛି ଯେ ଉଚ୍ଚ ନ୍ୟାୟାଳୟ ଜନସ୍ୱାର୍ଥ ମାମଲାଗୁଡ଼ିକୁ ଯଥାର୍ଥରେ ଗ୍ରହଣ କରିଛନ୍ତି ଓ ଅନୁମତି ପ୍ରଦାନ କରିଛନ୍ତି କାରଣ ୬ ହଜାର ଏକର ବିଶିଷ୍ଟ ବିଶାଳ ଜମି ଅଧିଗ୍ରହଣ ଦ୍ୱାରା ଅତ୍ୟନ୍ତ ଦୁର୍ବଳ, ଗରିବ ତଥା ସାମାଜିକ ସୁଯୋଗରୁ ବଞ୍ଚିତ ଓ ଆଇନଗତ ସମାଧାନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଇପାରୁନଥିବା ୩୦,୦୦୦ ଜନସାଧାରଣ ପ୍ରଭାବିତ ଥିଲେ ।

୫.୧୦ ଏହା ଉପସ୍ଥାପନ କରାଯାଇଛି ଯେ ଜନସ୍ୱାର୍ଥ ମାମଲା ବ୍ୟତୀତ ଜମି ହରାଇଥିବା ଲୋକମାନେ ମଧ୍ୟ ଏହି ଅଧିଗ୍ରହଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହା ଦର୍ଶାଯାଇଛି ଯେ ବର୍ତ୍ତମାନର ମାମଲାରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ଯଥାର୍ଥରେ ରଦ୍ଦ କରିଦେଇଛନ୍ତି । ଏହା ଜଣାପଡ଼ିଛି ଯେ ବିଭିନ୍ନ ମାମଲାରେ ମାନ୍ୟବର ନ୍ୟାୟାଳୟମାନେ ବାରମ୍ବାର ସମ୍ପୂର୍ଣ୍ଣ ଅଧିଗ୍ରହଣକୁ ରଦ୍ଦ କରିଛନ୍ତି ଯେଉଁଥିରେ ବିଷୟର ମୂଳ ପର୍ଯ୍ୟନ୍ତ ବେଆଇନତା ଯାଇଥାଏ । ଏହା ମଧ୍ୟ ଉପସ୍ଥାପନା

କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯଥାର୍ଥରେ ବିଚାର କରି କୁହାଯାଇଛି ଯେ ମନମୁଖୀତା ଏବଂ ଭୂମି ଅଧିଗ୍ରହଣ ପ୍ରକ୍ରିୟାରେ ୧୮୯୪ ଅଧିନିୟମର ତଥା ବୈଧାନିକ ନିୟମର ଉଲ୍ଲଂଘନ କରାଯିବା କାରଣରୁ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା କ୍ଷତିଗ୍ରସ୍ତ ହୋଇଥିଲା ।

୫.୧୧ ଏହା ଉପସ୍ଥାପନ କରାଯାଇଛି ଯେ ଆବେଦନକାରୀ ଏକ ଘରୋଇ କମ୍ପାନୀ, ସରକାରୀ କମ୍ପାନୀ ନୁହେଁ । ଏହା ଉପସ୍ଥାପନ କରାଯାଇଛି ଯେ ନିଃସନ୍ଦେହରେ, ଆବେଦନକାରୀ ଦାବି କରିଛନ୍ତି ଯେ ଏହା ଧାରା ୨୫ ଅଧୀନରେ କେନ୍ଦ୍ର ସରକାରଙ୍କ ପ୍ରତ୍ୟାଭୂତି ଦ୍ୱାରା ଜାରି ଅନୁଜ୍ଞପ୍ତି ସହିତ ସୀମିତ ଭାବେ ପଞ୍ଜୀକୃତ ଏକ ଘରୋଇ କମ୍ପାନୀ । ତେବେ ଉକ୍ତ ଅନୁଜ୍ଞପ୍ତି ଅନୁଯାୟୀ ସଂଘ ନିୟମାବଳୀରେ କୌଣସି ପରିବର୍ତ୍ତନ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ଏହା ଉପସ୍ଥାପନା କରାଯାଇଛି ଯେ ଏଥିରେ ଆବେଦନକାରୀଙ୍କ ଦ୍ୱାରା ସଂଘ ନିୟମାବଳୀକୁ ଏକ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତିତ କରିବା ଏବଂ ସଦସ୍ୟମାନଙ୍କ ସଂଖ୍ୟା ୭ କୁ ବୃଦ୍ଧି କରିବା ଲାଗି ୨୩.୧୧.୨୦୦୬ ତାରିଖର ଏକ ସଂକଳ୍ପ, ଧାରା ୨୫ ଅଧୀନରେ ଜାରି କରାଯାଇଥିବା ଅନୁଜ୍ଞପ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇନଥିଲା ଏବଂ ସେଥିପାଇଁ କମ୍ପାନୀ କେବେ ବି ସାର୍ବଜନୀନ କମ୍ପାନୀରେ ପରିଣତ ହୋଇନାହିଁ । ଏପରିକି ଉଚ୍ଚ ନ୍ୟାୟାଳୟରେ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ ପକ୍ଷରୁ ଦାଖଲ ଶପଥପତ୍ରରୁ ମଧ୍ୟ ଏହା ସୁସ୍ପଷ୍ଟ ହୋଇଛି । ଶପଥପତ୍ରର ପ୍ରାସଙ୍ଗିକ ଅନୁଚ୍ଛେଦ ମୁଖ୍ୟତଃରୂପେ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ ଦ୍ୱାରା ୧୫.୧୦.୨୦୦୮ ରେ ଉଚ୍ଚ ନ୍ୟାୟାଳୟରେ ଦାଖଲ

କରାଯାଇଥିବା ଶପଥପତ୍ରର ୯, ୧୦ ଏବଂ ୧୨ ଅନୁଚ୍ଛେଦକୁ ସେ ଆମ୍ଭଙ୍କୁ ନେଇଯାଇଛନ୍ତି । ଏହା ମଧ୍ୟ ଦର୍ଶାଯାଇଛି ଯେ କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟରୁ ମିଳିଥିବା ତା ୨୨.୧୧.୨୦୦୬ ରିଖ ପତ୍ର ଉପରେ ବେଦାନ୍ତର ଭରସା କମ୍ପାନୀ ଏକ ସାର୍ବଜନୀନ କମ୍ପାନୀ ହୋଇଯାଇଥିବାର କୌଣସି ପ୍ରମାଣ ନୁହେଁ । ଉପସ୍ଥାପନା କରାଯାଇଛି ଯେ ଏଥିରେ କେବଳମାତ୍ର କୁହାଯାଇଛି ଯେ ବେଦାନ୍ତର "କମ୍ପାନୀ ଅଧିନିୟମ ୧୯୫୬ ର ଧାରା ୨୫ (୮) ଅଧୀନରେ କମ୍ପାନୀର ମାନ୍ୟତାକୁ ଘରୋଇରୁ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତିତ କରିବା ପାଇଁ କରାଯାଇଥିବା ଅନୁରୋଧକୁ ବିବେଚନା କରାଯାଉଛି ।" ଉପସ୍ଥାପନା କରାଯାଇଛି ଯେ ଏହା କମ୍ପାନୀ ଅଧିନିୟମ, ୧୯୫୬ ର ଧାରା ୨୩, ୩୧, ୧୮୯(୨) ଏବଂ ୧୯୨ ର ବ୍ୟବସ୍ଥାକୁ ପାଳନ କରାଯିବାର ସାପେକ୍ଷ ହୋଇଥିବା ସ୍ଥଳେ ତାହାର ଆଦୌ ଅନୁପାଳନ ହୋଇନାହିଁ ।

୫.୧୨ ଏହା ଉପସ୍ଥାପନ କରାଯାଇଛି ଯେ, ଏହି କାରଣରୁ ସଂଘ ନିୟମାବଳୀକୁ ସରକାରଙ୍କ ପ୍ରମୁଖ ସମିତି ସମ୍ମୁଖରେ ଉପସ୍ଥାପନ କରାଯାଇନାହିଁ, ଯାହା ବିନା କମ୍ପାନୀର ପ୍ରକାରକୁ କେହି ବୁଝିପାରିବେ ନାହିଁ । ଏହା ଉପସ୍ଥାପନ ହୋଇଛି ଯେ କମ୍ପାନୀର ପ୍ରକାର, ଅର୍ଥାତ୍, ତାହା ସାର୍ବଜନୀନ କି ଘରୋଇ, ତାହା ଅଂଶ ଧାରଣର ପ୍ରକୃତି ଉପରେ ନିର୍ଭର କରିଥାଏ । ଏଥିରେ କୁହାଯାଇଛି ଯେ ଯଦି ସଦସ୍ୟମାନେ ମିଳିତ ଭାବେ ଅଂଶ ଧାରଣ କରନ୍ତି, ଅଧିନିୟମ ୧୯୫୬ ର ୩ (ଗ) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କୁ କେବଳ ଏକକ ସଦସ୍ୟ ଭାବେ ବିବେଚନା କରାଯିବ । ପୁନଶ୍ଚ ଧାରା ୨୫ ରେ ପଞ୍ଜୀକୃତ କମ୍ପାନୀ ପାଇଁ ଅଧିନିୟମ, ୧୯୫୬ ର ଧାରା ୧୨(୫) ଅନୁଯାୟୀ ଏହାର ସଦସ୍ୟମାନଙ୍କ

ଉତ୍ତରଦାୟିତ୍ୱ ସମ୍ପର୍କରେ ମଧ୍ୟ ନିରୂପଣ କରାଯାଇ ପାରିନଥିଲା । ତଦନୁସାରେ, ଯାହା ପରିଷଦର ବୈଠକ ବିବରଣୀରୁ ଦେଖାଯାଉଛି, ସଦସ୍ୟମାନେ, ସମସ୍ତ ଅଗ୍ରୱାଲ ମିଳିତ ଭାବେ ଏହି କମ୍ପାନୀକୁ ପରିଚାଳନା କରୁଛନ୍ତି, ଏବଂ ଅତଏବ, ଏହା କେବଳ ଏକ ଘରୋଇ କମ୍ପାନୀ ହିଁ ହୋଇପାରେ ।

୫.୧୩ ଏହା ଉପସ୍ଥାପନା କରାଯାଇଛି ଯେ, ତଥାପି, ଆବେଦନକାରୀଙ୍କ ତା ୧୦.୦୨.୨୦୧୧ ରିଖ ପତ୍ରରେ, ଆବେଦନକାରୀ ସ୍ୱୀକାର କରିଥିଲେ ଯେ ସେମାନଙ୍କ ପାଖରେ କୌଣସି ଅଂଶ ନାହିଁ ଏବଂ ଏହା ଅଧିନିୟମ ୧୯୫୬ ର ଧାରା ୨୫ ଅଧିନସ୍ଥ ପ୍ରତ୍ୟାଭୂତିରେ ପଞ୍ଜୀକୃତ କମ୍ପାନୀ ଅଟେ । ଯେତେବେଳେ କୌଣସି ଅଂଶ ନଥାଏ, ସେତେବେଳେ ଅଂଶ ମିଳିତ କିମ୍ବା ପୃଥକ୍ ଭାବେ ଧରିବାର ଢାଞ୍ଚା ନିରୂପଣ କରାଯାଇପାରିବ ନାହିଁ ଏବଂ ଅତଃ କମ୍ପାନୀ କେବଳ ଏକ ଘରୋଇ କମ୍ପାନୀ ହିଁ ହୋଇପାରିବ ।

୫.୧୪ ଏହା ଉପସ୍ଥାପନା କରାଯାଇଛି ଯେ ୩୧.୦୭.୨୦୦୭ ରେ ସମ୍ପାଦିତ ଚୁକ୍ତିରେ ମଧ୍ୟ ଆବେଦନକାରୀ କମ୍ପାନୀ ନିଜକୁ କେବଳ ଏକ କମ୍ପାନୀ ଭାବେ ଉଲ୍ଲେଖ କରିଛି, କିନ୍ତୁ ନିଜକୁ ଏକ ସାର୍ବଜନୀନ କମ୍ପାନୀ ବୋଲି କହିନାହିଁ । ଉପସ୍ଥାପନା କରାଯାଇଛି ଯେ ଆବେଦନକାରୀ ମଧ୍ୟ ଏହା ପରିବର୍ତ୍ତେ ଅଧିନିୟମ ୧୯୫୬ ର ଧାରା ୪୪ ଅଧୀନସ୍ଥ ନିର୍ଦ୍ଦେଶାନୁଯାୟୀ ଚତୁର୍ଥ ଅନୁସୂଚୀରେ ଥିବା ବିବରଣ ପତ୍ରିକା କିମ୍ବା ବିବୃତି ଦାଖଲ କରିବାରେ ବିଫଳ ହୋଇଛନ୍ତି । ଉପସ୍ଥାପନା କରାଯାଇଛି ଯେ ଅନୁସୂଚୀ IV କମ୍ପାନୀର ପ୍ରତ୍ୟେକ ନିର୍ଦ୍ଦେଶକଙ୍କ ସତ୍ତ୍ୱାଧିକାର ଏବଂ ଅଂଶୀଦାର ଢାଞ୍ଚା ପ୍ରଦର୍ଶନ ନିଶ୍ଚିତ କରିଥାଏ,

ଯାହା ବିନା କମ୍ପାନୀର ପ୍ରକାର ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ଉପସ୍ଥାପନା କରାଯାଇଛି ଯେ ଯେହେତୁ ସାର୍ବଜନୀନ କମ୍ପାନୀ ଘରୋଇ କମ୍ପାନୀ ବ୍ୟତୀତ ଅନ୍ୟ କୌଣସି କମ୍ପାନୀ ଅଟେ, ଅଧିନିୟମ, ୧୯୫୬ ର ଧାରା ୩ (c) ର ବ୍ୟବସ୍ଥାର ଅନୁପାଳନ ପରୀକ୍ଷା କରିବା ପାଇଁ ଅଂଶୀଦାର ଢାଞ୍ଚା ନିତ୍ୟାନ୍ତ ଜରୁରୀ ।

୫.୧୫ ଏହା ଉପସ୍ଥାପନା କରାଯାଇଛି ଯେ ୧୮୯୪ ଅଧିନିୟମର ପରିପ୍ରେକ୍ଷୀରେ, ଘରୋଇ କମ୍ପାନୀର ଆଧାରକୁ ହଟାଇବା ପାଇଁ ଏକ ସାର୍ବଜନୀନ କମ୍ପାନୀ ଯେ କୌଣସି ଜନସାଧାରଣଙ୍କୁ ଅଂଶ (ସେୟାର) କ୍ରୟ କରିବା ଲାଗି ସମର୍ଥ କରିବା ଲାଗି ସଂଘ ନିୟମାବଳୀରେ ବ୍ୟବସ୍ଥା ଦରକାର କରିବ । ଉପସ୍ଥାପନା କରାଯାଇଛି ଯେ ଧାରା ୪୪ଖ ର ପରିସରକୁ ଏହାର ଉଦ୍ଦେଶ୍ୟ ଅନୁସାରେ ବୁଝିବା ଉଚିତ । ପରିବାରର ତିନି ଜଣ ସଦସ୍ୟଙ୍କ ଦ୍ୱାରା ଗଠିତ କମ୍ପାନୀକୁ ଯଦି ପୁଅ-ଝିଅ ଯୋଡ଼ି ଏହାର ସଦସ୍ୟ ସଂଖ୍ୟା ୭ କୁ ବଢ଼ାଇ ଦିଆଯାଏ ତେବେ ଆଇନଗତ ଭାବେ ଏହାକୁ ସାର୍ବଜନୀନ କମ୍ପାନୀ ବୋଲି ଗ୍ରହଣ କରାଯାଇପାରିବ ନାହିଁ । ତେଣୁ ୧୮୯୪ ର ଅଧିନିୟମ ୪୪ଖ ର ପରିସର ଓ ତାତ୍ପର୍ଯ୍ୟକୁ ଧ୍ୟାନରେ ରଖି 'ସାର୍ବଜନୀନ କମ୍ପାନୀ'ର ଅର୍ଥ ବ୍ୟାଖ୍ୟା କରାଯିବା ଉଚିତ । ଏହି କାରଣରୁ ଧାରା ୪୦ ଏବଂ ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ନିୟମାବଳୀ ଅଧୀନରେ ଏକ ଅନୁସନ୍ଧାନ ବିଚାର୍ଯ୍ୟ ।

୫.୧୬ ଆହୁରି ମଧ୍ୟ ଉପସ୍ଥାପିତ ହୋଇଛି ଯେ ରାଜିନାମାର ଧାରା ୪୧ ଖଣ୍ଡ ୧୩ ର ନିର୍ଦ୍ଦେଶ ଦୁଇ ତୃତୀୟାଂଶଠାରୁ ବେଶୀ ଅର୍ଥ ଦେବାକୁ ମନା କରୁଛି , ଅର୍ଥାତ୍ କ୍ଷତିପୂରଣ ରାଶିର ୬୬. ୬୬ ପ୍ରତିଶତ, ଯାହା ଧାରା ୧୭ (୩କ) (୩) ର ସ୍ପଷ୍ଟ ଉଲ୍ଲଂଘନ ଅଟେ,

ଯେଉଁଥିରେ ୮୦ ପ୍ରତିଶତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ କରାଯାଇଛି । ଏପରିକି ଏହି ଅଧିନିୟମରେ ଦଖଲାଧିକାରରେ ପ୍ରବେଶ / ଦଖଲାଧିକାର ନେବା ପୂର୍ବରୁ ସାର୍ବଜନିକ ଉଦ୍ଦେଶ୍ୟ ପାଇଁ ୮୦ ପ୍ରତିଶତ ଅର୍ଥ ଦେବାକୁ ବାଧ୍ୟତାମୂଳକ କରାଯାଇଛି, କିନ୍ତୁ ଘରୋଇ କମ୍ପାନୀ ପାଇଁ ଉପରୋକ୍ତ ରାଜିନାମା ଅନୁଯାୟୀ ୬୬.୬୭ ପ୍ରତିଶତରୁ ଅଧିକ ଅର୍ଥ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଅଗ୍ରହଣୀୟ ଅଟେ ।

୫.୧୭ ଏହା ଉପସ୍ଥାପନ କରାଯାଇଛି ଯେ ରାଜିନାମାର ଧାରା ୪୧ ମଧ୍ୟ ମିଥ୍ୟା ଆଧାରରେ କାର୍ଯ୍ୟକାରୀ କରାଯାଇଥିଲା କାରଣ ଅଧିନିୟମ ୧୮୯୪ ର ଧାରା ୪୦ ସହିତ ପଠିତ ନିୟମାବଳୀ ୧୯୬୩ ଅନୁଯାୟୀ କୌଣସି ତଦନ୍ତ କରାଯାଇନଥିଲା । ଏହା ଉପସ୍ଥାପନ କରାଯାଇଛି ଯେ, ତେଣୁ ଆବେଦନକାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦାନ ଲାଗି ଧାରା ୪୧ ରାଜିନାମା, କ୍ଷମତାର ଏକ ପ୍ରତାରଣାମୂଳକ ପ୍ରୟୋଗ ଥିଲା ।

୫.୧୮ ଏହା ମଧ୍ୟ କୁହାଯାଇଛି ଯେ ଅନ୍ୟଥା, ୧୯.୦୭.୨୦୦୬ ରେ ଆବେଦନକାରୀଙ୍କ ସହିତ ଏମଓୟୁ ସମ୍ପାଦନ ହେବା ସମୟରେ ଆବେଦନକାରୀ ନିଃସନ୍ଦେହରେ ଏକ ଘରୋଇ କମ୍ପାନୀ ଥିଲେ ଏବଂ ତେଣୁ ଏହି ପ୍ରସ୍ତାବକୁ ଗ୍ରହଣ କରା ନ ଯାଇ, ଏହାକୁ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରାଯିବା ଉଚିତ ଥିଲା । ଏହା ଦର୍ଶାଯାଇଛି ଯେ, ସରକାର ଅନୁଚିତ ଆଗ୍ରହ ଦେଖାଇଥିଲେ ଏବଂ ସମସ୍ତ ସରକାରୀ କଳ ତରବରିଆ ଭାବେ କାର୍ଯ୍ୟ କରିଥିଲେ ଏବଂ ଜରୁରୀକାଳୀନ ବ୍ୟବସ୍ଥା, ଯଥା, ଅଧିନିୟମର ଧାରା ୧୭ ବ୍ୟବହାର କରି ଜମି ଅଧିଗ୍ରହଣ କରିଥିଲେ । ଏହା ଉପସ୍ଥାପନା କରାଯାଇଥିଲା ଯେ ଏପରିକି ୩୦.୦୭.୨୦୦୭ ରେ କମ୍ପାନୀ ଏକ ସାର୍ବଜନୀନ କମ୍ପାନୀ ନଥିଲା । ତେଣୁ,

ଆବେଦନକାରୀଙ୍କ ସହ, ଯିଏ କି ଏକ ଘରୋଇ କମ୍ପାନୀ, ବୁଝାମଣା / ରାଜିନାମାରେ ପ୍ରବେଶ କରିବା, ଯାହା ଜମି ଅଧିଗ୍ରହଣର ଆଧାର ସୃଷ୍ଟି କରିଥିଲା , ତାହା ଧାରା ୪୦ (୧) (aa) ଏବଂ ୪୦ (୧) (b) ଏବଂ ୪୪ଖ ଅଧିନସ୍ଥ ବୈଧାନିକ ପ୍ରତିବନ୍ଧକ ଉଲ୍ଲଙ୍ଘନ କରିଛି ଏବଂ ସେଥିପାଇଁ , ମୂଳରୁ ହିଁ ଏହା ଅସିଦ୍ଧ ଅଟେ ।

୫.୧୯ ଏହା ମଧ୍ୟ ଦର୍ଶାଯାଇଛି ଯେ ଧାରା ୬ ବିଜ୍ଞପ୍ତି ପରେ ତା୨୫.୦୭.୨୦୦୮ ରିଖର ଜିଲ୍ଲାପାଳଙ୍କ ପତ୍ର ଉପରେ ଆବେଦନକାରୀଙ୍କ ଆସ୍ଥା ଅପୋଷଣୀୟ ଅଟେ । ଏହା ଉପସ୍ଥାପନା କରାଯାଇଛି ଯେ ଧାରା ୬ ବିଜ୍ଞପ୍ତି ପୂର୍ବରୁ ଜିଲ୍ଲାପାଳଙ୍କ ତଦନ୍ତ ଏବଂ ବିବରଣ କାର୍ଯ୍ୟବିଧି ହେବାର ଥିଲା । ଉପସ୍ଥାପିତ ହୋଇଛି ଯେ, ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ୨୭.୦୫.୨୦୦୮ ର ଆର ଟି ଆଇ ଅଧିନସ୍ଥ ପ୍ରଶ୍ନର ଉତ୍ତରରୁ ଏହା ପ୍ରତିଷ୍ଠିତ ଓ ପ୍ରମାଣିତ ହୋଇଛି ଯେ ନିୟମାବଳୀ, ୧୯୬୩ ଅଧୀନରେ କୌଣସି ତଦନ୍ତ କରାଯାଇନାହିଁ । ଉପସ୍ଥାପନା କରାଯାଇଛି ଯେ ଉକ୍ତ ଆର ଟି ଆଇ ପ୍ରଶ୍ନର ଉତ୍ତରରେ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଉତ୍ତର ଦେଇଛନ୍ତି ଯେ; "ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ , ୧୯୬୩ ଅଧୀନରେ ଏଭଳି କୌଣସି ତଦନ୍ତ ହୋଇନଥିଲା" ।

୫.୨୦ ଆହୁରି ମଧ୍ୟ ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ ମଧ୍ୟ ରାଜ୍ୟ ସରକାର ନିୟମ ୩ ର ଉପ-ନିୟମ (୨) ଏବଂ ନିୟମାବଳୀର ଖଣ୍ଡ (i) ଏବଂ (ii) ଅଧୀନରେ ବିଜ୍ଞାପିତ ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ସମିତି / ପ୍ରମୁଖ ସମିତି ଗଠନ କରିନାହାଁନ୍ତି ।

୫.୨୧ ଉପସ୍ଥାପିତ ହୋଇଛି ଯେ ବର୍ତ୍ତମାନର ମାମଲାରେ, "ସରକାରୀ ଜମି ଲିଜ ଏବଂ ଘରୋଇ ଜମି ଅଧିଗ୍ରହଣ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ରଖିବା, ନୀତି ଅନୁଯାୟୀ ବିସ୍ଥାପିତ ପରିବାରମାନଙ୍କ ଥଇଥାନକୁ ସୁଗମ କରିବା, ୟୁ ଜି ସି, ଏ ଆଇ ସି ଟି ଇ, ଏମ ସି ଆଇ, ବି ସି ଆଇ ଇତ୍ୟାଦି ପ୍ରାସଙ୍ଗିକ ବୈଧାନିକ ସଂସ୍ଥା ଦ୍ୱାରା ଅଧିସ୍ୱୀକୃତି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ବିଶ୍ୱବିଦ୍ୟାଳୟ ପାଇଁ ଏକ ଅଧିନିୟମ ପ୍ରଣୟନ କରିବା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅନ୍ୟାନ୍ୟ ସଂସ୍ଥାମାନଙ୍କଠାରୁ ଅନାପତ୍ତି ପ୍ରମାଣପତ୍ର ଜାରିର ସୁବିଧା କରିବା ଏବଂ ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ସଡ଼କ, ଜଳ, ବିଦ୍ୟୁତ ଏବଂ ଦୂରଭାଷ ସଂଯୋଗୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା" ଆଦି ସ୍ପଷ୍ଟ ଅଭିପ୍ରାୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ତା ୧୭.୦୮.୨୦୦୭ ରିଖ ବିଜ୍ଞପ୍ତି ଜରିଆରେ ଉକ୍ତ 'ପ୍ରମୁଖ ସମିତି' ଗଠନ କରାଯାଇଥିଲା । ଏହା ଉପସ୍ଥାପିତ ହୋଇଛି ଯେ ଉପରୋକ୍ତ ପ୍ରମୁଖ ସମିତି ଗଠନ କରିବାର ପରିସର, ସଂରଚନା ଏବଂ ଉଦ୍ଦେଶ୍ୟ, ନିୟମାବଳୀ ୧୯୬୩ ର ତୃତୀୟ ନିୟମ ଅଧୀନରେ ପରିକଳ୍ପିତ ଭୂମି ଅଧିଗ୍ରହଣ କମିଟିର ପରିସର, ଗଠନ ଏବଂ ଉଦ୍ଦେଶ୍ୟଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ । ଏହାର କାରଣ ହେଉଛି ଭୂମି ଅଧିଗ୍ରହଣ ପାଇଁ କୌଣସି କମ୍ପାନୀର ପ୍ରସ୍ତାବର ସମ୍ଭାବ୍ୟତା ଏବଂ ବାଞ୍ଛନୀୟତାର ମୂଲ୍ୟ ନିର୍ଦ୍ଧାରଣ ଲାଗି ସରକାରଙ୍କୁ ସହାୟତା ନିମନ୍ତେ ଭୂମି ଅଧିଗ୍ରହଣ ସମିତି ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି, ବୈଧାନିକ ବ୍ୟବସ୍ଥାର ସ୍ପଷ୍ଟ ଉଲ୍ଲଂଘନପୂର୍ବକ ଅଧିଗ୍ରହଣର ସମ୍ଭାବ୍ୟତା ଏବଂ ବାଞ୍ଛନୀୟତା ପୂର୍ବରୁ ନିର୍ଦ୍ଧାରଣ କରି ଓଡ଼ିଶା ସରକାରଙ୍କ ସହିତ ଜମି

ଅଧିଗ୍ରହଣ ପ୍ରକ୍ରିୟାକୁ ସହଜସାଧ କରିବା ଉଦ୍ଦେଶ୍ୟରେ ପ୍ରମୁଖ ସମିତି ଗଠନ କରାଯାଇଥିଲା ।

୫.୨୨ ଏହା ଉପସ୍ଥାପିତ ହୋଇଛି କି ଆବେଦନକାରୀଙ୍କ ତର୍କ ଯେ ବର୍ତ୍ତମାନର ମାମଲାରେ ନିୟମାବଳୀ, ୧୯୬୩ ର ନିୟମ ୪ ଅଧୀନରେ ତଦନ୍ତ ଆବଶ୍ୟକ / ପ୍ରାସଙ୍ଗିକ ନୁହେଁ, କାରଣ ଏହି ଜମି ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା ଏବଂ କମ୍ପାନୀ ଦ୍ୱାରା ନୁହେଁ, ଅଯୌକ୍ତିକ ଅଟେ । ଏହା ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ, ପ୍ରାରମ୍ଭରୁ ହିଁ ଆବେଦନକାରୀ କମ୍ପାନୀ ଦ୍ୱାରା ଜମିକୁ ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇଥିଲା । ଏହା ଉପସ୍ଥାପନା କରାଯାଇଛି ଯେ ଅନ୍ୟଥା, କମ୍ପାନୀ ଦ୍ୱାରା ହେଉ ଅବା ସରକାରଙ୍କ ଦ୍ୱାରା ଜମି ଚିହ୍ନଟ କରାଗଲେ ମଧ୍ୟ ବୈଧାନିକ ନିୟମ ୪ କୁ ଆଦୌ ପରିହାର କରାଯାଇପାରିବ ନାହିଁ ଏବଂ ନିୟମାବଳୀ, ୧୯୬୩ ର ନିୟମ ୪ ରେ ଉଲ୍ଲେଖ କରାଯାଇଥିବା ସମସ୍ତ ତଥ୍ୟର ତଦନ୍ତ କରିବା ପାଇଁ ଜିଲ୍ଲାପାଳ ବାଧ୍ୟ ଅଟନ୍ତି ଅନ୍ୟଥା, ନିୟମାବଳୀ, ୧୯୬୩ ଏବଂ ଅଧିନିୟମ ୧୮୯୪ ର ଭାଗ-VII ର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ବିଫଳ ହେବ । ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଅଧିକାଂଶ ଗ୍ରାମ ପାଇଁ ଅଧିନିୟମ ୧୮୯୪ ର ଧାରା ୬ ଅଧୀନରେ ଘୋଷଣା, ଅଧିନିୟମର ଧାରା ୪୧ ଅଧିନସ୍ଥ ରାଜିନାମା କାର୍ଯ୍ୟକାରୀ ହେବା ପୂର୍ବରୁ କରାଯାଇଥିଲା । ଏତଦ୍ ଦ୍ୱାରା ନିୟମାବଳୀ ୧୯୬୩ ର ନିୟମ ୪(୪)(ii) ର ସମ୍ପୂର୍ଣ୍ଣ ନିୟମଭଙ୍ଗ ଏବଂ ଉଲଂଘନ ହୋଇଛି, ଯେଉଁଥିରେ ବ୍ୟବସ୍ଥା ରହିଛି ଯେ ଅଧିନିୟମର ଧାରା ୪୧ ଅଧିନସ୍ଥ ରାଜିନାମା କମ୍ପାନୀ ଦ୍ୱାରା ନିଷ୍ପାଦିତ ନହେବା ପର୍ଯ୍ୟନ୍ତ ଉପଯୁକ୍ତ ସରକାରଙ୍କ ଦ୍ୱାରା ଅଧିନିୟମର

ଧାରା ୬ ଅଧୀନରେ କୌଣସି ଘୋଷଣା କରାଯିବ ନାହିଁ । ଏପରିକି ଏହା ଅଧିନିୟମ, ୧୮୯୪ ର ଧାରା ୩୯ ର ସ୍ୱଷ୍ଟ ଉଲ୍ଲଙ୍ଘନ କରିଛି, ଯାହା ଉଲ୍ଲେଖ କରେ, ଯେ ପର୍ଯ୍ୟନ୍ତ କମ୍ପାନୀ ଅଧିନିୟମ , ୧୮୯୪ ର ଧାରା ୪୧ ଅଧୀନରେ କମ୍ପାନୀ ରାଜିନାମା ସମ୍ପାଦନ କରିନାହିଁ, ସେ ପର୍ଯ୍ୟନ୍ତ ଅଧିନିୟମ, ୧୮୯୪ ର ଧାରା ୬ ର ବ୍ୟବସ୍ଥାମାନ କୌଣସି କମ୍ପାନୀ ପାଇଁ ଜମି ଅଧିଗ୍ରହଣ କରିବା ଉଦ୍ଦେଶ୍ୟରେ ଲାଗୁ କରାଯିବ ନାହିଁ । ଉପସ୍ଥାପନା କରାଯାଇଛି ଯେ ତେଣୁ, ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପ୍ରକ୍ରିୟାଟି ଅସିଦ୍ଧ ଅଟେ ଏବଂ ସେଥିପାଇଁ ସମସ୍ତ ପରିଣାମସ୍ୱରୂପ ସମସ୍ତ କାର୍ଯ୍ୟପ୍ରକ୍ରିୟା ମୂଳରୁ ଅସିଦ୍ଧ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ମତପୋଷଣ କରିବା ଯୁକ୍ତିଯୁକ୍ତ ଅଟେ ।

୫.୨୩ ଶ୍ରୀମାନ ଓକିଲଙ୍କ ଦ୍ୱାରା ଆହୁରି ମଧ୍ୟ ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ, ଆରମ୍ଭରୁ ଏବଂ ଏମ ଓ ୟୁ ସ୍ୱାକ୍ଷରିତ ହେବା ସମୟଠାରୁ, ଓଡ଼ିଶା ସରକାର ଏହା ମନରେ ରଖିଥିଲେ ଯେ ଜମି ବେଦାନ୍ତକୁ ହିଁ ଉପଲବ୍ଧ କରାଯିବ, ଯଦିଓ ଅଧିନିୟମ, ୧୮୯୪ ଏବଂ ନିୟମାବଳୀ, ୧୯୬୩ ର ବାଧ୍ୟତାମୂଳକ ଆବଶ୍ୟକତା ଏପର୍ଯ୍ୟନ୍ତ ପୂରଣ କରାଯିବାକୁ ବାକି ଥିଲା , ଯାହାକି ଅଧିଗ୍ରହଣର ବିଫଳତାର କାରଣ ହୋଇଥା'ନ୍ତା, କାରଣ ସେଥିରେ ପ୍ରଦତ୍ତ ଅନୁସନ୍ଧାନ, କେତେକ ବାଧ୍ୟତାମୂଳକ ଆବଶ୍ୟକତା ପୂରଣ ନ ହେବା ସ୍ଥଳେ ଜମି ଅଧିଗ୍ରହଣକୁ ବର୍ଜିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା ।

୫.୨୪ ଶ୍ରୀମାନ ଓକିଲ ଶ୍ରୀ ପ୍ରଶାନ୍ତ ଭୂଷଣ **ଦେବେନ୍ଦ୍ର ସିଂ ବନାମ ପଞ୍ଜାବ ରାଜ୍ୟ, (୨୦୦୮ ) ୧ ଏସ ସି ସି ୭୨୮ ଏବଂ ସିଟି ମନ୍ଟେସରୀ ସ୍କୁଲ ବନାମ ୟୁପି ରାଜ୍ୟ, (୨୦୦୯ ) ୧୪ ଏସ ସି ସି ୨୫୩** ମାମଲାରେ ଦିଆଯାଇଥିବା ଏହି ନ୍ୟାୟାଳୟର

ନିଷ୍ପତ୍ତିକୁ ଭରସା କରି, ଅଧିନିୟମ, ୧୮୯୪ ର ଭାଗ-VII ଏବଂ ନିୟମାବଳୀ, ୧୯୬୩ କୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ ବୋଲି ତାଙ୍କ ବକ୍ତବ୍ୟର ସମର୍ଥନରେ ଏହାକୁ ଉପସ୍ଥାପନ କରିଛନ୍ତି । ବର୍ତ୍ତମାନର ମାମଲାରେ ୧୮୯୪ ର ଅଧିନିୟମର ଭାଗ-VII ଏବଂ ୧୯୬୩ ର ପ୍ରାସଙ୍ଗିକ ନିୟମାବଳୀର ସମସ୍ତ କାର୍ଯ୍ୟପ୍ରକ୍ରିୟା ଏବଂ ଆବଶ୍ୟକତାର ଅନୁପାଳନ ହୋଇନାହିଁ ।

୫.୨୫ ଶ୍ରୀମାନ ଓକିଲ ଶ୍ରୀ ପ୍ରଶାନ୍ତ ଭୂଷଣଙ୍କ ଦ୍ଵାରା ଏହା ମଧ୍ୟ ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ, ଛାନଭିନ୍ ଏବଂ ଅଧିନିୟମ ୧୮୯୪ ର ୫କ ଅଧୀନରେ ଆପତ୍ତି ସଠିକ୍ ଭାବେ ପାଳନ କରାଯାଇନାହିଁ ଏବଂ / କିମ୍ବା ଏହାକୁ ଅନୁସରଣ କରାଯାଇନାହିଁ । ଏହା ଉପସ୍ଥାପିତ ଯେ ପ୍ରସ୍ତାବିତ ପ୍ରକଳ୍ପର ବାଞ୍ଛନୀୟତା ସମ୍ପର୍କରେ ଧାରା ୫କ ଅନୁଯାୟୀ ପ୍ରଭାବିତ ଲୋକମାନଙ୍କ ଅଭିଯୋଗକୁ ଯଥାର୍ଥ ଭାବେ ଶୁଣିବା ଜିଲ୍ଲାପାଳଙ୍କ ପକ୍ଷରେ ନିହାତି ଅପରିହାର୍ଯ୍ୟ ଥିଲା, ତାହା ପ୍ରାପ୍ତ ଆପତ୍ତି ସଂଖ୍ୟା ନିର୍ବିଶେଷରେ ଯାହାଥାଉ ଏବଂ ତଦନୁସାରେ ତାଙ୍କର ବିବୃତି ଦେବା ଉଚିତ ଥିଲା । ଏହି ମାମଲାରେ ଜିଲ୍ଲାପାଳ ଉପରୋକ୍ତ ପ୍ରକ୍ରିୟାକୁ ଅନୁସରଣ କରିନାହାଁନ୍ତି ବୋଲି ଦର୍ଶାଯାଇଛି ।

୫.୨୬ ଏହା ମଧ୍ୟ ଦର୍ଶାଯାଇଛି ଯେ ଅନ୍ୟଥା ଆକ୍ଷେପିତ ଜମି ଅଧିଗ୍ରହଣ ପରିବେଶ ନିୟମର ଉଲ୍ଲଙ୍ଘନ ସଦୃଶ । କୁହାଯାଇଛି ଯେ ହିତାଧିକାରୀ କମ୍ପାନୀ ସପକ୍ଷରେ ବିଷୟଭୁକ୍ତ ଜମି ଅଧିଗ୍ରହଣ ଆଇନ ଦୃଷ୍ଟିରୁ ବାସ୍ତବରେ ଏଥିପାଇଁ ଖରାପ ଯେ ରାଜ୍ୟ ସରକାରଙ୍କ ଦ୍ଵାରା ପ୍ରକାଶିତ ତା ୨୩.୦୪.୧୯୮୪ ରିଖ ରାଜପତ୍ର ବିଜ୍ଞପ୍ତି ଦ୍ଵାରା,

ଅଧିଗୃହୀତ ଜମିର ନିକଟବର୍ତ୍ତୀ ଅଞ୍ଚଳକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଛି ଏବଂ ବନ ବିଭାଗ ଦ୍ୱାରା ଜାରି କରାଯାଇଥିବା ଉପଗ୍ରହ ମାନଚିତ୍ର ଅନୁସାରେ ଅଧିଗୃହିତ ଜମିରେ "ନୂଆନଈ" ଏବଂ "ନାଳ" ନାମକ ଦୁଇଟି ନଦୀ ପ୍ରବାହିତ ହେଉଛି । ଉପସ୍ଥାପିତ ହୋଇଛି ଯେ ଯଦି ଅଧିଗ୍ରହଣର ପ୍ରକ୍ରିୟା ଆଇନତଃ ବୈଧ ବୋଲି ଧରାଯାଏ, ତେବେ ଉକ୍ତ ନଦୀଗୁଡ଼ିକ ଉକ୍ତ ଘରୋଇ କମ୍ପାନୀର ନିୟନ୍ତ୍ରଣାଧୀନରେ ରହିବ ଯ'ଦ୍ୱାରା ଏହି ନ୍ୟାୟାଳୟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲୋକ ବିଶ୍ୱାସ ମତବାଦର ଉଲ୍ଲଂଘନ ହେବ । ଏହା ଉପସ୍ଥାପନା କରାଯାଇଛି ଯେ **କମନ କଜ୍, ଏ ରେଜିଷ୍ଟର୍ଡ ସୋସାଇଟି, (୧୯୯୯) ୬ ଏସ ସି ସି ୬୬୭** ମାମଲାରେ, ଏହି ନ୍ୟାୟାଳୟ କହିଥିଲେ ଯେ ପ୍ରାକୃତିକ ସମ୍ପଦ ଯେପରିକି ବାୟୁ, ଜଳ, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ଆଦି ସର୍ବସାଧାରଣ ସମ୍ପତ୍ତି ଯାହାର ନିରାପଦ ତଥା ଉପଯୁକ୍ତ ବ୍ୟବହାର ଏବଂ ଉପଯୁକ୍ତ ସୁରକ୍ଷା ପାଇଁ ସରକାରଙ୍କୁ ଉତ୍ତରଦାୟିତ୍ୱ ପ୍ରଦାନ କରାଯାଇଥାଏ ଏବଂ ଏହି ମତବାଦ ବ୍ୟକ୍ତିଗତ ମାଲିକାନା କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ସେଗୁଡ଼ିକର ଉପଯୋଗକୁ ଅନୁମତି ଦେବା ପରିବର୍ତ୍ତେ ସାଧାରଣ ଜନତାଙ୍କ ଆନନ୍ଦ ପାଇଁ ସମ୍ପଦର ସୁରକ୍ଷା କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥାଏ । ବେଦାନ୍ତ କମ୍ପାନୀ ପାଇଁ କରାଯାଇଥିବା ଅନୁରୋଧ ଆଧାରରେ ଗୋଚର ଜମି ସମେତ ରାଜ୍ୟ ସରକାରଙ୍କ ସଂରକ୍ଷିତ ଜମିର ବିଶାଳ ଅଂଶକୁ ମଧ୍ୟ ଯେଉଁ ଉଦ୍ଦେଶ୍ୟ ପାଇଁ ତାହା ସଂରକ୍ଷିତ ଥିଲା ସେଥିରୁ ତାହାକୁ ବଞ୍ଚିତ କରି ହିତାଧିକାରୀ କମ୍ପାନୀଙ୍କ ସପକ୍ଷରେ ଦଖଲ ମିଆଦି ଅନୁମତି ପତ୍ର ଆକାରରେ ଅନୁଦାନ ପାଇଁ ଉପଲବ୍ଧ

କରାଯାଇଥିଲା । ଏପରିକି ଦଖଲ ମିଆଦି ଅନୁମତି ପତ୍ର ପ୍ରଦାନ କରିବା ପାଇଁ ଉପଯୁକ୍ତ କାର୍ଯ୍ୟପ୍ରକ୍ରିୟାକୁ ମଧ୍ୟ ଅନୁସରଣ କରାଯାଇନାହିଁ ବୋଲି ଉପସ୍ଥାପିତ ହୋଇଛି ।

୫.୨୭ ଆହୁରି ମଧ୍ୟ ଉପସ୍ଥାପନା କରାଯାଇଛି ଯେ ପରବର୍ତ୍ତୀ ସମୟରେ ଏକ ଘରୋଇ କମ୍ପାନୀକୁ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ କରିବା ମଧ୍ୟ ଏକ ଅସାଧୁ ପ୍ରକ୍ରିୟା / କାର୍ଯ୍ୟକଳାପ ଥିଲା । ଏହା ଉପସ୍ଥାପିତ ହୋଇଛି ଯେ, ଯେତେବେଳେ ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇସାରିଥିଲା ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା ସମୟରେ ଆଇନ ବିଭାଗ ତଦାରଖ କରିଥିଲା ଓ ମତ ଦେଇଥିଲା ଯେ କେବଳ ଏକ ସାର୍ବଜନୀନ କମ୍ପାନୀ ଜମି ଅଧିଗ୍ରହଣ କରିପାରିବ ସେତେବେଳେ ହିଁ ଆବେଦନକାରୀ କମ୍ପାନୀକୁ ଘରୋଇରୁ କଥିତ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ପ୍ରକ୍ରିୟାଟି ତରବରରେ କରାଯାଇଛି ଏବଂ ତଦନୁସାରେ ଆବେଦନକାରୀ କମ୍ପାନୀକୁ ଦିଆଯାଇଥିବା ଅନୁଜ୍ଞପ୍ତି ର ସର୍ତ୍ତାବଳୀର ଉଲ୍ଲଂଘନ କରି ତୁରନ୍ତ ସଂଘ ନିୟମାବଳୀ ଏବଂ ସଂଘ ସ୍ମାରକପତ୍ରରେ ପରିବର୍ତ୍ତନ କରାଯାଇଥିଲା ଏବଂ ପ୍ରଥମେ ସମ୍ପୃକ୍ତ ପ୍ରାଧିକାରୀଙ୍କୁ ଏହି ପରିବର୍ତ୍ତନ ବିଷୟରେ ଅବଗତ କରାଯାଇନଥିଲା, ଯାହା ଦର୍ଶାଉଛି ଯେ ଅଧିନିୟମ ୧୮୯୪ ର ଭାଗ-VII ର ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଏପରି ପ୍ରୟାସ ସ୍ପଷ୍ଟଭାବେ କରାଯାଇଥିଲା । ଆଗକୁ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବର୍ତ୍ତମାନ ଜମିମାଲିକମାନଙ୍କ ହାତରେ ଜମିର ଦଖଲାଧିକାର ରହିଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷକଗୋଷ୍ଠୀ ଏବଂ ଅଧିଗୃହିତ କରାଯାଇଥିବା ସେମାନଙ୍କ କୃଷିଜମି ହିଁ ସେମାନଙ୍କର ଜୀବିକାର ଏକମାତ୍ର ଉତ୍ସ । ଏହା ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ, ଯାହା

ପୂର୍ବରୁ ଦର୍ଶାଯାଇଛି, ଯଦି ଜମି ଛଡ଼ାଯାଏ ତେବେ ପାଖାପାଖି ୬୦୦୦ ପରିବାର ଏବଂ ୩୦,୦୦୦ ଲୋକ ପ୍ରଭାବିତ ହେବାର ସମ୍ଭାବନା ରହିଛି, ଯାହା ସେମାନଙ୍କର ଦୁରାବସ୍ଥାର କାରଣ ହେବ, ଯାହାକୁ ଆର୍ଥିକ ସର୍ତ୍ତ ଦ୍ୱାରା କେବେ ମଧ୍ୟ ଭରଣା କରାଯାଇପାରିବ ନାହିଁ ।

୫.୨୮ ଉପରୋକ୍ତ ଉପସ୍ଥାପନ ସହ ବର୍ତ୍ତମାନର ଅପିଲଗୁଡିକୁ ଖାରଜ କରିବା ପାଇଁ ପ୍ରାର୍ଥନା କରାଯାଇଛି ।

୬. ସମ୍ପୃକ୍ତ ପକ୍ଷମାନଙ୍କର ଶ୍ରୀମାନ ଓକିଲଙ୍କୁ ଶୁଣିବା ପରେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆକ୍ଷେପିତ ରାୟ ଏବଂ ଆଦେଶକୁ ଅନୁଧ୍ୟାନ କରିବା ପରେ, ଏହା ଜଣାପଡୁଛି ଯେ ସମଗ୍ର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନାକଚ ଏବଂ ରଦ୍ଦ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ବାସ୍ତବରେ ୧୫ ଟି ପ୍ରସଙ୍ଗକୁ ଚିହ୍ନଟ କରିଥିଲେ, ଯାହାକି ନିମ୍ନରେ ଦିଆଗଲା:-

| **<u>ବିବାଦମାନ</u>** |
|---|
| **<u>ବିବାଦ ସଂଖ୍ୟା – ୧</u>**<br>ଅନିଲ ଅଗ୍ରୱାଲ ଫାଉଣ୍ଡେସନ, ହିତାଧିକାରୀ କମ୍ପାନୀ, କମ୍ପାନୀ ଅଧିନିୟମ, ୧୯୫୬ ର ଧାରା ୩(୧)(IV) ସଂଜ୍ଞା ଅନୁଯାୟୀ ଏକ ସାର୍ବଜନୀନ କମ୍ପାନୀ କି? ଏବଂ ଘରୋଇ ପ୍ରତ୍ୟାଭୂତି ଲିମିଟେଡ କମ୍ପାନୀକୁ କମ୍ପାନୀ ଅଧିନିୟମର ଧାରା ୨୫ ଅଧୀନରେ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ କରାଯାଇପାରିବ କି? |
| **<u>ବିବାଦ ସଂଖ୍ୟା – ୨</u>**<br>ଭୂମି ଅଧିଗ୍ରହଣ ଅଧିନିୟମ, ୧୮୯୪ ର ଧାରା ୪୪ଖ ଦୃଷ୍ଟିରେ ରାଜ୍ୟ |

| |
|---|
| ସରକାର ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ (ଯାହାର ଅସ୍ତିତ୍ୱ ନାହିଁ) ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିଜର ଅଗ୍ରଗଣ୍ୟ ପ୍ରଭାବ କ୍ଷେତ୍ର କ୍ଷମତାର ପ୍ରୟୋଗ କରି ହିତାଧିକାରୀ କମ୍ପାନୀ ସପକ୍ଷରେ ଜମି ଅଧିଗ୍ରହଣ କରିପାରିବେ କି? |
| **ବିବାଦ ସଂଖ୍ୟା - ୩**<br>ବେଦାନ୍ତ ଫାଉଣ୍ଡେସନର ଅନୁରୋଧକ୍ରମେ ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ ୩(୨) ଏବଂ ୪ ସହିତ ପଠିତ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୩୯, ୪୧ ଏବଂ ୪୨ ର ବାଧ୍ୟତାମୂଳକ ବ୍ୟବସ୍ଥାକୁ ପାଳନ ନକରି ଏଲ ଏ ଅଧିନିୟମର ଧାରା ୪(୧) ଅଧୀନରେ ବିଜ୍ଞପ୍ତି ଜାରି କରି ହିତାଧିକାରୀ କମ୍ପାନୀ ସପକ୍ଷରେ ରାଜ୍ୟ ସରକାର ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରିପାରିଥାନ୍ତେ କି ? |
| **ବିବାଦ ସଂଖ୍ୟା - ୪**<br>(କ) କାରଣ ଦର୍ଶାଅ ବିଜ୍ଞପ୍ତି ଉପରେ କୌଣସି ଆପତ୍ତି / ଅଭିଯୋଗ ନଥିବା ସହିତ ହିତାଧିକାରୀ କମ୍ପାନୀ ପାଇଁ ଜମିମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କ ଜମିର ଅଧିଗ୍ରହଣ ପ୍ରସ୍ତାବକୁ ନେଇ ପ୍ରାରମ୍ଭିକ / ପ୍ରାଥମିକ ବିଜ୍ଞପ୍ତି ଦିଆଯାଇଥିବା ସତ୍ତ୍ୱେ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୫କ ଅଧୀନରେ ଜିଲ୍ଲାପାଳଙ୍କୁ ଏକ ତଦନ୍ତ କରିବାର ଆବଶ୍ୟକ ଥିଲା କି?<br>ଏବଂ<br>(ଖ) ଅଧିଗ୍ରହଣ ଦ୍ୱାରା ଜମିମାଲିକମାନଙ୍କ ଉପରେ ଗମ୍ଭୀର ସର୍ବସାଧାରଣରେ (ସିଭିଲ) ପ୍ରଭାବ ପଡ଼ିବ, ଏହାକୁ ଧ୍ୟାନରେ ରଖି ନିୟମ - ୪ ର ଖଣ୍ଡ (୧) ରେ ଉଲ୍ଲେଖ କରାଯାଇଥିବା କେତେକ ବିଷୟ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳଙ୍କର ତାଙ୍କ ବିବରଣୀ ପ୍ରଦାନ କରିବା ଆବଶ୍ୟକ ଥିଲା କି ଯେହେତୁ ଏଲ ଏ ଅଧିନିୟମ, ୧୮୯୪ ର ଧାରା ୬ ଅଧୀନରେ ପରବର୍ତ୍ତୀ କାର୍ଯ୍ୟପ୍ରକ୍ରିୟା ଅନୁଷ୍ଠିତ କରିବା ସକାଶେ ଏହା ଅନିବାର୍ଯ୍ୟ ଥିଲା? |
| **ବିବାଦ ସଂଖ୍ୟା – ୫**<br>(କ) ପ୍ରଶ୍ନଗତ ଜମିମାଲିକ / ଆଗ୍ରହୀ ବ୍ୟକ୍ତିମାନେ ପ୍ରାରମ୍ଭିକ ବିଜ୍ଞପ୍ତି ଉପରେ |

| |
|---|
| ଆପତ୍ତି ଦାଖଲ ନ କରିବା ସକାଶେ ସେମାନଙ୍କ ଅଧିକାରକୁ ପରିତ୍ୟାଗ କରିଛନ୍ତି ବା ମୌନ ସମ୍ମତି ଦେଇଛନ୍ତି?<br>ଏବଂ<br>(ଖ) ଏହି ରିଟ୍ ଆବେଦନଗୁଡିକର ଦାଖଲ କରିବାରେ କୌଣସି ବିଳମ୍ବ ହୋଇଛି କି ଏବଂ ସେହି କାରଣରୁ ସେମାନେ ଏହି ରିଟ୍ ଆବେଦନଗୁଡିକରେ ପ୍ରାର୍ଥନା କରାଯାଇଥିବା ଅନୁତୋଷ / ସହାୟତା ପାଇଁ ହକଦାର ନୁହଁନ୍ତି କି? |
| **<u>ବିବାଦ ସଂଖ୍ୟା - ୬ ଏବଂ ୭</u>**<br>୬. କ'ଣ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରମୁଖ ସମିତି ଏଲ. ଏ. ଅଧିନିୟମ, ୧୮୯୪ ର ଧାରା ୪୦, ଉପଧାରା (୨) ଅଧିନସ୍ଥ ବ୍ୟବସ୍ଥାର ଅନୁପାଳନପୂର୍ବକ ଅଛି କି ଏବଂ ଏହା ଏକ ତଦନ୍ତ କରି ରାଜ୍ୟ ସରକାରଙ୍କ ବିଚାରାର୍ଥେ ରିପୋର୍ଟ ପ୍ରଦାନ କରିଛି କି ଏବଂ ଅଧିନିୟମର ଉପରୋକ୍ତ ବ୍ୟବସ୍ଥାଗୁଡିକର ଅନୁପାଳନ ଏଲ ଏ ଅଧିନିୟମର ଧାରା ୬ ଅଧୀନରେ ଘୋଷଣା ପାଇଁ ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ ୩ ଓ ୪ କୁ ପରିହାର କରିପାରିବ କି?<br>ଏବଂ<br>୭. ରାଜ୍ୟ ସରକାର ନିୟମାବଳୀ, ୧୯୬୩ ର ନିୟମ ୩ (୨) ଏବଂ ୪ ପାଳନ କରିଛନ୍ତି କି ଏବଂ ଜିଲ୍ଲାପାଳ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି କି ଏବଂ ତାହାକୁ ଏହି ଉଦ୍ଦେଶ୍ୟରେ ଗଠିତ କମିଟିକୁ ପଠାଯାଇଛି ଏବଂ ଧାରା ୬ ଅଧୀନରେ ବିଜ୍ଞପିତ ଏବଂ ପ୍ରକାଶିତ ଜମିଗୁଡ଼ିକୁ ଘୋଷଣା କରିବା ପୂର୍ବରୁ କମିଟି ସହ ପରାମର୍ଶ କରାଯାଇଛି କି ? |
| **<u>ବିବାଦ ସଂଖ୍ୟା - ୮ ଏବଂ ୯</u>**<br>୮. ହିତାଧିକାରୀ କମ୍ପାନୀ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୪୧ ଅଧୀନରେ ରାଜ୍ୟ ସରକାରଙ୍କ ସହ ଏହି ଅଧିନିୟମର ଉକ୍ତ ଧାରାର |

| |
|---|
| ଉପଧାରା (୧), (୨) ଏବଂ (୩) ଅଧୀନରେ ଅଙ୍ଗୀକାର ନେଇ ବୁଝାମଣା ପତ୍ର ସମ୍ପାଦନ କରିଛି କି ଏବଂ ଯେପରି ଆବଶ୍ୟକ, ଅଧିନିୟମର ଧାରା ୪୨ ଅଧୀନରେ ତାହା ସରକାରୀ ରାଜପତ୍ରରେ ପ୍ରକାଶିତ ହୋଇଛି କି?<br><br>ଏବଂ<br><br>୯. ହିତାଧିକାରୀ କମ୍ପାନୀ ଦ୍ୱାରା ତା ୧୯. ୦୭. ୨୦୦୬ ରିଖରେ ସମ୍ପାଦିତ ବୁଝାମଣାପତ୍ରକୁ ହିତାଧିକାରୀ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ଲାଗି ଏଲ ଏ ଅଧିନିୟମର ଧାରା ୪୧ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ ଏକ ବୈଧ ରାଜିନାମା ଭାବେ ଗ୍ରହଣ କରାଯାଇପାରିବ କି? |
| **ବିବାଦ ସଂଖ୍ୟା - ୧୦**<br>ବ୍ୟବସ୍ଥାଗୁଡିକ ଅଧୀନରେ ଆବଶ୍ୟକ ଅନୁସାରେ ଜିଲ୍ଲାପାଳ କ୍ଷତିପୂରଣ ପରିମାଣ କେତେ ଦିଆ ହେବ ଓ ଜମା ହେବ ତାହାର ଏକ ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି କି ଏବଂ ଏଲ ଏ ଅଧିନିୟମର ଧାରା ୨୩ ଏବଂ ୨୪ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ କାର୍ଯ୍ୟପଦ୍ଧତି ଅନୁସରଣ କରାଯାଇଛି କି? |
| **ବିବାଦ ସଂଖ୍ୟା - ୧୧**<br>ଜିଲ୍ଲାପାଳଙ୍କ ଦ୍ୱାରା ଏଲ ଏ ଅଧିନିୟମର ଧାରା ୯, ୧୦ ଏବଂ ୧୧ ଅନୁଯାୟୀ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଛି କି ଏବଂ ଅଧିନିୟମର ଧାରା ୧୨(୨) ଅନୁଯାୟୀ ଆବଶ୍ୟକ ଅଧିନିର୍ଣ୍ଣୟ ଅଧିସୂଚନା ଜାରି କରାଯାଇଛି କି ଏବଂ ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଛି କି ଏବଂ ତା'ପରେ ଏଲ ଏ ଅଧିନିୟମର ଧାରା ୧୬ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଦଖଲାଧିକାର ନିଆଯାଇଛି କି ଏବଂ କମ୍ପାନୀକୁ ହସ୍ତାନ୍ତର କରାଯାଇଛି ? |
| **ବିବାଦ ସଂଖ୍ୟା - ୧୨**<br>(କ) ଏହି ଅଞ୍ଚଳରେ ଜମି ଅଧିଗ୍ରହଣ କରିବା ପାଇଁ ଜାରି କରାଯାଇଥିବା ଆକ୍ଷେପିତ ବିଜ୍ଞପ୍ତି ଆଇନସଙ୍ଗତ ଏବଂ ବୈଧ କି, କାରଣ |

| |
|---|
| ସେମାନଙ୍କ ମଧ୍ୟରୁ କେତେକ ଜମିକୁ ତା ୨୩.୪.୧୯୮୪ ରିଖର ଗେଜେଟ ବିଜ୍ଞପ୍ତି ଅନୁସାରେ ବନ୍ୟପ୍ରାଣୀ ଅଭୟାରଣ୍ୟ ପାଇଁ ଘୋଷଣା କରାଯାଇଛି ଏବଂ ଜଙ୍ଗଲ ବିଭାଗ ଦ୍ୱାରା ଜାରି କରାଯାଇଥିବା ଉପଗ୍ରହ ମାନଚିତ୍ର ଅନୁଯାୟୀ ଉକ୍ତ ଜମିରେ ଦୁଇଟି ନଦୀ "ନୂଆନଈ" ଏବଂ "ନାଳ" ପ୍ରବାହିତ ହେଉଥିବା ହେତୁ ଏହା ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଉପରେ କୌଣସି ପ୍ରଭାବ ପକାଇବ କି?<br><br>ଏବଂ<br><br>(ଖ) ଏପରି ସ୍ଥଳେ, ଏହାଦ୍ୱାରା ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, ଏବଂ ପରିବେଶ ସୁରକ୍ଷା ଅଧିନିୟମ, ୧୯୮୬ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଛି କି ଏବଂ ଏହି କାରଣରୁ ଏହା ଜନସ୍ୱାର୍ଥ କିମ୍ବା ସାର୍ବଜନୀନ କ୍ଷତି କିମ୍ବା ଆଇନ ବ୍ୟବସ୍ଥାର ଉଲ୍ଲଂଘନ କରିବ କି? |
| **ବିବାଦ ସଂଖ୍ୟା - ୧୩ , ୧୪ ଏବଂ ୧୫**<br><br>୧୩. ଯଦି ଆବେଦନକାରୀମାନଙ୍କ ସପକ୍ଷରେ ପ୍ରଶ୍ନ ସଂଖ୍ୟା ୧୨(କ) ଏବଂ (ଖ)ର ଉତ୍ତର ଦିଆଯାଏ ଏବଂ ଭୂମି ଅଧିଗ୍ରହଣ ଅଧିନିୟମର ବ୍ୟବସ୍ଥାଗୁଡିକର ତଥା ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ଉଲ୍ଲଙ୍ଘନ କରାଯାଏ ତେବେ ଜନସ୍ୱାର୍ଥ ମାମଲା ସଫଳ ହେବ କି?<br><br>ଏବଂ<br><br>୧୪. ଯଦି ଆବେଦନକାରୀମାନେ କୌଣସି ମାମଲା ପ୍ରସ୍ତୁତ କରିଥାନ୍ତି, ତେବେ ଏହି ନ୍ୟାୟାଳୟର ନ୍ୟାୟିକ ପୁନର୍ବିଲୋକନ / ସମୀକ୍ଷା କ୍ଷମତା ପ୍ରୟୋଗ କରି ଅଧିଗ୍ରହଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯାଇପାରିବ କି? |

| |
|---|
| ଏବଂ<br><br>୧୫. ଆବେଦନକାରୀମାନେ  କେଉଁ ଅନୁତୋଷ / ସହାୟତା ପାଇବାକୁ ହକଦାର ? |

୭. ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଭାବେ ବିଚାରବିମର୍ଷ କରିବା ପରେ ଉଚ୍ଚ ନ୍ୟାୟାଳୟ ସଂପୃକ୍ତ ୧୫ ଟି ପ୍ରଶ୍ନର ଉତ୍ତର ନିମ୍ନମତେ ପ୍ରଦାନ କରିଛନ୍ତି –

| **ବିବାଦମାନ** | **ଉଚ୍ଚ ନ୍ୟାୟାଳୟ ଦେଇଥିବା ସିଦ୍ଧାନ୍ତ / ଉତ୍ତର** |
|---|---|
| **ବିବାଦ ସଂଖ୍ୟା - ୧**<br>ଅନିଲ ଅଗ୍ରୱାଲ ଫାଉଣ୍ଡେସନ, ହିତାଧିକାରୀ କମ୍ପାନୀ, କମ୍ପାନୀ ଅଧିନିୟମ, ୧୯୫୬ ର ଧାରା ୩(୧) (IV) ସଂଜ୍ଞା ଅନୁଯାୟୀ ଏକ ସାର୍ବଜନୀନ କମ୍ପାନୀ କି? ଏବଂ ଘରୋଇ ପ୍ରତ୍ୟାଭୂତି ଲିମିଟେଡ କମ୍ପାନୀକୁ କମ୍ପାନୀ ଅଧିନିୟମର ଧାରା ୨୫ ଅଧୀନରେ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ କରାଯାଇ ପାରିବ କି ? | ୧) ୧୯.୦୭.୨୦୦୬ ରେ ଦାଖଲ କରାଯାଇଥିବା ଫର୍ମ ନମ୍ବର ୩୨ ରେ ଉଲ୍ଲେଖିତ ସବିଶେଷ ବିବରଣୀ ଅନୁଯାୟୀ, ଆବେଦନକାରୀଙ୍କ ପରିଷଦରେ କେବଳମାତ୍ର ୩ ଜଣ ନିର୍ଦ୍ଦେଶକ ଏବଂ ୭ ଜଣରୁ କମ୍ ସଦସ୍ୟ ରହିଛନ୍ତି, ଯାହା କମ୍ପାନୀ ଅଧିନିୟମ ୧୯୫୬ ର ଧାରା ୧୨(b) ଅନୁଯାୟୀ ଏକ ସାର୍ବଜନୀନ ଲିମିଟେଡ କମ୍ପାନୀ ପାଇଁ ଆବଶ୍ୟକ ହେଉଥିବା ସଂଖ୍ୟାଠାରୁ କମ୍ ।<br>୨) ଆବେଦନକାରୀ ଏହାର ସ୍ଥିତିକୁ ଘରୋଇରୁ ସାର୍ବଜନୀନ କମ୍ପାନୀରେ ବଦଳାଇବାକୁ ଚେଷ୍ଟା କରିଥିଲେ, |

| | |
|---|---|
| | କିନ୍ତୁ ତାହା କମ୍ପାନୀ ଅଧିନିୟମ ୧୯୫୬ ର ଧାରା ୨୩, ୩୧, ୧୮୯(୨) ଏବଂ ୧୯୨ ର ଅନୁପାଳନ ସାପେକ୍ଷରେ ଥିଲା । ଆବେଦନକାରୀ ଧାରା ୩୧ (୨କ) ର ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ସ୍ମାରକପତ୍ରର ପ୍ରମାଣିତ ନକଲ ଓ ସଂଘ ନିୟମାବଳୀ ପ୍ରଦାନ କରିନଥିଲେ ଏବଂ ତେଣୁ ଏହା ଏକ ସାର୍ବଜନୀନ କମ୍ପାନୀର ମାନ୍ୟତା ହାସଲ କରିନଥିଲା । (୩) ଫାଉଣ୍ଡେସନ ଧାରା ୨୫ କମ୍ପାନୀ ଏବଂ ସେଥିପାଇଁ ଏହା ଏକ ସାର୍ବଜନୀନ ଲିମିଟେଡ କମ୍ପାନୀ ନୁହେଁ । |
| <u>ବିବାଦ ସଂଖ୍ୟା - ୨</u><br>ଭୂମି ଅଧିଗ୍ରହଣ ଅଧିନିୟମ, ୧୮୯୪ ର ଧାରା ୪୪-ଖ ଦୃଷ୍ଟିରେ ରାଜ୍ୟ ସରକାର ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ (ଯାହାର ଅସ୍ତିତ୍ୱ ନାହିଁ) ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିଜର ଅଗ୍ରଗଣ୍ୟ ପ୍ରଭାବ କ୍ଷେତ୍ର କ୍ଷମତାର ପ୍ରୟୋଗ କରି ହିତାଧିକାରୀ କମ୍ପାନୀ ସପକ୍ଷରେ ଜମି ଅଧିଗ୍ରହଣ କରିପାରିବେ କି? | ୧) ଅଧିନିୟମର ଧାରା ୪୪-ଖ ରେ ଯେପରି ଉଲ୍ଲେଖ କରାଯାଇଛି, ଧାରା ୪୦(୧)(a) ରେ ଉଲ୍ଲେଖିତ ଉଦ୍ଦେଶ୍ୟ ବ୍ୟତୀତ ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ଅନୁମତିଯୋଗ୍ୟ ନୁହେଁ । ସୁତରାଂ ସମ୍ବନ୍ଧିତ ଅଧିଗ୍ରହଣ ବେଆଇନ ଅଟେ ।<br><br>୨) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, ୧୯୫୬ କିମ୍ବା ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଅଧୀନରେ କୌଣସି ବିଶ୍ୱବିଦ୍ୟାଳୟ ଅସ୍ତିତ୍ୱ ଲାଭ କରିନଥିବା କାରଣରୁ ସମ୍ବନ୍ଧିତ ବିଶ୍ୱବିଦ୍ୟାଳୟର କୌଣସି ଅସ୍ତିତ୍ୱ ନାହିଁ । |

| | |
|---|---|
| | ୩) ରାଜ୍ୟ ସରକାର ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଏକ ଅଧ୍ୟାଦେଶ ଘୋଷଣା କରିଛନ୍ତି ଯାହା ଆଇନତଃ ଅସମର୍ଥନୀୟ ଅଟେ । |
| **ବିବାଦ ସଂଖ୍ୟା - ୩**<br>ବେଦାନ୍ତ ଫାଉଣ୍ଡେସନର ଅନୁରୋଧ କ୍ରମେ ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ ୩(୨) ଏବଂ ୪ ସହିତ ପଠିତ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୩୯, ୪୧ ଏବଂ ୪୨ ର ବାଧ୍ୟତାମୂଳକ ବ୍ୟବସ୍ଥାକୁ ପାଳନ ନ କରି ଏଲ ଏ ଅଧିନିୟମର ଧାରା ୪(୧) ଅଧୀନରେ ବିଜ୍ଞପ୍ତି ଜାରି କରି ହିତାଧିକାରୀ କମ୍ପାନୀ ସପକ୍ଷରେ ରାଜ୍ୟ ସରକାର ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରିପାରିଥାନ୍ତେ କି? | (୧) ବେଦାନ୍ତ ଫାଉଣ୍ଡେସନ ଦ୍ୱାରା ଦାଖଲ କରାଯାଇଥିବା ଅନୁରୋଧ ଆଧାରରେ ହିତାଧିକାରୀ କମ୍ପାନୀ ସପକ୍ଷରେ ଧାରା ୪(୧) ବିଜ୍ଞପ୍ତି ଜାରି କରାଯାଇଥିଲା, କିନ୍ତୁ ହିତାଧିକାରୀ କମ୍ପାନୀ, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ସପକ୍ଷରେ ନୁହେଁ ।<br>(୨) ଜମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ - ୩ ସହିତ ପଠିତ ନିୟମ - ୪ ସର୍ତ୍ତାନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ତଦନ୍ତ କରାଯାଇନାହିଁ ।<br>(୩) କମ୍ପାନୀ ସପକ୍ଷରେ ଧାରା ୪(୧) ବିଜ୍ଞପ୍ତି ପ୍ରକାଶିତ କରି ଜମି ଅଧିଗ୍ରହଣ କରିବା ଆଇନତଃ ବ୍ୟର୍ଥ ହୋଇଥାଏ କାରଣ ଧାରା ୪ ରୁ ୧୬ ଏବଂ ୧୮ ରୁ ୩୭ ର ବ୍ୟବସ୍ଥାମାନ ରଖିବା ପୂର୍ବରୁ ଧାରା ୩୯ ଅଧୀନରେ ରାଜ୍ୟ ସରକାରଙ୍କ ପୂର୍ବ ସମ୍ମତି ନଥିଲା ଏବଂ ଯେପର୍ଯ୍ୟନ୍ତ କମ୍ପାନୀ, ଅଧିନିୟମର ଧାରା ୪୧ ଅଧୀନରେ ଏହି ରାଜିନାମା ସମ୍ପାଦନ କରିନାହିଁ ସେପର୍ଯ୍ୟନ୍ତ ଏଭଳି |

| | |
|---|---|
| | ସମ୍ମତି ପ୍ରଦାନ କରାଯିବନାହିଁ ।<br>(୪) ଜମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ - ୩ ଅଧୀନରେ ଗଠିତ ହେବାକୁ ଥିବା ଭୂମି ଅଧିଗ୍ରହଣ ସମିତିର ପରାମର୍ଶ ବିନା ରାଜ୍ୟସରକାରଙ୍କ ଦ୍ୱାରା ଧାରା ୬ ଅଧୀନରେ ଘୋଷଣା କରାଯାଇଛି । |
| <u>ବିବାଦ ସଂଖ୍ୟା - ୪</u><br>(କ) କାରଣ ଦର୍ଶାଅ ବିଜ୍ଞପ୍ତି ଉପରେ କୌଣସି ଆପତ୍ତି / ଅଭିଯୋଗ ନଥିବା ସହିତ ହିତାଧିକାରୀ କମ୍ପାନୀ ପାଇଁ ଜମିମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କ ଜମିର ଅଧିଗ୍ରହଣ ପ୍ରସ୍ତାବକୁ ନେଇ ପ୍ରାରମ୍ଭିକ / ପ୍ରାଥମିକ ବିଜ୍ଞପ୍ତି ଦିଆଯାଇଥିବା ସତ୍ତ୍ୱେ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୫କ ଅଧୀନରେ ଜିଲ୍ଲାପାଳଙ୍କୁ ଏକ ତଦନ୍ତ କରିବାର ଆବଶ୍ୟକ ଥିଲା କି?<br><br>ଏବଂ<br><br>(ଖ) ଅଧିଗ୍ରହଣ ଦ୍ୱାରା ଜମିମାଲିକମାନଙ୍କ ଉପରେ ଗମ୍ଭୀର ନାଗରିକ (ସିଭିଲ) ପ୍ରଭାବ ପଡ଼ିବ, ଏହାକୁ ଧ୍ୟାନରେ ରଖି ନିୟମ -୪ ର ଖଣ୍ଡ (୧) ରେ ଉଲ୍ଲେଖ | (୧) ଜିଲ୍ଲାପାଳଙ୍କ ଦ୍ୱାରା ରଖାଯାଇଥିବା ନଥିର ଆଦେଶ ଫର୍ଦ୍ଦରେ ଦର୍ଶାଯାଇଛି ଯେ ଜିଲ୍ଲାପାଳ ସ୍ଥାନୀୟ ଅଞ୍ଚଳରେ ସୁବିଧାଜନକ ସ୍ଥାନରେ ଢୋଲ ବଜାଇ ଏପରି ବିଜ୍ଞପ୍ତିର ସାରତତ୍ତ୍ୱକୁ ସାର୍ବଜନୀନ ଭାବେ ସୂଚିତ କରିନାହାନ୍ତି ।<br>(୨) ଆଇନତଃ ଆବଶ୍ୟକ ଥିବା ପ୍ରାରମ୍ଭିକ ବିଜ୍ଞପ୍ତି ସହିତ ଅନ୍ୟ କୌଣସି ଅଧିସୂଚନା ମଧ୍ୟ ଅଧିଗୃହୀତ ଜମି ମାଲିକ / ଆଗ୍ରହୀ ବ୍ୟକ୍ତିଙ୍କୁ ଜାରି କି ପରିବେଷଣ କରାଯାଇନଥିଲା । ତେଣୁ ଜମିମାଲିକମାନେ/ଆଗ୍ରହୀ ବ୍ୟକ୍ତିମାନେ ଆପତ୍ତି ଉଠାଇବାର ପ୍ରଶ୍ନ ଉଠୁନାହିଁ ।<br>(୩) ଜିଲ୍ଲାପାଳ ଅଧିନିୟମର ଧାରା ୫କ କିମ୍ବା ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ-୪ ଅଧୀନରେ ବିବରଣ ଦାଖଲ କରି ନାହାଁନ୍ତି । |

| | |
|---|---|
| କରାଯାଇଥିବା କେତେକ ବିଷୟ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳଙ୍କର ତାଙ୍କ ବିବରଣୀ ପ୍ରଦାନ କରିବା ଆବଶ୍ୟକ ଥିଲା କି ଯେହେତୁ ଏଲ ଏ ଅଧିନିୟମ, ୧୮୯୪ ର ଧାରା ୬ ଅଧୀନରେ ପରବର୍ତ୍ତୀ କାର୍ଯ୍ୟପ୍ରକ୍ରିୟା ଅନୁଷ୍ଠିତ କରିବା ସକାଶେ ଏହା ଅନିବାର୍ଯ୍ୟ ଥିଲା? | |
| **ବିବାଦ ସଂଖ୍ୟା - ୫**<br>(କ) ସମ୍ପୃକ୍ତ ଜମିମାଲିକ / ଆଗ୍ରହୀ ବ୍ୟକ୍ତିମାନେ ପ୍ରାରମ୍ଭିକ ବିଜ୍ଞପ୍ତି ଉପରେ ଆପତ୍ତି ଦାଖଲ ନ କରିବା ପାଇଁ ସେମାନଙ୍କ ଅଧିକାରକୁ ପରିତ୍ୟାଗ କରିଛନ୍ତି ବା ମୌନ ସମ୍ମତି ଦେଇଛନ୍ତି କି?<br><br>ଏବଂ<br><br>(ଖ) ଏହି ରିଟ୍ ଆବେଦନଗୁଡିକର ଦାଖଲ କରିବାରେ କୌଣସି ବିଳମ୍ବ ହୋଇଛି କି ଏବଂ ସେହି କାରଣରୁ ସେମାନେ ଏହି ରିଟ୍ ଆବେଦନଗୁଡିକରେ ପ୍ରାର୍ଥନା କରାଯାଇଥିବା ଅନୁତୋଷ / ସହାୟତା ପାଇଁ ହକଦାର ନୁହଁନ୍ତି କି? | (୧) ଜମିମାଲିକ ଲିଖିତ ଭାବେ ଆପତ୍ତିଦିଅନ୍ତୁ କି ନାହିଁ, ଧାରା ୫କ ଅଧୀନରେ ଯାଞ୍ଚ ବାଧ୍ୟତାମୂଳକ ଅଟେ ।<br>(୨) ଏହି ପ୍ରସଙ୍ଗର ଉତ୍ତର ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇ ନାହାଁନ୍ତି । |
| **ବିବାଦ ସଂଖ୍ୟା - ୬ ଏବଂ ୭** | ଅଧିଗ୍ରହଣ (କମ୍ପାନୀ) ନିୟମ,୧୯୬୩ |

| | |
|---|---|
| ୬. କ'ଣ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରମୁଖ ସମିତି ଏଲ ଏ ଅଧିନିୟମ, ୧୮୯୪ ର ଧାରା ୪୦, ଉପଧାରା (୨) ଅଧିନସ୍ଥ ବ୍ୟବସ୍ଥାର ଅନୁପାଳନରେ ଅଛି କି ଏବଂ ଏହା ଏକ ତଦନ୍ତ କରି ରାଜ୍ୟ ସରକାରଙ୍କ ବିଚାରାର୍ଥେ ରିପୋର୍ଟ ପ୍ରଦାନ କରିଛି କି ଏବଂ ଅଧିନିୟମର ଉପରୋକ୍ତ ବ୍ୟବସ୍ଥାଗୁଡିକର ଅନୁପାଳନ ଏଲ ଏ ଅଧିନିୟମର ଧାରା ୬ ଅଧୀନରେ ଘୋଷଣା ପାଇଁ ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ନିୟମ ୩ ଓ ୪ କୁ ପରିହାର କରିପାରିବ କି?<br><br>ଏବଂ<br><br>୭. ରାଜ୍ୟ ସରକାର ନିୟମାବଳୀ, ୧୯୬୩ ର ନିୟମ ୩(୨) ଏବଂ ୪ ପାଳନ କରିଛନ୍ତି କି ଏବଂ ଜିଲ୍ଲାପାଳ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି କି ଏବଂ ତାହା ଏହି ଉଦ୍ଦେଶ୍ୟରେ ଗଠିତ କମିଟିକୁ ପଠାଯାଇଛି କି ଏବଂ ଧାରା ୬ ଅଧୀନରେ ବିଜ୍ଞପିତ ଏବଂ ପ୍ରକାଶିତ ଜମିଗୁଡ଼ିକୁ ଘୋଷଣା କରିବା ପୂର୍ବରୁ ସମିତି ସହ ପରାମର୍ଶ କରାଯାଇଛି | ର ନିୟମ - ୩ ଅଧୀନରେ ଗଠିତ ହେବାକୁ ଥିବା ଭୂମି ଅଧିଗ୍ରହଣ ସମିତିର ପରାମର୍ଶ ବିନା ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୬ ପ୍ରସ୍ତୁତ କରାଯାଇଛି । |

| | |
|---|---|
| କି? | |
| <u>**ବିବାଦ ସଂଖ୍ୟା - ୮ ଏବଂ ୯**</u><br><br>୮. ହିତାଧିକାରୀ କମ୍ପାନୀ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୪୧ ଅଧୀନରେ ରାଜ୍ୟ ସରକାରଙ୍କ ସହ ଏହି ଅଧିନିୟମର ଉକ୍ତ ଧାରାର ଉପଧାରା (୧), (୨) ଏବଂ (୩) ଅଧୀନରେ ଅଙ୍ଗୀକାର ନେଇ ବୁଝାମଣା ପତ୍ର ସମ୍ପାଦନ କରିଛି କି ଏବଂ ଯେପରି ଆବଶ୍ୟକ, ଅଧିନିୟମର ଧାରା ୪୨ ଅଧୀନରେ ତାହା ସରକାରୀ ରାଜପତ୍ରରେ ପ୍ରକାଶିତ ହୋଇଛି କି?<br><br>ଏବଂ<br><br>୯. ହିତାଧିକାରୀ କମ୍ପାନୀ ଦ୍ୱାରା ତା ୧୯.୦୭.୨୦୦୬ ରିଖରେ ସମ୍ପାଦିତ ବୁଝାମଣାପତ୍ରକୁ ହିତାଧିକାରୀ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ଲାଗି ଏଲ ଏ ଅଧିନିୟମର ଧାରା ୪୧ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ ଏକ ବୈଧ ରାଜିନାମା ଭାବେ ଗ୍ରହଣ କରାଯାଇପାରିବ କି? | (୧) ଏହି ଏମଓୟୁ ଧାରା ୪୧ ର ଉପଧାରା (୧) ରୁ (୪କ) ସହିତ ଅନୁରୂପତାରେ ନାହିଁ ।<br>(୨) ଅଧିନିୟମର ଧାରା ୩୯ ର ଅନୁପାଳନ କରାଯାଇନାହିଁ କାରଣ ଧାରା ୪୧ ଅଧୀନରେ କୌଣସି ଔପଚାରିକ ବୁଝାମଣା କରାଯାଇନାହିଁ । |
| <u>**ବିବାଦ ସଂଖ୍ୟା - ୧୦**</u><br>ବ୍ୟବସ୍ଥାଗୁଡିକ ଅଧୀନରେ | ଜିଲ୍ଲା ସବ ରେଜିଷ୍ଟ୍ରାରଙ୍କ ଠାରୁ ପ୍ରାପ୍ତ ବିକ୍ରୟ ପରିସଂଖ୍ୟାନ ଆଧାରରେ |

| | |
|---|---|
| ଆବଶ୍ୟକ ଅନୁସାରେ ଜିଲ୍ଲାପାଳ କ୍ଷତିପୂରଣ ପରିମାଣ କେତେ ଦିଆ ହେବ ଓ ଜମା ହେବ ତାହାର ଏକ ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି କି ଏବଂ ଏଲ ଏ ଅଧିନିୟମର ଧାରା ୨୩ ଏବଂ ୨୪ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ କାର୍ଯ୍ୟପଦ୍ଧତି ଅନୁସରଣ କରାଯାଇଛି କି? | ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିପୂରଣ ନିର୍ଦ୍ଧାରଣ କରାଯାଇଛି ଏବଂ ବିକ୍ରିର ପରିସଂଖ୍ୟାନରେ ଦର୍ଶାଯାଇଥିବା ଜମିର ମୂଲ୍ୟକୁ ବଜାର ମୂଲ୍ୟ ଭାବେ ବିବେଚନା କରାଯାଇଛି ଏବଂ ଏହାକୁ କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଛି । |
| <u>**ବିବାଦ ସଂଖ୍ୟା - ୧୧**</u><br>ଜିଲ୍ଲାପାଳଙ୍କ ଦ୍ୱାରା ଏଲ ଏ ଅଧିନିୟମର ଧାରା ୯, ୧୦ ଏବଂ ୧୧ ଅନୁଯାୟୀ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଛି କି ଏବଂ ଅଧିନିୟମର ଧାରା ୧୨(୨) ଅନୁଯାୟୀ ଆବଶ୍ୟକ ଅଧିନିର୍ଣ୍ଣୟ ଅଧିସୂଚନା ଜାରି କରାଯାଇଛି କି ଏବଂ ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଛି କି ଏବଂ ତା'ପରେ ଏଲ ଏ ଅଧିନିୟମର ଧାରା ୧୬ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଦଖଲାଧିକାର ନିଆଯାଇଛି କି ଏବଂ କମ୍ପାନୀକୁ ହସ୍ତାନ୍ତର କରାଯାଇଛି? | (୧) କ୍ଷତିପୂରଣ ପ୍ରଦାନ ଲାଗି ଦାବି ବିବୃତି ଦାଖଲ କରିବା ଲାଗି ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କୁ ଧାରା ୯ ଏବଂ ୧୦ ଅଧୀନରେ ନୋଟିସ୍ ଜାରି କରାଯାଇନଥିଲା ।<br>(୨) ଅଧିନିୟମର ଧାରା ୧୮ ଅଧିନସ୍ଥ ସେମାନଙ୍କର ବୈଧାନିକ ଅଧିକାର ନିର୍ଦ୍ଧାରଣ କରିବା ଲାଗି, ଅଧିନିୟମର ଧାରା ୧୨ (୨) ଅଧୀନର ଆବଶ୍ୟକତା ଅନୁସାରେ ଜମିମାଲିକମାନଙ୍କୁ ଅଧି ନିର୍ଣ୍ଣୟ ବିଷୟରେ ଜଣାଯାଇ ନାହିଁ । |
| <u>**ବିବାଦ ସଂଖ୍ୟା - ୧୨**</u><br>(କ) ଏହି ଅଞ୍ଚଳରେ ଜମି ଅଧିଗ୍ରହଣ କରିବା ପାଇଁ ଜାରି | (୧) ପିଆଇଏଲ ଆବେଦନରେ ଆବେଦନକାରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ବିଭାଗ ଦ୍ୱାରା ଜାରି |

| | |
|---|---|
| କରାଯାଇଥିବା ଆକ୍ଷେପିତ ବିଜ୍ଞପ୍ତି ଆଇନସଙ୍ଗତ ଏବଂ ବୈଧ କି, କାରଣ ସେମାନଙ୍କ ମଧ୍ୟରୁ କେତେକ ଜମିକୁ ତା ୨୩.୪.୧୯୮୪ ରିଖର ଗେଜେଟ ବିଜ୍ଞପ୍ତି ଅନୁସାରେ ବନ୍ୟପ୍ରାଣୀ ଅଭୟାରଣ୍ୟ ପାଇଁ ଘୋଷଣା କରାଯାଇଛି ଏବଂ ଜଙ୍ଗଲ ବିଭାଗ ଦ୍ୱାରା ଜାରି କରାଯାଇଥିବା ଉପଗ୍ରହ ମାନଚିତ୍ର ଅନୁଯାୟୀ ଉକ୍ତ ଜମିରେ ଦୁଇଟି ନଦୀ "ନୂଆନଈ" ଏବଂ "ନାଳ" ପ୍ରବାହିତ ହେଉଥିବା ହେତୁ ଏହା ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଉପରେ କୌଣସି ପ୍ରଭାବ ପକାଇବ କି?<br>ଏବଂ<br>(ଖ) ଏପରି ସ୍ଥଳେ, ଏହାଦ୍ୱାରା ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, ଏବଂ ପରିବେଶ ସୁରକ୍ଷା ଅଧିନିୟମ, ୧୯୮୬ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଛି କି ଏବଂ ଏହି କାରଣରୁ ଏହା ଜନସ୍ୱାର୍ଥ କିମ୍ବା ସାର୍ବଜନୀନ କ୍ଷତି କିମ୍ବା ଆଇନ ବ୍ୟବସ୍ଥାର ଉଲ୍ଲଂଘନ କରିବ କି? | କରାଯାଇଥିବା ଉପଗ୍ରହ ମାନଚିତ୍ରରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ଦୁଇଟି ନଦୀ, 'ନୂଆନଈ' ଏବଂ 'ନାଳ' ହିତାଧିକାରୀ କମ୍ପାନୀ ପାଇଁ ଅଧିଗୃହୀତ କେତେକ ଜମିରେ ପ୍ରବାହିତ ହେଉଛି । ତେଣୁ ଉକ୍ତ ନଦୀଗୁଡ଼ିକର ନିୟନ୍ତ୍ରଣ ଉକ୍ତ ଘରୋଇ କମ୍ପାନୀ ଅଧୀନରେ ରହିବ । ଯଦି ଅଧିଗ୍ରହଣ ପ୍ରକ୍ରିୟାକୁ ଆଇନତଃ ବୈଧ ଘୋଷଣା କରାଯାଏ, ତା' ହେଲେ ସାର୍ବଜନିକ ନ୍ୟାସ ମତବାଦକୁ ଉଲ୍ଲଂଘନ କରାଯିବ ।<br>(୨) ଉପରୋକ୍ତ ଦୁଇଟି ନଦୀର ପ୍ରବାହକୁ ବଜାୟ ରଖିବା ଲାଗି ହିତାଧିକାରୀ କମ୍ପାନୀର ଆବଶ୍ୟକତା, ସ୍ଥାନୀୟ ବାସିନ୍ଦାଙ୍କୁ ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ କରିବ ।<br>(୩) ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଏକ ବଡ ସ୍ତରରେ ନିର୍ମାଣ ସେହି ଅଞ୍ଚଳର ବନ୍ୟଜନ୍ତୁ ଅଭୟାରଣ୍ୟ, ସମଗ୍ର ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଉପରେ ମଧ୍ୟ କୁପ୍ରଭାବ ପକାଇବ । |

| | |
|---|---|
| <u>**ବିବାଦ ସଂଖ୍ୟା - ୧୩ , ୧୪ ଏବଂ ୧୫**</u><br><br>୧୩. ଯଦି ଆବେଦନକାରୀମାନଙ୍କ ସପକ୍ଷରେ ପ୍ରଶ୍ନ ନଂ ୧୨ (କ) ଏବଂ (ଖ) ର ଉତ୍ତର ଦିଆଯାଏ ଏବଂ ଭୂମି ଅଧିଗ୍ରହଣ ଅଧିନିୟମର ବ୍ୟବସ୍ଥାଗୁଡିକର ତଥା ଭୂମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ଉଲ୍ଲଙ୍ଘନ କରାଯାଏ ତେବେ ଜନସ୍ୱାର୍ଥ ମାମଲା ସଫଳ ହେବ କି?<br><br>ଏବଂ<br><br>୧୪. ଯଦି ଆବେଦନକାରୀମାନେ କୌଣସି ମାମଲା ପ୍ରସ୍ତୁତ କରିଥାନ୍ତି, ତେବେ ଏହି ନ୍ୟାୟାଳୟର ନ୍ୟାୟିକ ପୁନର୍ବିଲୋକନ / ସମୀକ୍ଷା କ୍ଷମତା ପ୍ରୟୋଗ କରି ଅଧିଗ୍ରହଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯାଇପାରିବ କି?<br><br>ଏବଂ<br><br>୧୫.ଆବେଦନକାରୀମାନେ କେଉଁ ଅନୁତୋଷ / ସହାୟତା ପାଇବାକୁ ହକଦାର? | (୧) ପ୍ରାରମ୍ଭ ପର୍ଯ୍ୟାୟଠାରୁ ଅଧିନିର୍ଣ୍ଣୟ ପ୍ରଦାନ ତାରିଖ ପର୍ଯ୍ୟନ୍ତ ଅଧିଗ୍ରହଣ ପ୍ରକ୍ରିୟା, ଯାହାକି ଆଇନତଃ ପ୍ରଦାନ କରାଯାଇନାହିଁ, ଏବଂ ଆରୋପିତ ଦଖଲାଧିକାର ନେବା ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ର ଉଲଙ୍ଘନ କରୁଛି ।<br><br>(୨) ହିତାଧିକାରୀ କମ୍ପାନୀ ଦ୍ୱାରା ତଥ୍ୟକୁ ଭୁଲ ଭାବେ ଉପସ୍ଥାପନ କରିବା ଏବଂ ରାଜ୍ୟ ସରକାରଙ୍କ ସହ ପ୍ରତାରଣା କରିବା ଦ୍ୱାରା ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଦୂଷିତ କରିଦିଆଯାଇଛି ।<br><br>(୩) ଜନସ୍ୱାର୍ଥ ବ୍ୟତୀତ ଆବେଦନକାରୀ ମାନେ ସମାଜର ଅବହେଳିତ ଶ୍ରେଣୀଭୁକ୍ତ କ୍ଷୁଦ୍ର ଜମି ମାଲିକମାନଙ୍କ ପାଇଁ ମଧ୍ୟ ଆବେଦନ କରିଛନ୍ତି ଯେଉଁମାନେ ମାମଲା ଲଢିବାକୁ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ପାରିବେ ନାହିଁ ।<br><br>(୪) ତେଣୁ **ଏଚ ଏମ ଟି ହାଉସ୍ ବିଲ୍ଡିଂ କୋ–ଅପରେଟିଭ ସୋସାଇଟି ବନାମ ସୟଦ ଖାଦର ଓ ଅନ୍ୟମାନେ, ଏ ଆଇ ଆର ୧୯୯୫ ଏସ ସି ୨୨୪୪** ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ |

| | |
|---|---|
| | ଆଇନ ଅନୁସାରେ ରଦ୍ଦ କରାଯାଇପାରିବ । |

୮. ଆମ୍ଭେ ସଂପୃକ୍ତ ପକ୍ଷଙ୍କ ତରଫରୁ ଉପସ୍ଥିତ ହୋଇଥିବା ଶ୍ରୀମାନ ଓକିଲଙ୍କୁ ଦୀର୍ଘ ସମୟ ଧରି ଶୁଣିଛୁ ।

୮.୧ ଆମ୍ଭେ ମଧ୍ୟ ସବିଶେଷ ଅନୁଧ୍ୟାନ କରିଛୁ ଏବଂ ସମସ୍ତ ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ ତଥା ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ ବିବେଚନା କରିଛୁ ।

୮.୨ ଏବେ ଆବେଦନକାରୀମାନଙ୍କ ତରଫରୁ ଯାହା ଉପସ୍ଥାପନ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ନାକଚ ତଥା ରଦ୍ଦ କରି ଗୁରୁତର ଭୁଲ୍ କରିଛନ୍ତି କାରଣ କେବଳ କେତେକ ହାତଗଣତି ଜମିମାଲିକ ହିଁ ଅଧିନିୟମ ୧୮୯୪ ର ଧାରା ୫କ ଅଧୀନରେ ଆପତ୍ତି ଦାଖଲ କରିଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟ ଜନସ୍ୱାର୍ଥ ମାମଲାକୁ ଆପ୍ୟାୟିତ କରି ଏବଂ ଅନୁମତି ଦେଇ ବସ୍ତୁତଃ ତ୍ରୁଟି କରିଛନ୍ତି । ଏ ସମ୍ବନ୍ଧରେ ପ୍ରାରମ୍ଭରୁ ଧ୍ୟାନ ଦେବା ଆବଶ୍ୟକ ଯେ ବର୍ତ୍ତମାନର ମାମଲାରେ ରାଜ୍ୟ ସରକାର ଉଭୟ ଅଧିନିୟମ, ୧୮୯୪ ଓ ନିୟମାବଳୀ, ୧୯୬୩ ର ପ୍ରାସଙ୍ଗିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରି ବିଭିନ୍ନ ଜମିମାଲିକମାନଙ୍କର, ମୁଖ୍ୟତଃ ୬୦୦୦ ପରିବାରଙ୍କର ପ୍ରାୟ ୭୦୦୦ ଏକର ବିଶିଷ୍ଟ ବିଶାଳ କୃଷିଜମି ଅଧିଗ୍ରହଣ କରିଥିଲେ ଯେଉଁଥିରେ ପ୍ରାୟ ୩୦.୦୦୦ ଲୋକଙ୍କର ବିସ୍ଥାପନ ସାମିଲ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ ହିତାଧିକାରୀ ଫାଉଣ୍ଡେସନ / କମ୍ପାନୀ / ଟ୍ରଷ୍ଟ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି, ପ୍ରସ୍ତାବିତ

ବିଶ୍ୱବିଦ୍ୟାଳୟ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ଅଟେ ଯାହା ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଥିବା ଏକ ପ୍ରମୁଖ ସ୍ଥାନ, ଏବଂ ଯେଉଁ ଜମିକୁ ନେଇ ପ୍ରଶ୍ନ ଉଠିଛି ସେଥିରେ ରାଜ୍ୟ ଦ୍ୱାରା ଅର୍ଜିତ / ରାଜ୍ୟର ଦୁଇଟି ଛୋଟ ନଦୀ ପ୍ରବାହିତ ହେଉଛି । ଯେଉଁ ଢଙ୍ଗରେ ରାଜ୍ୟ ସରକାର ୬୦୦୦ ପରିବାରର କୃଷି ଜମି ହାତକୁ ନେଇଛନ୍ତି ଓ ଅଧିଗ୍ରହଣ କରିଛନ୍ତି ଏବଂ ଘରୋଇ ଲିମିଟେଡ କମ୍ପାନୀକୁ ଅନୁଗ୍ରହ ପ୍ରଦାନ କରିଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଏକ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ କରାଯାଇଥିବା ଅଭିଯୋଗ କରାଯାଇଥିଲା ଏବଂ ତାହା ମଧ୍ୟ ଆବଶ୍ୟକତା ଆଦି ବିଷୟରେ କୌଣସି ଉପଯୁକ୍ତ ତଦନ୍ତ ନ କରି, ଆମ୍ଭର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଜନସ୍ୱାର୍ଥ ମାମଲା ସମେତ ସମସ୍ତ ରିଟ ଆବେଦନଗୁଡିକୁ ଆପ୍ୟାୟିତ କରିଛନ୍ତି ଏବଂ କେବଳ ଏହି କାରଣରୁ କି କେତେକ ବ୍ୟକ୍ତି ଧାରା ୫କ ଅଧୀନରେ ଆପତ୍ତି ଦାଖଲ କରି ନାହାନ୍ତି ଏବଂ / କିମ୍ବା ଅତି କମ୍ କ୍ଷତିପୂରଣ ଗ୍ରହଣ କରିଛନ୍ତି ଏବଂ / କିମ୍ବା କ୍ଷତିପୂରଣ ଗ୍ରହଣ କରିଥିବା ପ୍ରସଙ୍ଗ ମଧ୍ୟ ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରିବାର ଏକ ଆଧାର ହୋଇପାରିବ ନାହିଁ, ଯାହାକି ଉଚ୍ଚ ନ୍ୟାୟାଳୟ ଦ୍ୱାରା ସଠିକ୍ ଭାବେ କୁହାଯାଇଛି, ଉଭୟ ଅଧିନିୟମ, ୧୮୯୪ ଏବଂ ନିୟମାବଳୀ, ୧୯୬୩ ନିୟମ ଅଧିନସ୍ଥ ବୈଧାନିକ ବ୍ୟବସ୍ଥାକୁ ପାଳନ ନ କରିବା ଦ୍ୱାରା ଅଧିଗ୍ରହଣ ପ୍ରକ୍ରିୟାକୁ ଭ୍ରଷ୍ଟ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ଜମି ଅଧିଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଆରମ୍ଭ ଏବଂ ଏପରିକି ଜମି ଚୟନ ସମୟରୁ ହିଁ ହିତାଧିକାରୀ-କମ୍ପାନୀ ଦ୍ୱାରା ଆରମ୍ଭ କରାଯାଇଥିଲା, ରାଜ୍ୟ ସରକାରଙ୍କ ଦ୍ୱାରା ନୁହେଁ । ନିୟମାବଳୀ, ୧୯୬୩ ର ନିୟମ ୪ ର ଘୋର ଅବମାନନା କରାଯାଇଛି (ଯାହାର ବିଚାର ଏଠାରେ ନିମ୍ନରେ

କରାଯିବ) । ଏଭଳି ପରିସ୍ଥିତିରେ ଏହା କୁହାଯାଇପାରିବ ନାହିଁ ଯେ ଜନସ୍ୱାର୍ଥ ମାମଲା ସମେତ ଅନ୍ୟ ସମସ୍ତ ରିଟ ଆବେଦନକୁ ଆପ୍ୟାୟିତ କରି ଉଚ୍ଚ ନ୍ୟାୟାଳୟ କୌଣସି ତ୍ରୁଟି କରିଛନ୍ତି । ଜନସ୍ୱାର୍ଥ ମାମଲାଗୁଡ଼ିକୁ ତଥା ରିଟ ଆବେଦନଗୁଡ଼ିକୁ ଆପ୍ୟାୟିତ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୬୩ ରୁ ୬୭ ରେ ଉପଯୁକ୍ତ କାରଣ ଦର୍ଶାଇଛନ୍ତି, ଯାହା ନିମ୍ନରେ ଦିଆଗଲା:-

> "**୬୩.** ପୂର୍ବୋକ୍ତ କାରଣ ପାଇଁ, ଜନକଲ୍ୟାଣକାରୀ ବ୍ୟକ୍ତିମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ରିଟ୍ ଆବେଦନଗୁଡିକରେ ନିଶ୍ଚିତ ରୂପେ ଜନସ୍ୱାର୍ଥ ଜଡ଼ିତ ରହିଛି । ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ କ'ଣ ରାୟ ଦେଇଛନ୍ତି ତାହା ଜାଣିବା ଲାଭପ୍ରଦ ହେବ ।
>
> **ପିପୁଲ୍ସ ୟୁନିୟନ ଫର ଡେମୋକ୍ରାଟିକ ରାଇଟ୍ସ ବନାମ କେନ୍ଦ୍ର ସରକାର, (୧୯୮୨ ) ୩ ଏସ ସି ସି ୨୩୫** ରେ, ଉଚ୍ଚତମ ନ୍ୟାୟାଳୟ ନିମ୍ନଲିଖିତ ରାୟ ପ୍ରଦାନ କରିଥିଲେ:
>
> "୨..... ଆମ୍ଭେ ଆମ୍ଭର ଆଦେଶରେ ସମସ୍ତ ଗୁରୁତ୍ୱ ଦେଇ ସୂଚୀତ କରିବାକୁ ଚାହୁଁଛୁ ଯେ ଜନସ୍ୱାର୍ଥ ମକଦ୍ଦମା, ଯାହାକି ଆଇନଗତ ସହାୟତା ଆନ୍ଦୋଳନର ଏକ ରଣନୀତିକ ଶାଖା ଏବଂ ଯାହାର ଉଦ୍ଦେଶ୍ୟ ଗରିବ ଜନସାଧାରଣଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା, ଯେଉଁମାନେ କି ମାନବିକତାର ନିମ୍ନ ଦୃଶ୍ୟମାନ କ୍ଷେତ୍ର ଗଠନ କରିଛନ୍ତି, ତାହା ଏକ ସାଧାରଣ ପାରମ୍ପରିକ ମକଦ୍ଦମାଠାରୁ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ମକଦ୍ଦମା, ଯେଉଁଥିରେ ମକଦ୍ଦମା ଲଢୁଥିବା ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ଥାଏ, ଜଣେ ଅନ୍ୟ ପକ୍ଷଙ୍କ ବିରୁଦ୍ଧରେ ଦାବି କରେ କିମ୍ବା ଅନୁତୋଷ ଚାହେଁ ଏବଂ ଅନ୍ୟ ଜଣେ ଏପରି ଦାବିକୁ ବିରୋଧ କରେ କିମ୍ବା ଏପରି ଅନୁତୋଷକୁ ପ୍ରତିରୋଧ କରେ । ସାଧାରଣ ମକଦ୍ଦମାରେ ହେବା ଭଳି ଜଣେ ବ୍ୟକ୍ତିଙ୍କ

ବିରୁଦ୍ଧରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଅଧିକାରକୁ ବାଧ୍ୟତାମୂଳକ ପ୍ରତିବନ୍ଧନ କରିବା ଉଦ୍ଦେଶ୍ୟରେ ଜନସ୍ୱାର୍ଥ ମକଦ୍ଦମା ଅଦାଲତରେ ଆଗତ କରାଯାଇନଥାଏ, ବରଂ ଏହା ଜନସ୍ୱାର୍ଥକୁ ପ୍ରୋତ୍ସାହନ ଦେବାକୁ ଏବଂ ନ୍ୟାୟସଙ୍ଗତ ପ୍ରମାଣିତ କରିବା ଉଦ୍ଦେଶ୍ୟରେ କରାଯାଇଥାଏ, ଯେଉଁଥିରେ ଗରିବ, ଅଜ୍ଞ କିମ୍ବା ସାମାଜିକ ବା ଆର୍ଥିକ ସୁଯୋଗରୁ ବଞ୍ଚିତ ସ୍ଥିତିରେ ରହିଥିବା ଅଧିକାଂଶ ଲୋକଙ୍କର ସାମ୍ବିଧାନିକ କିମ୍ବା ଆଇନଗତ ଅଧିକାର ଅଲକ୍ଷିତ ଏବଂ ଅବହେଳିତ ହେବା ଉଚିତ ନୁହେଁ ବୋଲି ଦାବି କରାଯାଏ । ଏହା ଆଇନ ବ୍ୟବସ୍ଥାର ବିନାଶକାରୀ ହେବ ଯାହା ଯେ କୌଣସି ଗଣତାନ୍ତ୍ରିକ ସରକାରରେ ଜନସ୍ୱାର୍ଥର ଏକ ଅତ୍ୟାବଶ୍ୟକ ଉପାଦାନମାନଙ୍କ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗଠନ କରେ । ଆଇନ ବ୍ୟବସ୍ଥାର ଅର୍ଥ ଏହା ନୁହେଁ ଯେ ଆଇନର ସୁରକ୍ଷା କେବଳ କିଛି ସୌଭାଗ୍ୟଶାଳୀ ଲୋକଙ୍କୁ ଉପଲବ୍ଧ ହେବା ଉଚିତ କିମ୍ବା ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ନାଗରିକ ଏବଂ ରାଜନୈତିକ ଅଧିକାରର ପ୍ରବର୍ତ୍ତନ କରିବା ଆଢୁଆଳରେ ସ୍ଥିତାବସ୍ଥାର ସୁରକ୍ଷା ଏବଂ ସମର୍ଥନ ପାଇଁ ଆଇନକୁ ବେଶ୍ୟାବୃତ୍ତିବତ୍ ପତିତ କରାଯିବା ପାଇଁ ଅନୁମତି ଦେବା ଉଚିତ । ଗରିବମାନଙ୍କର ମଧ୍ୟ ନାଗରିକ ଏବଂ ରାଜନୈତିକ ଅଧିକାର ରହିଛି ଏବଂ ଆଇନ ବ୍ୟବସ୍ଥା ସେମାନଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ, ଅଧୁନା ଏହି ଭାବନା କେବଳ କାଗଜରେ ହିଁ ରହିଯାଇଛି, ବାସ୍ତବରେ ଏହା ନାହିଁ । ଯଦି ଚିନି ବ୍ୟବସାୟୀ ଏବଂ ମଦ ମାଫିଆମାନଙ୍କର ମୌଳିକ ଅଧିକାର ରହିଛି ଯେ ସେମାନେ ନିଜର ବ୍ୟବସାୟ ଜାରି ରଖିବେ ଏବଂ ଜନସାଧାରଣଙ୍କୁ ଶୋଷଣ କରି ନିଜର ପକେଟକୁ ମୋଟା କରିପାରିବେ, ତେବେ ସମାଜର ନିମ୍ନବର୍ଗର ଚମାରମାନଙ୍କର ଝାଳବୁହା ପରିଶ୍ରମ ଦ୍ୱାରା ସଚ୍ଚୋଟ ଜୀବିକା ଉପାର୍ଜନ କରିବାର ମୌଳିକ ଅଧିକାର ନାହିଁ କି? ପୂର୍ବୋକ୍ତ ଗୋଷ୍ଠୀ ପ୍ରତିଦିନ ଚାରି କିମ୍ବା ପାଞ୍ଚ ଅଙ୍କରେ ବେତନପ୍ରାପ୍ତ ବିଶିଷ୍ଟ ଓକିଲମାନଙ୍କ ଏକ ଶକ୍ତିଶାଳୀ ସେନା ସହିତ ଅଦାଲତକୁ

ଯାଇପାରିବେ ଏବଂ ଯଦି ମୌଳିକ ଅଧିକାର ନାମରେ ସରକାରଙ୍କ ବିରୋଧରେ ସେମାନଙ୍କର ଶୋଷଣ ବିରୋଧ ଅଧିକାରକୁ ସମର୍ଥନ କରନ୍ତି, ତେବେ ନ୍ୟାୟାଳୟଗୁଡ଼ିକ ସେମାନଙ୍କର ଦାମ୍ଭିକତା ତଥା ସାହସିକତା ଏବଂ ସେମାନଙ୍କର ସ୍ୱାଧୀନତା ଏବଂ ନିର୍ଭୀକତା ପାଇଁ ପ୍ରଶଂସିତ ହୁଅନ୍ତି । କିନ୍ତୁ, ଯଦି ଅନ୍ୟାୟର ଶିକାର ହୋଇଥିବା ଗରିବ ଏବଂ ଅସହାୟ  ଲୋକମାନଙ୍କ ମୌଳିକ ଅଧିକାରକୁ ଲୋକହିତ ମାମଲା ଦ୍ୱାରା ଲାଗୁ କରିବାକୁ ଚେଷ୍ଟା କରାଯାଏ, ମାନବାଧିକାରର ତଥାକଥିତ ଖେଳୁଆଡ ସମର୍ଥକମାନେ ଏହାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷେ ସମୟର ଅପଚୟ ବୋଲି ଭ୍ରୁକୁଞ୍ଚନ କରନ୍ତି, ସେମାନଙ୍କ ମତରେ, ସର୍ବୋଚ୍ଚ ନ୍ୟାୟାଳୟ ଏହିପରି ତୁଚ୍ଛ ଏବଂ ନଗଣ୍ୟ ପ୍ରସଙ୍ଗରେ ନିଜକୁ ନିୟୋଜିତ କରିବା ଉଚିତ୍ ନୁହେଁ । କେବଳ ସେତିକି ନୁହେଁ, ଏହି ସ୍ୱୟଂ ଘୋଷିତ ମାନବାଧିକାର କର୍ମୀମାନେ ସେହି ନାଗରିକ ଅଧିକାର ଏବଂ ରାଜନୈତିକ ଅଧିକାରକୁ ଭୁଲିଯା'ନ୍ତି, ସତେଯେପରି ସେଗୁଡିକ ସ୍ୱାଧୀନତା ଏବଂ ଗଣତନ୍ତ୍ର ପାଇଁ ଅମୂଲ୍ୟ ତଥା ଉପାଦେୟ, ଆମ ବିଶାଳ ଜନସାଧାରଣଙ୍କ ପାଇଁ ସେଗୁଡ଼ିକର କୌଣସି ସ୍ଥିତି ନାହିଁ । ଅଧିକାଂଶ ପୁରୁଷ, ମହିଳା ଏବଂ ଶିଶୁ ଯେଉଁମାନେ ଆମ ଜନସଂଖ୍ୟାର ଏକ ବୃହତ୍ ଅଂଶ ଗଠନ କରୁଛନ୍ତି, ଆଜି ହୀନ ଦାରିଦ୍ର୍ୟତା ଯୋଗୁଁ ମାନବୋଚିତ ବହିର୍ଭୂତ ଜୀବନଯାପନ କରୁଛନ୍ତି, ଘୋର ଦାରିଦ୍ର୍ୟତା ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି ଏବଂ ସେମାନଙ୍କ ନୈତିକ ତନ୍ତୁରୁ ରସ ନିଗାଡି ଦେଇଛି । ଏବେକାର ସାମାଜିକ ଓ ଅର୍ଥନୈତିକ ପ୍ରଣାଳୀ ଉପରେ ସେମାନଙ୍କର ଆଉ ଆସ୍ଥା ନାହିଁ । ମାନବସମାଜର ଏହି ଗରିବ ଏବଂ ବଞ୍ଚିତ ଶ୍ରେଣୀ କେଉଁ ନାଗରିକ ଓ ରାଜନୈତିକ ଅଧିକାରକୁ ଅମଳ କରିବାକୁ ଯାଉଛନ୍ତି ? ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ମାନବାଧିକାରର ସାର୍ବଜନୀନ ଘୋଷଣାନାମାର ରୌପ୍ୟ ଜୟନ୍ତୀ

ସମାରୋହରେ ଡବ୍ଲ୍ୟୁ. ପଲ ଗୋର୍ମସେଲୀ ଏହି ପ୍ରସଙ୍ଗ ଜୋର ଦେଇ ଉଠାଇଥିଲେ:

"ଯେହେତୁ ସମ୍ବିଧାନରେ ମୌଳିକ ଅଧିକାର ଏବଂ ସ୍ୱାଧୀନତାକୁ ଗୌରବମୟ ସ୍ଥାନ ଦେଇଥିବା ସେହି ଦେଶମାନଙ୍କ ମଧ୍ୟରୁ ଭାରତ ଏପରି ଗୋଟିଏ ଦେଶ, ଯିଏ ନିଜର ସମ୍ବିଧାନର ମୌଳିକ ଅଧିକାର ଉପରେ ଥିବା ଅଧ୍ୟାୟରେ ଓ ରାଜ୍ୟ ନୀତିର ନିର୍ଦ୍ଦେଶକ ତତ୍ତ୍ୱରେ ମୌଳିକ ଅଧିକାର ଏବଂ ସ୍ୱାଧୀନତାକୁ ଗୌରବମୟ ସ୍ଥାନରେ ଅଧିଷ୍ଠିତ କରିଛି ଏବଂ ଏହା ସ୍ୱାଧୀନତାର ପଚିଶ ବର୍ଷ ପୂରଣ କରିସାରିଛି, ତେଣୁକରି ପ୍ରଶ୍ନ ଉଠୁଛି ଯେ ଆମ ସମ୍ବିଧାନରେ ସ୍ଥାପିତ ମୌଳିକ ଅଧିକାରର ଆମର ଲକ୍ଷ ଲକ୍ଷ ଲୋକଙ୍କ ପାଖରେ କୌଣସି ଅର୍ଥ ରହିଛି କି ନାହିଁ ଯେଉଁମାନଙ୍କ ପ୍ରତି ଖାଦ୍ୟ, ପାନୀୟ ଜଳ, ସମୟୋଚିତ ଚିକିତ୍ସା ସୁବିଧା ଏବଂ ରୋଗ ଓ ବିପର୍ଯ୍ୟୟରୁ ମୁକ୍ତି, ଶିକ୍ଷାଲାଭ ଓ ଚାକିରିଲାଭର ସୁଯୋଗସୁବିଧା ଏବେ ବି ଅପରିହାର୍ଯ୍ୟ ହୋଇ ରହିଛି । ଆମେ, ଭାରତରେ, ଏହି ଅବସରରେ ମିଳିତ ଜାତିସଂଘ ଦ୍ୱାରା ଘୋଷିତ ଏବଂ ପରିଭାଷିତ ମାନବିକ ଅଧିକାରର ଅଧ୍ୟୟନ କରିବା ଉଚିତ ଏବଂ ସେଗୁଡ଼ିକୁ ଆମ ଦେଶରେ ଉପଲବ୍ଧ ପ୍ରଥା ତଥା ଆଇନ ଦ୍ୱାରା ସୁରକ୍ଷିତ ଅଧିକାର ସହିତ ତୁଳନା କରିବା ଉଚିତ ।"

ସମାଜର ଏହି ବୃହତ ବର୍ଗଙ୍କ ପାଇଁ ନାଗରିକ ଏବଂ ରାଜନୈତିକ ଅଧିକାରକୁ ଅର୍ଥପୂର୍ଣ୍ଣ କରିବାର ଏକମାତ୍ର ସମାଧାନ ହେବ ଭୌତିକ ସ୍ଥିତିର ପୁନଃନିର୍ମାଣ କରିବା ଏବଂ ସାମାଜିକ ତଥା ଆର୍ଥିକ ସ୍ତରର ପୁନର୍ଗଠନ କରିବା ଯାହାଦ୍ୱାରା ସେମାନେ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରକୁ ହୃଦୟଙ୍ଗମ କରିବାକୁ ସମର୍ଥ

ହେବେ । ବାସ୍ତବରେ ଗୋଟିଏ ପଟେ ନାଗରିକ ଏବଂ ରାଜନୈତିକ ଅଧିକାର ଏବଂ ଅନ୍ୟପଟରେ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି ଏବଂ ଏହି ସମ୍ପର୍କ ଏତେ ସ୍ପଷ୍ଟ ଯେ ୧୯୬୮ ମସିହାରେ ତେହେରାନରେ ସାଧାରଣ ସଭା ଦ୍ୱାରା ଡକାଯାଇଥିବା ଅନ୍ତର୍ଜାତୀୟ ମାନବାଧିକାର ସମ୍ମିଳନୀ ଏକ ଅନ୍ତିମ ଘୋଷଣାପତ୍ରରେ ଉଦଘୋଷଣା କରିଥିଲା:

> "ଯେହେତୁ ମାନବିକ ଅଧିକାର ଏବଂ ମୌଳିକ ସ୍ୱାଧୀନତା ଅବିଭାଜ୍ୟ, ତେଣୁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରର ଉପଭୋଗ ବିନା ନାଗରିକ ତଥା ରାଜନୈତିକ ଅଧିକାରର ସମ୍ପୂର୍ଣ୍ଣ ହୃଦୟଙ୍ଗମ ଅସମ୍ଭବ ।"

ଅବଶ୍ୟ, ସମାଜର ଗରିବ ଏବଂ ଅବହେଳିତ ବର୍ଗଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ଅଧିକାରକୁ ଏକ ଅର୍ଥପୂର୍ଣ୍ଣ ବାସ୍ତବତାରେ ପରିଣତ କରିବା ନିମନ୍ତେ ସାମାଜିକ ଆର୍ଥିକ ସ୍ତରକୁ ସୀମିତ କରିବାର ଦାୟିତ୍ୱ ନ୍ୟାୟସଙ୍ଗତ ଭାବେ ବିଧାନମଣ୍ଡଳ ଏବଂ କାର୍ଯ୍ୟପାଳିକା ଉପରେ ନ୍ୟସ୍ତ, କିନ୍ତୁ କାର୍ଯ୍ୟପାଳିକା ଏବଂ ବିଧାନମଣ୍ଡଳଙ୍କ ଦ୍ୱାରା ସାମାଜିକ ଏବଂ ଆର୍ଥିକ ଉଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ କରିବା ଯଥେଷ୍ଟ ନୁହେଁ ଏବଂ ଜନସ୍ୱାର୍ଥ ମାମଲା ସମେତ ବହୁମୁଖୀ ରଣନୀତି ଜରିଆରେ ହିଁ ଏହି ସାମାଜିକ ଏବଂ ଆର୍ଥିକ ଉଦ୍ଧାର କାର୍ଯ୍ୟକ୍ରମଗୁଡ଼ିକୁ ଫଳପ୍ରଦ କରାଯାଇପାରିବ । ଜନସ୍ୱାର୍ଥ ମାମଲା, ଯେପରି ଆମ୍ଭେ ବିବେଚନା କରିଅଛୁ, ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ସାମ୍ବିଧାନିକ କିମ୍ବା ଆଇନଗତ ଅଧିକାର, ସୁବିଧାଲାଭ ଏବଂ ବିଶେଷାଧିକାରର ପ୍ରତିପାଳନକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କ ନିକଟରେ ସାମାଜିକ ନ୍ୟାୟ ପହଞ୍ଚାଇବା ପାଇଁ ଆବେଦନକାରୀ, ରାଜ୍ୟ କିମ୍ବା ସରକାରୀ କର୍ତ୍ତୃପକ୍ଷ ଏବଂ ନ୍ୟାୟାଳୟ ପକ୍ଷରେ ଏକ ସହଯୋଗପୂର୍ଣ୍ଣ ଅଥବା ସହଯୋଗିତାର ପ୍ରୟାସ ଅଟେ । ଯେଉଁ ରାଜ୍ୟ କିମ୍ବା ସରକାରୀ କର୍ତ୍ତୃପକ୍ଷଙ୍କ

ବିରୋଧରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥାଏ, ସେମାନେ ମଧ୍ୟ ସାମାଜିକ ତଥା ଆର୍ଥିକ ସୁଯୋଗରୁ ବଞ୍ଚିତ ଲୋକମାନଙ୍କ ପାଇଁ ମୌଳିକ ମାନବାଧିକାର, ଉଭୟ ସାମ୍ବିଧାନିକ ଓ ଆଇନଗତ ଅଧିକାର, ସୁନିଶ୍ଚିତ କରିବା ଦିଗରେ ସେତିକି ମାତ୍ରାରେ ଆଗ୍ରହୀ ହେବା ଉଚିତ ଯେତିକି ଆଗ୍ରହ ଜନସ୍ୱାର୍ଥ ମାମଲା ନ୍ୟାୟାଳୟକୁ ଆଣିଥିବା ଆବେଦନକାରୀମାନେ ଦେଖାଇ ଥାଆନ୍ତି । ଜନସ୍ୱାର୍ଥ ମାମଲାରେ ପ୍ରତିବାଦୀ ରୂପେ ଦର୍ଶିତ ରାଜ୍ୟ କିମ୍ବା ସରକାରୀ କର୍ତ୍ତୃପକ୍ଷ ପ୍ରକୃତପକ୍ଷେ, କୌଣସି ଭୁଲକୁ ସୁଧାରିବା ପାଇଁ ଏବଂ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ଦୂର କରିବା ପାଇଁ ଏହା ଏକ ସୁଯୋଗ ବୋଲି ମନେ କରି ଏହାକୁ ସ୍ୱାଗତ କରିବା ଉଚିତ, ଯେହେତୁ ସେମାନଙ୍କର କଲ୍ୟାଣସାଧନ ରାଜ୍ୟ କିମ୍ବା ସରକାରୀ କର୍ତ୍ତୃପକ୍ଷଙ୍କ ଚିନ୍ତାର ମୁଖ୍ୟ ବିଷୟବସ୍ତୁ ଅଟେ ବା ହେବା ଆବଶ୍ୟକ ।"

**ଏସ୍. ପି. ଗୁପ୍ତା ବନାମ କେନ୍ଦ୍ର ସରକାର ଏବଂ ଅନ୍ୟମାନେ, ଏ ଆଇ ଆର ୧୯୮୨ ଏସ ସି ୧୪୯** ମାମଲାରେ, ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ମତ ନିମ୍ନରେ ଦିଆଗଲା:

"ତେଣୁ ଆମ୍ଭେ ମତ ଦେବୁ ଯେ ସାର୍ବଜନୀନ କର୍ତ୍ତବ୍ୟ ଭଙ୍ଗ ହେତୁ ଉତ୍ପନ୍ନ ସର୍ବସାଧାରଣ କ୍ଷତି ପାଇଁ କିମ୍ବା ସମ୍ବିଧାନ ବା ଆଇନର କିଛି ବ୍ୟବସ୍ଥାର ଉଲଘଂନ ହେତୁ ଏବଂ ଏପରି ସାର୍ବଜନୀନ କର୍ତ୍ତବ୍ୟର ପ୍ରବର୍ତ୍ତନ ତଥା ଏହିପରି ସାମ୍ବିଧାନିକ ବା ଆଇନଗତ ବ୍ୟବସ୍ଥାର ପାଳନ ଲୋଡୁଥିଲେ, ନ୍ୟାୟିକ ପ୍ରତିକାର ପ୍ରାପ୍ତାର୍ଥେ ପର୍ଯ୍ୟାପ୍ତ ଆଗ୍ରହ ରଖିଥିବା କୌଣସି ଜନସାଧାରଣ ସଦସ୍ୟ କାର୍ଯ୍ୟାନୁଷ୍ଠାନ ଚଳାଇ ପାରିବେ । ଆଇନର ନିୟମକୁ ବଜାୟ ରଖିବା, ନ୍ୟାୟର କାରଣକୁ ଆଗକୁ ବଢାଇବା ଏବଂ ସାମ୍ବିଧାନିକ ଉଦ୍ଦେଶ୍ୟ "ଆଇନ"ର ଉପଲବ୍ଧତା ଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ, ଯେପରି 'କୃଷିସାର (ଫର୍ଟିଲାଇଜର) ନିଗମ କାମଗାର

ସଂଘ ବନାମ କେନ୍ଦ୍ର ସରକାର , ଏ ଆଇ ଆର ୧୯୮୧ ଏସ ସି ୩୪୪" ରେ ମାନ୍ୟବର ନ୍ୟାୟାଧୀଶ କ୍ରିଷ୍ଣା ଆୟାର ଦର୍ଶାଇଛନ୍ତି ଯେ ସେ ଜଣେ ସାମାଜିକ ସମୀକ୍ଷକ (ଅଡିଟର) ଏବଂ ଏହି ସମୀକ୍ଷା କାର୍ଯ୍ୟକୁ ସେତେବେଳେ କାର୍ଯ୍ୟକାରୀ କରାଯାଇପାରିବ ଯେତେବେଳେ ବାସ୍ତବରେ ଲୋକହିତ ଉଦ୍ଦେଶ୍ୟ ରଖିଥିବା କୌଣସି ବ୍ୟକ୍ତି ନ୍ୟାୟାଧିକାରିତାକୁ ପ୍ରଜ୍ୱଳିତ କରିଥା'ନ୍ତି.......। ଗୁରୁତ୍ୱ ଦେବାକୁ ଆବଶ୍ୟକ ହେଉଥିବା ଅନ୍ୟ ଏକ ବିଷୟ ହେଉଛି, ଏପରି ମାମଲାମାନ ଉଠିପାରେ ଯେଉଁଥିରେ ରାଜ୍ୟ କିମ୍ବା ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ କାର୍ଯ୍ୟ ବା ବିଚ୍ୟୁତି ନିଃସନ୍ଦେହରେ ସାର୍ବଜନୀନ କ୍ଷତି ଘଟାଇଥାଏ, କିନ୍ତୁ ଏପରି କାର୍ଯ୍ୟ ବା ବିଚ୍ୟୁତି ଦ୍ୱାରା ମଧ୍ୟ ଏକକ ବ୍ୟକ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ବ୍ୟକ୍ତିସମୂହଙ୍କ ଗୋଷ୍ଠୀର ବିଶେଷ ଆଇନଗତ ହାନି ହୋଇଥାଏ । ଏଭଳି ପରିସ୍ଥିତିରେ ଜନହିତ ଉଦ୍ଦେଶ୍ୟରେ ସର୍ବସାଧାରଣଙ୍କ ମଧ୍ୟରୁ କୌଣସି ଯଥେଷ୍ଟ ଆଗ୍ରହ ରଖୁଥିବା ସଦସ୍ୟ ନିଶ୍ଚିତ ଭାବେ ଏପରି କାର୍ଯ୍ୟ ବା ବିଚ୍ୟୁତିର ବୈଧତା ଉପରେ ପ୍ରଶ୍ନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।"

**ଏ ଆଇ ଆର ୧୯୯୩ ଏସ ସି ୮୯୨** ରେ ରିପୋର୍ଟ କରାଯାଇଥିବା **ଜନତା ଦଳ ବନାମ ଏଚ. ଏସ. ଚୌଧୁରୀ** ମାମଲାରେ, **ଏସ୍. ପି. ଗୁପ୍ତା (ପୂର୍ବୋକ୍ତ)**ଙ୍କ ମାମଲାରେ ଦିଆଯାଇଥିବା ମନ୍ତବ୍ୟ ଏବଂ ପୂର୍ବର ଅନେକ ନିଷ୍ପତ୍ତିଗୁଡିକୁ ଧ୍ୟାନରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି:

"ତେଣୁ ଏହା ସ୍ପଷ୍ଟ ଯେ ଜନସ୍ୱାର୍ଥ (ପି ଆଇ ଏଲ) ମାମଲାର କାର୍ଯ୍ୟାନୁଷ୍ଠାନରେ ବାସ୍ତବରେ ଯଥେଷ୍ଟ ଆଗ୍ରହ ରଖି ସଚ୍ଚୋଟତାର ସହ କାର୍ଯ୍ୟ କରୁଥିବା ବ୍ୟକ୍ତି ହିଁ କେବଳ ଶୁଣାଣିଯୋଗ୍ୟ ଏବଂ ମୌଳିକ ଅଧିକାର ଲଙ୍ଘନ ହେବା କାରଣରୁ ପୀଡିତ ହୋଇଥିବା ଗରିବ ଏବଂ ଅଭାବୀ ଲୋକଙ୍କ ଲୁହ ପୋଛିବା ପାଇଁ ଅଦାଲତର

ଦ୍ୱାରସ୍ଥ ହେବାର ଅଧିକାର ପାଇପାରିବେ, କିନ୍ତୁ ବ୍ୟକ୍ତିଗତ ଲାଭ କିମ୍ବା ନିଜ ସୁବିଧା ପାଇଁ କିମ୍ବା ରାଜନୈତିକ ଉଦ୍ଦେଶ୍ୟରେ କିମ୍ବା କୌଣସି ମନ୍ଦ ଉଦ୍ଦେଶ୍ୟ ପାଇଁ ଆସିଥିବା ବ୍ୟକ୍ତି ନୁହେଁ । ସେହିଭଳି, କୌଣସି ବ୍ୟକ୍ତିଗତ ଅଭିଯୋଗକୁ ରଙ୍ଗ ବଦଳେଇ ବା ଜନସ୍ୱାର୍ଥ (ପି ଆଇ ଏଲ) ମାମଲାର ରୂପ ଦେଇ ଅଦାଲତରେ ଏକ ଅମୂଳକ ଆବେଦନ ଅଣାଯାଇଥିଲେ, ମୂଳରୁ ହିଁ ତାହା ପ୍ରତ୍ୟାଖ୍ୟାନଯୋଗ୍ୟ ହେବ ।

ଯାହା ଦେଖାଯାଉଛି ଏହା ଅତ୍ୟନ୍ତ ନୈରାଶ୍ୟଜନକ ଯେ ନ୍ୟାୟାଳୟମାନଙ୍କ ସମ୍ମୁଖରେ ଆରମ୍ଭ କରାଯାଇଥିବା ଏହିପରି ମୂଲ୍ୟହୀନ ପ୍ରକ୍ରିୟା କାରଣରୁ ଦିନ ପରେ ଦିନ ନଷ୍ଟ ହୁଏ, ଯେଉଁ ସମୟଟି ଅନ୍ୟଥା ପ୍ରକୃତ ମକଦ୍ଦମାକାରୀମାନଙ୍କର ମାମଲାର ନିର୍ଣ୍ଣୟ କରିବାରେ ଦିଆଯାଇପାରିଥାନ୍ତା ଯଦିଓ ଆମେ ଜନସ୍ୱାର୍ଥ (ପି ଆଇ ଏଲ) ଭଳି ନୂତନ ଉଦ୍ଭାବିତ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ଏବଂ ବିକଶିତ କରିବା ଏବଂ ଗରିବ, ଅନଭିଜ୍ଞ ଲୋକମାନଙ୍କ ପ୍ରତି ସହାନୁଭୂତିର ଏକାକୀ ହାତ ବଢ଼ାଇବା କ୍ଷେତ୍ରରେ କାହାଠାରୁ ପଛରେ ନାହୁଁ, ଉତ୍ପୀଡ଼ିତ ଏବଂ ଅଭାବୀ ବ୍ୟକ୍ତିସମୂହଙ୍କର, ଯେଉଁମାନଙ୍କର ମୌଳିକ ଅଧିକାରର ଭଙ୍ଗ ଏବଂ ଉଲ୍ଲଙ୍ଘନ ହେଉଛି ଏବଂ ଯେଉଁମାନଙ୍କର ଅଭିଯୋଗ ଅଣଦେଖା, ପ୍ରତିନିଧିତ୍ୱହୀନ ଏବଂ ଅଶୁଣା ରହିଯାଉଛି; ତଥାପି ଆମ୍ଭେ ଆମ୍ଭର ମତ ବ୍ୟକ୍ତ ନ କରି ରହିପାରିବୁ ନାହିଁ ଯେ ଯେତେବେଳେ ପ୍ରକୃତ ମକଦ୍ଦମାକାରୀମାନେ ଶହ ଶହ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ସହିତ ଜଡିତ ଦେୱାନୀ ମାମଲା ସମ୍ବନ୍ଧୀୟ ଏବଂ ଅପରାଧିକ ମାମଲା ଯେଉଁଥିରେ ଫାଶୀଦଣ୍ଡରେ ଦଣ୍ଡିତ ହୋଇ ଅକଥନୀୟ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିସମୂହ ସମ୍ବନ୍ଧରେ ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଏବଂ ଦୀର୍ଘ ବର୍ଷ ଧରି କାରାବାସରେ ରଖାଯାଇଥିବା ବ୍ୟକ୍ତିସମୂହ, ସେବା ପ୍ରସଙ୍ଗରେ ଅଯଥା ବିଳମ୍ବର ଶିକାର ହୋଇଥିବା ପୀଡିତ ବ୍ୟକ୍ତିସମୂହ, ବିପୁଳ ପରିମାଣର ସରକାରୀ

ରାଜସ୍ୱ କିମ୍ବା ଅନଧିକୃତ ସଂଗ୍ରହ ହୋଇଥିବା ଟିକସ ପରିମାଣ ଅଟକି ରହି ପଡ଼ିଥିବା ମାମଲାଗୁଡିକର ସମାଧାନ ଅପେକ୍ଷାରେ ଥିବା ସରକାରୀ କିମ୍ବା ବେସରକାରୀ ବ୍ୟକ୍ତିସମୂହ, ଅଟକବନ୍ଦୀ ଆଦେଶ ଆଦିରୁ ମୁକ୍ତ ହେବାକୁ ଆଶା କରୁଥିବା ଅଟକବନ୍ଦୀ ବ୍ୟକ୍ତିସମୂହ ଇତ୍ୟାଦି ଇତ୍ୟାଦି ସମସ୍ତେ ବର୍ଷ ବର୍ଷ ଧରି ଏକ ଲମ୍ବା ସର୍ପାକାର ଧାଡ଼ିରେ ଛିଡ଼ା ହୋଇ ଅଦାଲତରେ ପ୍ରବେଶ କରିବା ଏବଂ ସେମାନଙ୍କ ଅଭିଯୋଗର ସମାଧାନ କରିବା ଆଶାରେ ଅଛନ୍ତି, ବ୍ୟସ୍ତବହୁଳ ସଂସ୍ଥା, ହସ୍ତକ୍ଷେପ କରୁଥିବା ଅନଧିକାର ପ୍ରବେଶକାରୀ, ପଥଚାରୀ କିମ୍ବା ଅଧିକାର ସାବ୍ୟସ୍ତ କରୁଥିବା ହସ୍ତକ୍ଷେପକାରୀମାନେ ନିଜପାଇଁ ହେଉ ବା ଅନ୍ୟ ପାଇଁ ପ୍ରତିନିଧି ସାଜି ହେଉ ବା ଅନ୍ୟମାନଙ୍କ ପାଇଁ ବା ଅନ୍ୟ କୌଣସି ବାହ୍ୟ ପ୍ରେରଣାରେ ବା ପ୍ରଚାରର ଚମକ ପାଇଁ ହେଉ ବ୍ୟକ୍ତିବିଶେଷ ଲାଭ କିମ୍ବା ବ୍ୟକ୍ତିଗତ ସୁବିଧା ପାଇଁ ଲୋକହିତ ଉଦ୍ଦେଶ୍ୟ ଆଦୌ ନ ରଖି ଲୋକହିତ ମକଦ୍ଦମାର ମୁଖା ପିନ୍ଧି ମୁହଁ ଢାଙ୍କି ଧାଡି ଭାଙ୍ଗନ୍ତି; ଏବଂ ବିରକ୍ତିକର ତଥା ତୁଚ୍ଛ ଆବେଦନ ଦାଖଲ କରି ନ୍ୟାୟାଳୟରେ ପ୍ରବେଶ କରନ୍ତି ଏବଂ ଏହିପରି ଅପରାଧିକ ଭାବରେ ନ୍ୟାୟାଳୟର ମୂଲ୍ୟବାନ୍ ସମୟ ନଷ୍ଟ କରିଥା'ନ୍ତି ଏବଂ ପରିଣାମ ସ୍ୱରୂପ ନ୍ୟାୟାଳୟର ଦ୍ୱାର ବାହାରେ ଛିଡ଼ା ହୋଇଥିବା ଧାଡି କଦାପି ଗତିଶୀଳ ହୋଇପାରେ ନାହିଁ, ଯାହା ଫଳରେ ସେହି ବିଚିତ୍ର ପରିସ୍ଥିତି ପ୍ରକୃତ ମକଦ୍ଦମାକାରୀଙ୍କ ମନରେ ହତାଶଭାବ ସୃଷ୍ଟି କରେ ଏବଂ ଫଳସ୍ୱରୂପ ସେମାନେ ଆମର ନ୍ୟାୟିକ ବ୍ୟବସ୍ଥାର ପ୍ରଶାସନ ଉପରେ ବିଶ୍ୱାସ ହରାଇ ବସିଥାଆନ୍ତି ।

(ଗୁରୁତ୍ୱ ଦିଆଗଲା)

**ଉତ୍ତରାଞ୍ଚଳ ରାଜ୍ୟ ବନାମ ବଲୱନ୍ତ ସିଂ ଚୌଫାଲ ଓ ଅନ୍ୟମାନେ ମାମଲାରେ,** ନିକଟରେ ନିଆଯାଇଥିବା ଏକ ନିର୍ଣ୍ଣୟରେ, ଯାହା **(୨୦୧୦) ୩ ଏସ ସି ସି ୪୦୨** ରେ ରିପୋର୍ଟ କରାଯାଇଛି, ଉଚ୍ଚତମ ନ୍ୟାୟାଳୟ ପୂର୍ବରୁ ନିଆଯାଇଥିବା ଅନେକ ନିଷ୍ପତ୍ତିଗୁଡିକୁ ଉଦ୍ଧୃତ କରି ନିମ୍ନ ପ୍ରକାରେ ମତ ଦେଲେ:

**"୩୩.** ଉଚ୍ଚ ନ୍ୟାୟାଳୟଗୁଡ଼ିକ ଏହି ନ୍ୟାୟାଳୟକୁ ଅନୁସରଣ କରିଥିଲେ ଏବଂ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅଧୀନରେ ସମାନ ଅଧିକାରିତା ପ୍ରୟୋଗ କରିଥିଲେ । ନ୍ୟାୟାଳୟଗୁଡିକ ସମ୍ବିଧାନର ଅନୁଚ୍ଛେଦ ୨୧ ରେ ପ୍ରଦତ୍ତ ଜୀବନ ଏବଂ ସ୍ୱାଧୀନତାର ଅଧିକାରର ଅର୍ଥକୁ ସମ୍ପ୍ରସାରିତ କରିଛନ୍ତି । ନ୍ୟାୟିକ ପଦ୍ଧତି ଦ୍ୱାରା କୌଣସି ଲାଭ ପାଉନଥିବା ସମାଜର ଏକ ବୃହତ୍ ବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ନ୍ୟାୟିକ ସ୍ଥିତି ଅଧିକାର ନିୟମକୁ ହ୍ରାସ କରାଗଲା ଏବଂ "ବ୍ୟଥିତ ବ୍ୟକ୍ତି"ର ପାରମ୍ପରିକ ଅର୍ଥକୁ ବ୍ୟାପକ କରାଗଲା । ଆମ୍ଭେ ଏହାକୁ ଜନସ୍ୱାର୍ଥ ମାମଲାର ପ୍ରଥମ ପର୍ଯ୍ୟାୟ କିମ୍ବା ସୁବର୍ଣ୍ଣ ଯୁଗ ବୋଲି ଆଖ୍ୟାୟିତ କରୁଛୁ । ପ୍ରଥମ ପର୍ଯ୍ୟାୟରେ ଆମ୍ଭେ "ବ୍ୟଥିତ ବ୍ୟକ୍ତି" ବିଶେଷର ପରିଭାଷାକୁ ବ୍ୟାପକ କରି ଏହି ନ୍ୟାୟାଳୟରେ ଶୁଣାଣି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ସଂକ୍ଷିପ୍ତରେ ବିଚାର କରିବୁ ।

**୩୬.** ଜନସ୍ୱାର୍ଥ ମାମଲା ବିରୋଧାତ୍ମକ ଧରଣର ମାମଲା ନୁହେଁ, ବରଂ ଏହା ସରକାର ଏବଂ ଏହାର ଅଧିକାରୀମାନଙ୍କ ପାଇଁ ଏକ ଆହ୍ୱାନ ଏବଂ ସୁଯୋଗ ମାତ୍ର ଯାହା ସମାଜର ଅବହେଳିତ ଏବଂ ଦୁର୍ବଳ ବର୍ଗଙ୍କ ପାଇଁ ମୌଳିକ ମାନବାଧିକାରକୁ ଅର୍ଥପୂର୍ଣ୍ଣ କରିବା ଏବଂ ସେମାନଙ୍କୁ ସାମାଜିକ ଓ ଆର୍ଥିକ ନ୍ୟାୟ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ, ଯାହା କି ଆମ ସମ୍ବିଧାନର ମୂଳମନ୍ତ୍ର ଅଟେ । ସରକାର ଏବଂ ଏହାର ଅଧିକାରୀମାନେ ଜନସ୍ୱାର୍ଥ ମାମଲାକୁ ସ୍ୱାଗତ କରିବା ଉଚିତ କାରଣ ଏହା ସେମାନଙ୍କୁ ଗରିବ ତଥା ଅବହେଳିତ ଲୋକମାନଙ୍କୁ ସେମାନଙ୍କର ସାମାଜିକ ଏବଂ ଆର୍ଥିକ ସୁବିଧା ମିଳୁଛି ନା ନାହିଁ ତାହାର ଅନୁଧ୍ୟାନ କରିବାର ସୁଯୋଗ ପ୍ରଦାନ କରିବ ବା ସେମାନେ ସମାଜର ଶକ୍ତିଶାଳୀ ତଥା କ୍ଷମତାଶାଳୀ ବର୍ଗଙ୍କ ଦ୍ୱାରା ପ୍ରତାରଣା ଓ ଶୋଷଣର ଶିକାର ହେଉଛନ୍ତି କି ଏବଂ ସାମାଜିକ ତଥା

ଆର୍ଥିକ ନ୍ୟାୟ ସେମାନଙ୍କ ପାଇଁ ଏକ ସାର୍ଥକ ବାସ୍ତବତାରେ ପରିଣତ ହୋଇଛି ନା ଏହା କେବଳ ଏକ ଭ୍ରମ ଏବଂ ଅବାସ୍ତବ ପ୍ରତିଶ୍ରୁତି ହୋଇ ରହିଯାଇଛି, ଯାହାଦ୍ୱାରା ଯଦି ଜନସ୍ୱାର୍ଥ ମକଦ୍ଦମାରେ ଅଭିଯୋଗ ସତ୍ୟ ବୋଲି ଜଣାପଡ଼େ, ତେବେ ସେମାନେ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରି ଶୋଷଣ ଏବଂ ଅନ୍ୟାୟର ମୂଳୋତ୍ପାଟନ କରିପାରିବେ ଏବଂ ଦୁର୍ବଳ ବର୍ଗଙ୍କୁ ସେମାନଙ୍କର ଅଧିକାର ଏବଂ ହକଦାରୀ ସୁନିଶ୍ଚିତ  କରିପାରିବେ ।

୩୯. ସମାଜର ବୃହତ୍ ବର୍ଗ ଗଠନ କରୁଥିବା ଗରିବ ଏବଂ ଅବହେଳିତ ବର୍ଗ ପ୍ରତି ନ୍ୟାୟପାଳିକାର ସାମ୍ବିଧାନିକ ଦାୟିତ୍ୱବୋଧ କାରଣରୁ ଭାରତରେ ଜନସ୍ୱାର୍ଥ ମାମଲାର ସୃଜନ ତଥା ବିକାଶ ହୋଇଛି । ନ୍ୟାୟପାଳିକାର ସୃଜନଶୀଳତା ଏବଂ କାରିଗରି ଦ୍ୱାରା ଏହି ନ୍ୟାୟାଧିକାରିତା ସୃଷ୍ଟି ତଥା ଖୋଦିତ ହୋଇଛି ।

**୪୦. ଏମ୍. ସି. ମେହେଟ୍ଟା ବନାମ କେନ୍ଦ୍ର ସରକାର** ରେ ଏହି ନ୍ୟାୟାଳୟର ମତ ଥିଲା ଯେ ଅନୁଚ୍ଛେଦ ୩୨ ଏହି ନ୍ୟାୟାଳୟକୁ କେବଳ ମୌଳିକ ଅଧିକାର ପ୍ରବର୍ତ୍ତନ ପାଇଁ ନିର୍ଦ୍ଦେଶ, ଆଦେଶ କିମ୍ବା ରିଟ ଜାରି କରିବାର କ୍ଷମତା ପ୍ରଦାନ କରିନାହିଁ । ବରଂ, ଜନସାଧାରଣଙ୍କ ମୌଳିକ ଅଧିକାର ସୁରକ୍ଷା ପାଇଁ ଏହା ଉପରେ ଏକ ସାମ୍ବିଧାନିକ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛି । ନ୍ୟାୟାଳୟ ଦୃଢୋକ୍ତି କରିଥିଲେ, ଯେ ଏହି ସାମ୍ବିଧାନିକ ଉତ୍ତରଦାୟିତ୍ୱ ନିର୍ବାହ କରିବା ପାଇଁ, "ଏହାର ମୌଳିକ ଅଧିକାରକୁ ଲାଗୁ କରିବା ପାଇଁ ଅଭିନବ ପ୍ରତିକାର ସୃଷ୍ଟି କରିବା ଏବଂ ନୂତନ ରଣନୀତି ପ୍ରସ୍ତୁତ କରିବା ଭଳି କ୍ଷମତା ଥିବା ସହ ସମସ୍ତ ଆନୁଷଙ୍ଗିକ ଏବଂ ସହାୟକ କ୍ଷମତା ରହିଛି ।" ନ୍ୟାୟାଳୟ ଅନୁଭବ କରିଥିଲେ ଯେ ଅତ୍ୟଧିକ ଦାରିଦ୍ର୍ୟତା କାରଣରୁ ସମାଜର ଏକ ବଡ଼ ବର୍ଗ ଅଦାଲତର ଦ୍ୱାରସ୍ଥ ହୋଇପାରିବେ ନାହିଁ । ସେମାନଙ୍କ ପାଇଁ ମୌଳିକ ଅଧିକାରର କୌଣସି ଅର୍ଥ ନାହିଁ ଏବଂ କଥିତ ନ୍ୟାୟିକ ଅଭିନବୀକରଣ ଏବଂ

ସୃଜନଶୀଳତା ଦ୍ୱାରା ସମାଜର ଅବହେଳିତ ବର୍ଗର ମୌଳିକ ଅଧିକାର ସଂରକ୍ଷଣ ଏବଂ ସୁରକ୍ଷା କରିବା ପାଇଁ ଜନସ୍ୱାର୍ଥ ଉଦ୍ଦେଶ୍ୟରେ ଆବଶ୍ୟକ ନିର୍ଦ୍ଦେଶ ଏବଂ ଆଦେଶ ଦିଆଯାଇଛି ।

**୪୧.** ଭାରତୀୟ ଆଇନଶାସ୍ତ୍ର ଇତିହାସରେ ଜନସ୍ୱାର୍ଥ ମାମଲାର ବିକାଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ୧୯୭୦ ଦଶକରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ସମାଜର ଅବହେଳିତ ଏବଂ ଅଭାବଗ୍ରସ୍ତ ବର୍ଗଙ୍କ ତରଫରୁ ଜନକଲ୍ୟାଣକାରୀ ବ୍ୟକ୍ତି, ଅନୁଷ୍ଠାନମାନ ଏବଂ / କିମ୍ବା ସଂସ୍ଥାଗୁଡିକ ଦ୍ୱାରା ଆବେଦନ ଦାଖଲ କରିବାକୁ ଅନୁମତି ଦେବା ପାଇଁ କଠୋର ସ୍ଥିତି ଅଧିକାର ଆବଶ୍ୟକତାକୁ କୋହଳ କରାଯାଇଥିଲା । ସମ୍ବିଧାନର ଧାରା ୩୨ ଏବଂ ୨୨୬ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଗୁଡିକ ସେମାନଙ୍କୁ ପ୍ରଦାନ କରାଯାଇଥିବା ବ୍ୟାପକ କ୍ଷମତାର ପ୍ରୟୋଗ କରୁଥିଲେ । ଜନସ୍ୱାର୍ଥ ମାମଲାରେ ନ୍ୟାୟାଳୟମାନଙ୍କଠାରୁ ଯାଚନା କରାଯାଇଥିବା ପ୍ରତିକାରର ପ୍ରକାର ପ୍ରଭାବିତ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କୁ ଦିଆଯିବା ପ୍ରତିକାରର ଅଧିନିର୍ଣ୍ଣୟକୁ ଅତିକ୍ରମ କରେ । ଉପଯୁକ୍ତ ମାମଲାରେ, ନ୍ୟାୟାଳୟମାନେ ମଧ୍ୟ ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶ ଦେଇଛନ୍ତି । ନ୍ୟାୟାଳୟଗୁଡିକ ଆଇନ ପ୍ରଣୟନ କାର୍ଯ୍ୟକାରିତାର ପର୍ଯ୍ୟାଲୋଚନା କରିଛନ୍ତି ଏବଂ ଆଇନ ପ୍ରଣୟନ ଅନୁପସ୍ଥିତିରେ ନୀତି ଓ ନିୟମସମୂହ ମଧ୍ୟ ବ୍ୟବସ୍ଥିତ କରିଥା'ନ୍ତି । ଯଦି ୭୦ ଏବଂ ୮୦ ଦଶକର ମାମଲାଗୁଡ଼ିକର ବିଶ୍ଳେଷଣ କରାଯାଏ, ତେବେ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଆପ୍ୟାୟିତ କରାଯାଉଥିବା ଅଧିକାଂଶ ଜନସ୍ୱାର୍ଥ ମାମଲାଗୁଡିକ ସମାଜର ଅବହେଳିତ ଏବଂ ଅଭାବଗ୍ରସ୍ତ ବର୍ଗର ମୌଳିକ ଅଧିକାର ପ୍ରବର୍ତ୍ତନ ସମ୍ବନ୍ଧୀୟ ଅଟନ୍ତି ।

**୬୪.** ଉପରୋକ୍ତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ରାୟକୁ ଦୃଷ୍ଟିରେ ରଖି ଏହି ନ୍ୟାୟାଳୟକୁ ଜନସ୍ୱାର୍ଥ ସୁରକ୍ଷା ପାଇଁ ହିତାଧିକାରୀ କମ୍ପାନୀ ସପକ୍ଷରେ ସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଏବଂ ଏଥିପାଇଁ ମଞ୍ଜୁରି

ଦେବାରେ ହସ୍ତକ୍ଷେପ କରିବାକୁ ପଡ଼ିବ । ତେଣୁ ଆବେଦନକାରୀ ସପକ୍ଷରେ ଏବଂ ବିରୋଧୀଦଳଙ୍କ ବିପକ୍ଷରେ ଆମକୁ ଉପରୋକ୍ତ ପ୍ରସଙ୍ଗଗୁଡିକର ଉତ୍ତର ଦେବାକୁ ପଡ଼ିବ ।

**୬୫.** ଉପରୋକ୍ତ କାରଣଗୁଡିକ ପାଇଁ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବଙ୍କ ବିବୃତି ଉପରେ ନିର୍ଭର କରି ଶ୍ରୀମାନ ମହାଧିବକ୍ତାଙ୍କ ଦ୍ୱାରା ଉପସ୍ଥାପିତ ବଳିଷ୍ଠ ତଥ୍ୟଗତ ଯୁକ୍ତି, ଯାହା ଆମର ଅନୁଧ୍ୟାନ ପାଇଁ ପ୍ରସ୍ତୁତ କରାଯାଇଛି, ସମ୍ପୂର୍ଣ୍ଣ ଭାବେ ପୂର୍ବୋକ୍ତ ୧୯୮୪ ର ରାଜପତ୍ର ବିଜ୍ଞପ୍ତି ଏବଂ ଜଙ୍ଗଲ ବିଭାଗ ଦ୍ୱାରା ଆବେଦନକାରୀମାନଙ୍କୁ ଜାରି କରାଯାଇଥିବା ଉପଗ୍ରହ ମାନଚିତ୍ରର ବିପରୀତ ଅଟେ । ପୁନଶ୍ଚ କମ୍ପାନୀ ପକ୍ଷରୁ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ସଞ୍ଜିତ୍ ମହାନ୍ତିଙ୍କ ଦ୍ୱାରା କରାଯାଇଥିବା ବଳିଷ୍ଠ ଆଇନଗତ ଯୁକ୍ତି ଯେ ଆବେଦନକାରୀମାନେ ନିଜକୁ ଜନକଲ୍ୟାଣକାରୀ ବ୍ୟକ୍ତି ବୋଲି ଦାବି କରି ଏହି ନ୍ୟାୟାଳୟର ପ୍ରକ୍ରିୟାର ଅପବ୍ୟବହାର କରିଛନ୍ତି, ଏହା ମଧ୍ୟ ଅପୋଷଣୀୟ କାରଣ ସେମାନେ ଏହି ମାମଲାକୁ ପ୍ରତିପାଦିତ କରିସାରିଛନ୍ତି ଯେ ସେହି ଅଞ୍ଚଳର ଜନସ୍ୱାର୍ଥ ପ୍ରଭାବିତ ହେବ ଏବଂ ତତସଙ୍ଗେ ଆଇନର ନିୟମକାନୁନ ଉଲ୍ଲଂଘନ ହେବ ଯଦି ହିତାଧିକାରୀ କମ୍ପାନୀ ସପକ୍ଷରେ ଭୂମି ଅଧିଗ୍ରହଣ ଏବଂ ସରକାରୀ ଭୂମିଗୁଡ଼ିକର ଲିଜଧାରଣ ଅଧିକାରକୁ ବେଆଇନ ଓ ଅବୈଧ ନ ଧରା ଯାଏ ଏବଂ ତେଣୁ ଆମ୍ଭର ମତାନୁସାରେ ସାର୍ବଜନିକ କାରଣ ଥାଇ ଏବଂ ଜନସ୍ୱାର୍ଥ ସମର୍ଥନରେ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହେବା ଦ୍ୱାରା ଆବେଦନକାରୀମାନଙ୍କ ଦ୍ୱାରା ଏହି ନ୍ୟାୟାଳୟର ପ୍ରକ୍ରିୟାର କୌଣସି ଅପବ୍ୟବହାର କରାଯାଇନାହିଁ ଯେହେତୁ ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟ, ତାଙ୍କ ଦ୍ୱାରା ବହୁ ପୂର୍ବେ ୧୯୮୪ ମସିହାରେ ଅଧିକୃତ ହୋଇଥିବା ଭୂମିର ପାର୍ଶ୍ୱବର୍ତ୍ତୀ କିଛି ଜମିଗୁଡିକୁ ବନ୍ୟପ୍ରାଣୀ ଅଭୟାରଣ୍ୟ ରୂପେ ଘୋଷଣା କରି ଜାରି କରିଥିବା ବିଜ୍ଞପ୍ତିର ତଥା ଅଧିକୃତ ଜମି ଦେଇ ଦୁଇଟି ନଦୀ ପ୍ରବାହିତ ହେଉଥିବା ପ୍ରମାଣ ଦେଖାଇବା ପାଇଁ ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟର ସଂପୂର୍ଣ୍ଣ ଉଲଂଘନ କରୁଛି । ଉପରୋକ୍ତ କାରଣମାନ ଦର୍ଶାଇ ଆମ୍ଭେ ଏହି ମତ ପ୍ରଦାନ କରୁଅଛୁ ଯେ ଜନସ୍ୱାର୍ଥ ମାମଲାଗୁଡିକର ଆବେଦନକାରୀମାନେ ପ୍ରକୃତରେ

ଜନକଲ୍ୟାଣକାରୀ ବ୍ୟକ୍ତିସମୂହ ଅଟନ୍ତି ଯେଉଁମାନେ ଜନସ୍ୱାର୍ଥର ସୁରକ୍ଷା ପାଇଁ ବହୁତ ଆଗ୍ରହୀ ଏବଂ ଏଥିପ୍ରତି ସଚେତନ ଅଟନ୍ତି ଯେ ସର୍ବସାଧାରଣ ସମ୍ପତ୍ତି ଉପରେ "ଜନ ଆସ୍ଥା ମତବାଦ"କୁ ଦୃଷ୍ଟି ଦେଇ ରାଜ୍ୟ ସରକାର ସଚ୍ଚୋଟତାର ସହ ସେହି ଅଞ୍ଚଳର ଜନସାଧାରଣଙ୍କ ପ୍ରତି ନିଜର ଦାୟିତ୍ୱ ତଥା ମୌଳିକ କର୍ତ୍ତବ୍ୟମାନ ପାଳନ କରୁଛନ୍ତି । ପୂର୍ବରେ ଦର୍ଶାଯାଇଥିବା ଚୂଡ଼ାନ୍ତ ନିର୍ଣ୍ଣୟପୂର୍ବକ ଫୈସଲା ହୋଇସାରିଥିବା ନଅ ଜଣ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ ଆବେଦନ ଯାହା ଉପରେ କମ୍ପାନୀ ତରଫର ଶ୍ରୀମାନ ବରିଷ୍ଠ ଅଧିବକ୍ତା ନିଜ ଯୁକ୍ତିର ସମର୍ଥନ ପାଇଁ ନିର୍ଭର କରିଛନ୍ତି, ଯେ ଏହି ଜନସ୍ୱାର୍ଥ ମାମଲାର ରିଟ୍ ଆବେଦନକାରୀମାନେ ଏହି ନ୍ୟାୟାଳୟର ପ୍ରକ୍ରିୟାର ଅପବ୍ୟବହାର କରିଛନ୍ତି, ତାହା ଆଇନସମ୍ମତ ନୁହେଁ, କାରଣ ଏହି ନ୍ୟାୟାଳୟ ଏହାର ବିଚାରାର୍ଥେ ଉଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଉତ୍ତର ଦେଇ ଗୁଣାଗୁଣ ଆଧାରରେ ମାମଲାର ନିଷ୍ପତ୍ତି କରିନାହାଁନ୍ତି । ବର୍ତ୍ତମାନର ରିଟ ଆବେଦନରେ ସେମାନେ ନ୍ୟାୟିକ ସହାୟତା ପାଇବା ନିମନ୍ତେ ଗ୍ରହଣଯୋଗ୍ୟ କାରଣମାନ ଉପସ୍ଥାପନପୂର୍ବକ ଏକ ଦୃଢ଼ ମାମଲା ପ୍ରସ୍ତୁତ କରିଛନ୍ତି । ଯଦି ଜନସ୍ୱାର୍ଥ (ପି ଆଇ ଏଲ) ଆବେଦନକୁ ଅନୁମତି ନ ଦିଆଯାଏ, ତେବେ ରାଜ୍ୟ ସରକାର ଏବଂ ହିତାଧିକାରୀ କମ୍ପାନୀ ଦ୍ୱାରା କ୍ରମାଗତ ଭୁଲ ହେଇଚାଲିବ, ଯାହାଦ୍ୱାରା ଜମି ଅଧିଗ୍ରହଣ କରାଯାଉଥିବା ଅଞ୍ଚଳର ବାସିନ୍ଦା ତଥା ଜମି ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେବ । ସେମାନେ ସମାଜର ଅବହେଳିତ ବର୍ଗଭୁକ୍ତ କ୍ଷୁଦ୍ର ଭୂ-ଧାରକ ଅଟନ୍ତି ଏବଂ ତେଣୁ ସମ୍ବିଧାନର ଅନୁଚ୍ଛେଦ ୩୯କ ଅଧୀନରେ ପ୍ରଦତ୍ତ ସାମ୍ବିଧାନିକ ଅଧିକାର ପ୍ରାପ୍ତ୍ୟର୍ଥେ ନ୍ୟାୟଭିକ୍ଷା କରିବା ସେମାନଙ୍କ ପକ୍ଷେ ସହଜସାଧ୍ୟ ନୁହେଁ ଏବଂ କମ୍ପାନୀ ସପକ୍ଷରେ ଶହ ଶହ ଏକରବିଶିଷ୍ଟ ସରକାରୀ ଜମି ମଞ୍ଜୁରିପ୍ରଦାନ ଆଇନର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ଅଟେ ।

*୬୬.* ଉପରୋକ୍ତ କାରଣଗୁଡ଼ିକ ପାଇଁ, କମ୍ପାନୀ ତରଫରୁ ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଉପସ୍ଥାପିତ ଯୁକ୍ତିରେ କୌଣସି ସାର ନାହିଁ ଯେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପି ଆଇ ଏଲ ରିଟ୍ ଆବେଦନଗୁଡିକରେ କୌଣସି ଜନସ୍ୱାର୍ଥ ଜଡ଼ିତ ନାହିଁ ଏବଂ ସେମାନେ

ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାର କରିଥିବା ଭ୍ରାନ୍ତ ଧାରଣା ଅଟେ ଏବଂ ଏକଦମ ଆଇନସମ୍ମତ ନୁହେଁ ଏବଂ ଉକ୍ତ ବିରୋଧ ପ୍ରତ୍ୟାଖ୍ୟାନଯୋଗ୍ୟ ଅଟେ ଏବଂ ଜନସ୍ୱାର୍ଥଯୁକ୍ତ ରିଟ୍ ଆବେଦନଗୁଡ଼ିକୁ ମଧ୍ୟ ଅନୁମତି ଦେବା ଆବଶ୍ୟକ ।

**ପ୍ରସଙ୍ଗ ସଂଖ୍ୟା ୧୪ ଏବଂ ୧୫ ର ଉତ୍ତର:**

**୬୭.** ରାଜ୍ୟ ସରକାର ଏବଂ ହିତାଧିକାରୀ କମ୍ପାନୀ ବିରୁଦ୍ଧରେ ଏହି ଆବେଦନରେ ଉଠାଯାଇଥିବା ସମସ୍ତ ପ୍ରସଙ୍ଗର ଆମେ ଆମର କାରଣ ଲିପିବଦ୍ଧ କରି ଉତ୍ତର ଦେଇଛୁ ଏବଂ ଆମେ କହିଛୁ ଯେ ଜମି ଅଧିଗ୍ରହଣ ଆରମ୍ଭ ହେବାର ପର୍ଯ୍ୟାୟରୁ ଆରମ୍ଭ କରି ତଥାକଥିତ ଅଧିନିର୍ଣ୍ଣୟ ପ୍ରଦାନ କରାଯିବାର ତାରିଖ ପର୍ଯ୍ୟନ୍ତ, ଯାହାକି ବାସ୍ତବରେ ଏବଂ ଆଇନ ଦ୍ୱାରା ପ୍ରଦାନ କରାଯାଇନାହିଁ, ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା, ଏବଂ ଅଭିଯୋଗ ହୋଇଥିବା ଜମି ଦଖଲାଧିକାର ଭୂମି ଅଧିଗ୍ରହଣ ଅଧିନିୟମ, ୧୮୯୪ ର ଭାଗ-VII ଅଧିନସ୍ଥ ବ୍ୟବସ୍ଥା ସହିତ ପଠିତ ଧାରା ୪, ୫କ, ୬, ୯, ୧୦, ୧୧, ୧୨, (୨), ୨୩, ୨୪ ଅଧିନସ୍ଥ ବୈଧାନିକ ବ୍ୟବସ୍ଥାର ଖୋଲା ଉଲ୍ଲଂଘନ ଅଟେ । ଜନସ୍ୱାର୍ଥ ମାମଲା ବିଚାରକୁ ନେଇ ଉଠାଯାଇଥିବା ସମସ୍ତ ପ୍ରସଙ୍ଗଗୁଡିକର ଉତ୍ତର ଦେଇ ଆମ୍ଭେ ଏହି ମତ ପ୍ରଦାନ କରିଛୁ ଯେ ବେଦାନ୍ତ ଫାଉଣ୍ଡେସନ ପକ୍ଷରୁ ତଥ୍ୟର ଭ୍ରମାତ୍ମକ ପ୍ରତିବେଦନ କରାଯାଇ ତଥା ରାଜ୍ୟ ସରକାରଙ୍କ ସହ ପ୍ରବଞ୍ଚନା କରି କରାଯାଇଥିବା ଅଧିଯାଚନା ଆଧାରରେ ହିତାଧିକାରୀ କମ୍ପାନୀ ସପକ୍ଷରେ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାଟି ଭ୍ରଷ୍ଟ ହୋଇଛି । ଆମ୍ଭେ ପୁନଶ୍ଚ ଉତ୍ତର ଦେଇଛୁ ଯେ ଜନସ୍ୱାର୍ଥ ବହୁମାତ୍ରାରେ ପ୍ରଭାବିତ ହୋଇଛି ଏବଂ ଆଇନ ବ୍ୟବସ୍ଥାର ଉଲ୍ଲଂଘନ ହୋଇଛି । ତେଣୁ, ଆମ୍ଭେ ଆବେଦନକାରୀଙ୍କ ଦ୍ୱାରା ଜନସ୍ୱାର୍ଥ ମାମଲା ରୂପେ ଦାଖଲ କରାଯାଇଥିବା ରିଟ୍ ଆବେଦନକୁ ମଧ୍ୟ ଅନୁମତି ପ୍ରଦାନ କରାଯିବା ଆବଶ୍ୟକ ବୋଲି ମତପୋଷଣ କରିଛୁ ଏବଂ ଏହା ଅବଲୋକନ କରିଛୁ ଯେ ସେହି ଆବେଦନଗୁଡିକର ଆବେଦନକାରୀମାନେ, ଜନସ୍ୱାର୍ଥ ବ୍ୟତୀତ, ଛୋଟ ଜମିଧାରୀଙ୍କ ତରଫରୁ

ମଧ୍ୟ ସେମାନେ ଆବେଦନ କରିଛନ୍ତି, ଯାହାଙ୍କ ପାଖରେ ଏହି ଅଦାଲତକୁ ଆସି ମୋକଦ୍ଦମା ଲଢ଼ିବା ପାଇଁ କୌଣସି ସମ୍ବଳ ନାହିଁ । ତେଣୁ, ଏହି ନ୍ୟାୟାଳୟକୁ ଆସିଥିବା ଏପରିକି ନ ଆସିଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ସଂପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟା ଏହି କାରଣରୁ ରଦ୍ଦ କରାଯିବାକୁ ଉପଯୁକ୍ତ ଯେ ଭୂମି ଅଧିଗ୍ରହଣ ଅଧିନିୟମର ଉପରୋକ୍ତ ବ୍ୟବସ୍ଥାଗୁଡିକର ଖୋଲାଖୋଲି ଭାବେ ଉଲ୍ଲଂଘନ ହୋଇଛି ଯାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏ ଆଇ ଆର ୧୯୯୫ ଏସ ସି ସି ୨୨୪୪ ରେ ରିପୋର୍ଟ ହୋଇଥିବା ଏଚ.ଏମ.ଟି ଗୃହ ନିର୍ମାଣ ସମବାୟ ସମିତି ବନାମ ସୟଦ ଖାଦର ଏବଂ ଅନ୍ୟମାନେ ମାମଲାରେ ଅବଲୋକନ କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟ ବିଚାର ପାଇଁ ଉଠାଯାଇଥିବା ଆଇନଗତ ପ୍ରଶ୍ନର ଉତ୍ତର ପ୍ରଦାନ କରି କହିଥିଲେ ଯେ ଧାରା ୪୪କ ଅଧୀନରେ ସରକାରଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ, କିନ୍ତୁ ଯେହେତୁ ଏହାର ପାଳନ କରାଯାଇନଥିଲା, ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରାଗଲା । ଆହୁରି ମଧ୍ୟ, ଉପରେ ଉଲ୍ଲେଖିତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦଖଲାଧିକାରରେ ଥିବା ରାଜ୍ୟ ସରକାର ଏବଂ ସମାଜକୁ ନିର୍ଦ୍ଦେଶ ଦେଇଥିଲେ ଯେ ଜମି ଅଧିଗ୍ରହଣକୁ ଆପତ୍ତି କରାଯାଇଥାଉ କିମ୍ବା ନ କରାଯାଇଥାଉ, ଜମି ମାଲିକମାନଙ୍କୁ ସେମାନଙ୍କର ଯେଝା ଜମି ସେମାନଙ୍କୁ ହସ୍ତାନ୍ତର କରାଯିବ ଏବଂ ଏହାର ରାୟର ଅନୁଚ୍ଛେଦ ୨୫ ରେ ନିମ୍ନ ପ୍ରକାରେ ନିର୍ଦ୍ଦେଶ ଦେଇଛନ୍ତି:

> "୨୬. ଆମେ ନିର୍ଦ୍ଦେଶ ଦେଉଛୁ ଯେ ଉପରୋକ୍ତ ବିଜ୍ଞପ୍ତି ସମେତ ଜମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରାଯିବା ଫଳରେ ନିଜ ନିଜ ଜମି ଅଧିଗ୍ରହଣକୁ ଆପତ୍ତି (ଚାଲେଞ୍ଜ) କରିଥା'ନ୍ତୁ କି ନ କରିଥା'ନ୍ତୁ, ଜମିମାଲିକମାନଙ୍କୁ ସେମାନଙ୍କର ଜମି ଦଖଲାଧିକାର ଫେରାଇ ଦିଆଯିବ । ଜମିର ପୁନରୁଦ୍ଧାର କରାଯିବା ପରେ ସେମାନେ କ୍ଷତିପୂରଣ ବାବଦକୁ ପାଇଥିବା ଅର୍ଥ ବା ଜମି ବାବଦକୁ ଗ୍ରହଣ କରିଥିବା ଅର୍ଥକୁ ଫେରସ୍ତ ଦେବେ । ଆବେଦନକାରୀମାନେ, ପ୍ରତିବାଦୀମାନେ ଏବଂ ରାଜ୍ୟ ସରକାର ଏହାର ସମସ୍ତ କର୍ତ୍ତୃପକ୍ଷ /

ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମେତ ଉପରୋକ୍ତ ନିର୍ଦ୍ଦେଶକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବେ ।"

ରିଟ୍ ଆବେଦନ ଏବଂ ଜନସ୍ୱାର୍ଥ ମାମଲାଗୁଡିକୁ ଆପ୍ୟାୟିତ କଲାବେଳେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସହ ଆମ୍ଭେ ସମ୍ପୂର୍ଣ୍ଣ ଏକମତ ଅଟୁ ।

୮.୩ ଯେଉଁ ଆଧାରଗୁଡିକ ବଳରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିଛନ୍ତି ଓ ଅଧିନିୟମ ୧୮୯୪ ର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ଅନୁପାଳନ ନ କରିବା ଦ୍ୱାରା ତାହା ଦୂଷିତ ହୋଇଛି ବୋଲି ମତ ଦେଇଛନ୍ତି, ସେଗୁଡିକ ପୂର୍ବରୁ ଉପରେ ଉଲ୍ଲେଖ ତଥା ପୁନର୍ବାର ପ୍ରସ୍ତୁତ କରାଯାଇଛି ।

୮.୪ ପ୍ରାରମ୍ଭରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ବେଦାନ୍ତ ଫାଉଣ୍ଡେସନର ଅନୁରୋଧକ୍ରମେ ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା / କାର୍ଯ୍ୟପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯାହାକି ୨୦୦୬ ମସିହା ଏପ୍ରିଲ ମାସରେ ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ୧୫.୦୬.୨୦୦୬ ସୁଦ୍ଧା ଭୁବନେଶ୍ୱର-ପୁରୀ-କୋଣାର୍କ ପୁରୀ ଜିଲ୍ଲାର ନୂଆନଇ ନିକଟରେ ବିନିର୍ଦ୍ଦିଷ୍ଟ ଭାବରେ ୧୫,୦୦୦ ଏକର ସନ୍ନିହିତ ଜମି ଯୋଗାଇ ଦେବାକୁ କମ୍ପାନୀ ଓଡ଼ିଶା ସରକାରଙ୍କୁ ବିଶେଷ ଅନୁରୋଧ କରିଥିଲା । ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା ଲାଗି କମ୍ପାନୀ ଦ୍ୱାରା ପ୍ରକ୍ରିୟା କରାଯାଇଥିଲା । ଏପରିକି ପ୍ରାସଙ୍ଗିକ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଉପସ୍ଥାପନାରୁ ଏବଂ ତା ୧୯.୦୭.୨୦୦୬ ରିଖର ଏମଓୟୁ ର ପ୍ରାସଙ୍ଗିକ ଖଣ୍ଡଗୁଡିକରୁ ଏବଂ ଏପରିକି ଓଡ଼ିଶା ସରକାର ଓ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ମଧ୍ୟରେ ସମ୍ପାଦିତ ଧାରା ୪୧ ବୁଝାମଣାରୁ ଏହା ଦେଖିବାକୁ

ମିଳୁଛି ଯେ ଏହି ଜମିକୁ କମ୍ପାନୀ ଚିହ୍ନଟ କରିଛି, ଓଡ଼ିଶା ସରକାର ନୁହେଁ । ଏହି ବିଷୟକୁ ହାତକୁ ନେଇ ଏହା ଉପରେ ଉଚ୍ଚ ନ୍ୟାୟାଳୟ ବିସ୍ତାରରେ ବିଚାର କରିଛନ୍ତି ।

୮.୫ ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ବେଦାନ୍ତ ଫାଉଣ୍ଡେସନ ଏବଂ ପରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଦ୍ୱାରା ଆରମ୍ଭ କରାଯାଇଥିଲା, ଯାହା ପ୍ରାସଙ୍ଗିକ ସମୟରେ ଏବଂ ୧୯.୦୭.୨୦୦୬ ସୁଦ୍ଧା ଏକ ଘରୋଇ କମ୍ପାନୀ ଥିଲା, ଯାହାର ବୋର୍ଡରେ ତିନି ଜଣ ନିର୍ଦ୍ଦେଶକ ଥିଲେ ଏବଂ ସାତ ଜଣରୁ କମ୍ ସଂଖ୍ୟକ ସଦସ୍ୟ ଥିଲେ । ଆବେଦନକାରୀଙ୍କ ତରଫରୁ ମାମଲା ଏହି କି ଯେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ, ଯାହାକି ପ୍ରାସଙ୍ଗିକ ସମୟରେ ଏକ ଘରୋଇ କମ୍ପାନୀ ଥିଲା, ପରବର୍ତ୍ତୀ ସମୟରେ ତାହାକୁ ୧୩.୧୨.୨୦୦୬ ସୁଦ୍ଧା ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତିତ କରାଯାଇଥିଲା, ମୁଖ୍ୟତଃ ଯେଉଁ ତାରିଖରେ ପ୍ରଥମ ଧାରା ୪(୧) ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ବିଚାର ପାଇଁ ପ୍ରାସଙ୍ଗିକ ତାରିଖ ୧୩.୧୨.୨୦୦୬ ହେଉ, ଏହା ମର୍ମହୀନ ଏବଂ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ । ପୂର୍ବରୁ ଅବଲୋକନ କରାଯାଇଛି ଯେ, ଆବେଦନକାରୀ କମ୍ପାନୀ ଦ୍ୱାରା ଚିହ୍ନଟ କରାଯାଇଥିବା ଚିହ୍ନଟ କରାଯାଇଥିବା ଚିହ୍ନିତ ଜମିଗୁଡିକର ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ୨୦୦୬ ର ଏପ୍ରିଲ / ଜୁନ ମାସରେ ଆରମ୍ଭ ହୋଇଥିଲା ଯାହାପରେ ତା ୧୯.୦୭.୨୦୦୬ ରିଖର ଏମଓୟୁ କରାଯାଇଥିଲା । ତେଣୁ, ବିଚାର ପାଇଁ ପ୍ରାସଙ୍ଗିକ ତାରିଖ ୧୯.୦୭.୨୦୦୬ ହେବ ଏବଂ ଆବେଦନକାରୀଙ୍କ ତରଫରୁ ପ୍ରତିବାଦ କରାଯାଇଥିବା ତା ୧୩.୧୨.୨୦୦୬ ରିଖ ନୁହେଁ ।

୮.୬ ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଭିନ୍ନ ପ୍ରକାରେ ଘରୋଇ କମ୍ପାନୀରୁ ସାର୍ବଜନୀନ କମ୍ପାନୀରେ ପରିଣତ ହେବାର ଆରୋପିତ ରୂପାନ୍ତରଣ ନିଃସନ୍ଦେହ ଅଧିନିୟମ, ୧୮୯୪ ଅଧୀନରେ ଥିବା ବୈଧାନିକ ବ୍ୟବସ୍ଥାରୁ ମୁକୁଳି ଯିବାର ଏକ ପ୍ରୟାସ ମାତ୍ର ଥିଲା । ଆଇନ ବିଭାଗ ସ୍ୱତନ୍ତ୍ର ଭାବେ କହିଥିଲେ ଯେ ଯେଉଁ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରିବାକୁ ଇଚ୍ଛା କରାଯାଉଥିଲା, ସେହି ଉଦ୍ଦେଶ୍ୟରେ ଘରୋଇ କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ କରାଯାଇ ପାରିବ ନାହିଁ, ତତପରେ ହିଁ ଆବେଦନକାରୀମାନେ କମ୍ପାନୀର ସ୍ଥିତିକୁ ଘରୋଇ କମ୍ପାନୀରୁ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତନ କରିଥିଲେ । ଉପରୋକ୍ତ ପଦକ୍ଷେପ ଆବେଦନକାରୀଙ୍କ ତରଫରୁ ଏକ ମନ୍ଦ ଉଦ୍ଦେଶ୍ୟମୂଳକ ପ୍ରୟାସ ଥିଲା ।

୮.୭ ଆହୁରି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ ଆବେଦନକାରୀ ଯେତେବେଳେ ନିଜର ସ୍ଥିତିକୁ ଘରୋଇରୁ ସାର୍ବଜନୀନ କମ୍ପାନୀରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିଲେ, ତାହା କମ୍ପାନୀ ଅଧିନିୟମ, ୧୯୫୬ ର ଧାରା ୨୩ , ୩୧, ୧୮୯(୨) ଏବଂ ୧୯୨ ର ଅନୁପାଳନ କରିବା ସାପେକ୍ଷରେ ହେବାକୁ ଥିଲା । ଉଚ୍ଚ ନ୍ୟାୟାଳୟଙ୍କ ମତ ତଥା ଲିପିବଦ୍ଧ ସିଦ୍ଧାନ୍ତ ଅନୁସାରେ ଏବଂ ଏପରିକି ଆର ଟି ଆଇ ପ୍ରଶ୍ନାନୁସାରେ ମଧ୍ୟ ଏହା ସ୍ପଷ୍ଟ ଯେ ଆବେଦନକାରୀ ଧାରା ୩୧(୨କ) ର ବ୍ୟବସ୍ଥାର ଆବଶ୍ୟକତାନୁସାରେ ସଂଘ ନିୟମାବଳୀର ପ୍ରମାଣିତ ନକଲ (ସଂଶୋଧନ ଅନୁଯାୟୀ) ପ୍ରଦାନ କରିନଥିଲେ । ଆବେଦନକାରୀଙ୍କ ତରଫରୁ ବିଷୟଗତ ତଥ୍ୟ ଏହିକି ଯେ, ତା ୨୩.୧୧.୨୦୦୬ ରିଖରେ ଆବେଦନକାରୀ ସଫଳତାର ସହିତ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ

ହୋଇଥିଲା ଏବଂ କମ୍ପାନୀ ଅଧିନିୟମ ୧୯୫୬ ର ଧାରା ୪୪ ସର୍ତ୍ତାବଳୀ ଅନୁସାରେ, ଏହାର ସଦସ୍ୟ ସଂଖ୍ୟା ୩ ରୁ ୭ କୁ ବୃଦ୍ଧି କରିଥିଲା, ଏହା ଅଂଶଧନ (ସେୟାର) ମୁକ୍ତ ହସ୍ତାନ୍ତରଣ ଉପରେ ପ୍ରତିବନ୍ଧକକୁ ହଟାଇବା ଲାଗି ଏହାର ସଂଘ ନିୟମାବଳୀରେ ସଂଶୋଧନ କରିଥିଲା ଏବଂ ଏହାକୁ କମ୍ପାନୀ ନିବନ୍ଧକ (ଆର ଓ ସି) ଦ୍ୱାରା ତା ୨୧.୦୨.୨୦୦୭ ରିଖ ଏବଂ ତା ୦୩.୦୩.୨୦୧୧ ରିଖ ସ୍ୱୀକୃତିପତ୍ର ଦ୍ୱାରା ସ୍ୱୀକାର କରାଯାଇଛି, ଏହା ଉଲ୍ଲେଖ୍ୟଯୋଗ୍ୟ ଏବଂ ପୂର୍ବରୁ ଯେପରି ଦେଖାଯାଇଛି ବିଚାର ପାଇଁ ଜୁନ, ୨୦୦୬ ପ୍ରାସଙ୍ଗିକ ତାରିଖ ହେବ ଏବଂ ଅନ୍ୟପକ୍ଷରେ ତା ୧୯.୦୭.୨୦୦୬ ରିଖ, ଯେତେବେଳେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏପରିକି ଆର ଓ ସି ଦ୍ୱାରା ପରବର୍ତ୍ତୀ ସ୍ୱୀକୃତିପତ୍ର ଧାରା ୪(୧) ବିଜ୍ଞପ୍ତିର ବହୁପରେ, ତା ୨୧.୦୨.୨୦୦୭ ରିଖ ଏବଂ ତା ୦୩.୦୩.୨୦୧୧ ରିଖରେ ହୋଇଥିଲା । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଇନତଃ ସଠିକ ମତପୋଷଣ କରାଗଲା ଯେ, ଆବେଦନକାରୀ ସାର୍ବଜନୀନ କମ୍ପାନୀରେ ରୂପାନ୍ତରିତ ହୋଇନଥିଲା, ଏମିତିରେ ଏହା ଧାରା ୨୫ ଅଧିନସ୍ଥ କମ୍ପାନୀ ଥିଲା, ଏବଂ ଅତଏବ, ଏକ ସାର୍ବଜନୀନ କମ୍ପାନୀ ନୁହେଁ । ଏହି ପର୍ଯ୍ୟାୟରେ, ଅଧିନିୟମ, ୧୮୯୪ ର ଧାରା ୪୪ଖ କୁ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି, ଯାହାକି ନିମ୍ନମତେ ପଠନୀୟ:-

> "**୪୪ଖ. ସରକାରୀ କମ୍ପାନୀ ଭିନ୍ନ ଅନ୍ୟ ଘରୋଇ କମ୍ପାନୀମାନଙ୍କ ନିମିତ୍ତ କେତେକ ଉଦ୍ଦେଶ୍ୟ ବ୍ୟତିରେକ ଏହି ଭାଗ ଅଧୀନରେ ଭୂମି ଅଧିଗ୍ରହଣ କରାଯିବ ନାହିଁ । -** ଏହି ଅଧିନିୟମରେ ଥିବା କୌଣସି ବିଷୟ ସତ୍ତ୍ୱେ, କୌଣସି ଘରୋଇ କମ୍ପାନୀ ନିମିତ୍ତ, ଯାହା କୌଣସି ସରକାରୀ କମ୍ପାନୀ ନୁହେଁ, ଧାରା ୪୦ର ଉପଧାରା (୧) ର ଖଣ୍ଡ (a) ରେ

ବର୍ଣ୍ଣିତ ଉଦ୍ଦେଶ୍ୟ ବ୍ୟତିରେକ ଏହି ଭାଗ ଅଧୀନରେ କୌଣସି ଭୂମି ଅର୍ଜନ କରାଯିବ ନାହିଁ ।

ବ୍ୟାଖ୍ୟା - କମ୍ପାନୀ ଅଧିନିୟମ, ୧୯୫୬ (୧୯୫୬ ର ୧) ରେ ଯଥାକ୍ରମେ "ଘରୋଇ କମ୍ପାନୀ" ଏବଂ "ସରକାରୀ କମ୍ପାନୀ" ର ଅର୍ଥ ଯେଉଁ ପ୍ରକାରେ ପ୍ରଦାନ କରାଯାଇଛି ତାହା ହିଁ ସେମାନଙ୍କର ଅର୍ଥ ହେବ ।"

୮.୮ ଅଧିନିୟମ,୧୮୯୪ ର ଧାରା ୪୪ଖ ଅନୁଯାୟୀ, ଅଧିନିୟମରେ ଯାହା ଥାଉ ନ କାହିଁକି, ଧାରା ୪୦ ର ଉପଧାରା (୧) ର ଖଣ୍ଡ (କ) ରେ ଉଲ୍ଲେଖ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ କୌଣସି ଘରୋଇ କମ୍ପାନୀ ପାଇଁ, ଯାହା ସରକାରୀ କମ୍ପାନୀ ନୁହେଁ, ଭାଗ-VII ଅଧୀନରେ ଜମି ଅଧିଗ୍ରହଣ କରାଯିବ ନାହିଁ । ବ୍ୟାଖ୍ୟାନୁଯାୟୀ, ଏକ "ଘରୋଇ କମ୍ପାନୀ" ର ଅର୍ଥ କମ୍ପାନୀ ଅଧିନିୟମ, ୧୯୫୬ ରେ ଦିଆଯାଇଥିବା ଅର୍ଥକୁ ବୁଝାଇବ । ଧାରା ୩୯ ସହିତ ପଠିତ ଧାରା ୪୦ (୧) ଅନୁଯାୟୀ, ଉପଯୁକ୍ତ ସରକାରଙ୍କର ଏକ ପୂର୍ବ ସମ୍ମତି ଏବଂ ରାଜିନାମାର କାର୍ଯ୍ୟ ସମ୍ପାଦନ ହେବା ଆବଶ୍ୟକ (ଧାରା ୩୯) ଏବଂ ଧାରା ୫କ, ଉପଧାରା (୨) ଅଧୀନରେ ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ କିମ୍ବା କୌଣସି ତଦନ୍ତ ଦ୍ୱାରା ଉପଯୁକ୍ତ ସରକାର ସନ୍ତୁଷ୍ଟ ନ ହେଲେ ଏହା ଦିଆଯିବ ନାହିଁ, ଯଦି ଅଧିଗ୍ରହଣର ଉଦ୍ଦେଶ୍ୟ କମ୍ପାନୀ ଦ୍ୱାରା ନିୟୋଜିତ ଶ୍ରମିକମାନଙ୍କ ପାଇଁ ବାସଗୃହ ନିର୍ମାଣ କିମ୍ବା ତାହା ସହିତ ସିଧାସଳଖ ସମ୍ପୃକ୍ତ ସୁବିଧା ଯୋଗାଇଦେବା ପାଇଁ ଜମି ହାସଲ କରିବା ହୋଇଥାଏ । ଧାରା ୩୯ ଏବଂ ୪୦ ନିମ୍ନରେ ଦିଆଗଲା:-

"**୩୯. ଉପଯୁକ୍ତ ସରକାରଙ୍କ ପୂର୍ବ ସମ୍ମତି ଏବଂ ରାଜିନାମାର ନିଷ୍ପାଦନ ଆବଶ୍ୟକ । -** ଧାରା ୬ ରୁ ୧୬ (ଉଭୟ ଅନ୍ତର୍ଭୁକ୍ତ) ଏବଂ ଧାରା

୧୮ ରୁ ୩୭ (ଉଭୟ ଅନ୍ତର୍ଭୁକ୍ତ) ର ବ୍ୟବସ୍ଥାମାନ ଏହି ଭାଗ ଅଧୀନରେ କୌଣସି କମ୍ପାନୀ ପାଇଁ ଜମି ଅଧିଗ୍ରହଣ କରିବା ଲାଗି ଲାଗୁ କରାଯିବ ନାହିଁ, ଯେ ପର୍ଯ୍ୟନ୍ତ ଉପଯୁକ୍ତ ସରକାରଙ୍କ ପୂର୍ବ ସମ୍ମତି ନଥାଏ, ଏହାପରେ ଏଠାରେ ଉଲ୍ଲେଖିତ ହୋଇଥିବା ରାଜିନାମା ଯେ ପର୍ଯ୍ୟନ୍ତ ନିଷ୍ପାଦିତ ନ ହୋଇଥାଏ ।

**୪୦. ପୂର୍ବ ଅନୁସନ୍ଧାନ -** (୧) ଧାରା ୫କ, ଉପଧାରା (୨) ଅଧୀନରେ ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ କିମ୍ବା ଏହାପରେ ଏଠାରେ ନିମ୍ନରେ ଦିଆଯାଇଥିବା ବ୍ୟବସ୍ଥାନୁସାରେ ହୋଇଥିବା ଅନୁସନ୍ଧାନରେ ଉପଯୁକ୍ତ ସରକାର ସନ୍ତୁଷ୍ଟ ନ ହେବା ପର୍ଯ୍ୟନ୍ତ ଏହିପରି ସମ୍ମତି ଦିଆଯିବ ନାହିଁ, -

(a) ଅଧିଗ୍ରହଣର ଉଦ୍ଦେଶ୍ୟ କମ୍ପାନୀ ଦ୍ୱାରା ନିୟୋଜିତ ଶ୍ରମିକମାନଙ୍କ ପାଇଁ ବାସଗୃହ ନିର୍ମାଣ କରିବା ପାଇଁ ଭୂମି ଆହରଣ କରିବା ଅବା ଏଥିସହିତ ସିଧାସଳଖ ସଂଯୁକ୍ତ ସୁବିଧା ଯୋଗାଇ ଦେବା, ଅଥବା

(aa) ଏପରି ଅଧିଗ୍ରହଣ କୌଣସି କମ୍ପାନୀର କୌଣସି କୋଠା ନିର୍ମାଣ ବା କାର୍ଯ୍ୟ ପାଇଁ ଆବଶ୍ୟକ ଅଟେ, ଯିଏ କୌଣସି ଶିଳ୍ପୋଦ୍ୟୋଗ ବା ସାର୍ବଜନୀନ କାର୍ଯ୍ୟ ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିଥିବ ବା ନିଜକୁ ନିୟୋଜିତ କରିବା ପାଇଁ ପଦକ୍ଷେପ ନେଉଥିବ, ଅଥବା

(b) ଏପରି ଅଧିଗ୍ରହଣ କୌଣସି କାର୍ଯ୍ୟ ନିର୍ମାଣ ପାଇଁ ଆବଶ୍ୟକ ଅଟେ, ଏବଂ ଏପରି କାର୍ଯ୍ୟ ଜନସାଧାରଣଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି.

(୨) ଉପଯୁକ୍ତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସ୍ଥାନ ଓ ସମୟରେ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଅଧିକାରୀ, ଏଭଳି ତଦନ୍ତ କରିବେ ।

(୩) ଏପରି ଅଧିକାରୀ ସାକ୍ଷୀଙ୍କ ଉପସ୍ଥିତିକୁ ତଲବ କରିପାରିବେ ଓ ବାଧ୍ୟତାମୂଳକ କରିପାରିବେ ଏବଂ ସମ ଉପାୟ ଅବଲମ୍ବନ କରି, ଯେତେଦୂର ସମ୍ଭବ, ଦେୱାନୀ କାର୍ଯ୍ୟବିଧି ସଂହିତା, ୧୯୦୮ (୧୯୦୮ ର ୫) ରେ ଦେୱାନୀ ନ୍ୟାୟାଳୟର ମାମଲାରେ ଯେପରି ଉପବନ୍ଧିତ କରାଯାଇଛି ସେହି ପ୍ରକାରରେ ଦସ୍ତାବିଜ ଉପସ୍ଥାପନ କରିବା ପାଇଁ ବାଧ୍ୟ କରିପାରିବେ ।"

୮.୯ ଯେତେବେଳେ ପ୍ରାସଙ୍ଗିକ ସମୟରେ କମ୍ପାନୀ ଏକ ଘରୋଇ କମ୍ପାନୀ ଥିଲା, ସେତେବେଳେ ଧାରା ୪୪ଖ ଅନ୍ତରାୟର ଦୃଷ୍ଟିରେ, ପ୍ରଶ୍ନଗତ ଜମିକୁ ଅଧିଗ୍ରହଣ କରିବା ପାଇଁ ବା ଅଧିନିୟମ, ୧୮୯୪ ର ଧାରା ୪୦(୧) (a) ସହିତ ପଠିତ ଧାରା ୪୪ଖ ରୁ ବାହାରିଯାଇ ଆବେଦନକାରୀ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇ ପାରିନଥିଲା । ତେଣୁ ଉପରୋକ୍ତ ଆଧାରରେ ଏହି ଅଧିଗ୍ରହଣ ବେଆଇନ ବୋଲି ଉଚ୍ଚ ନ୍ୟାୟାଳୟ ସଠିକ ରାୟ ଦେଇଥିଲେ ।

୮.୧୦ ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ପ୍ରାସଙ୍ଗିକ ସମୟରେ, ଆଲୋଚ୍ୟ ବିଶ୍ୱବିଦ୍ୟାଳୟର ଅସ୍ତିତ୍ୱ ନଥିଲା / ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, ୧୯୫୬ ଅଧୀନରେ କିମ୍ବା ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଅଧୀନରେ କୌଣସି ବିଶ୍ୱବିଦ୍ୟାଳୟ ଅସ୍ତିତ୍ୱ ଲାଭ କରିନାହିଁ । ଆବେଦନକାରୀଙ୍କ ତରଫର ମାମଲା କି ରାଜ୍ୟ ବିଧାନସଭା ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଏକ ବିଲ ପାସ କରିସାରିଛି ,

ଏପରିକି ଆବେଦନକାରୀଙ୍କ ଉତ୍ତର ଅନୁଯାୟୀ ନା ଏଠାରେ ଅଛି ନା ସେଠାରେ ଅଛି, ଏହା ରାଜ୍ୟପାଳଙ୍କ ଅନୁମୋଦନ ଅପେକ୍ଷାରେ ରହିଛି ।

୮.୧୧ ଏପରିକି ଉଚ୍ଚ ନ୍ୟାୟାଳୟ ମଧ୍ଯ ବିବାଦ ସଂଖ୍ୟା ୩ ଉପରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି ଯେ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାଟି, ଅଧିନିୟମ, ୧୮୯୪ ର ଧାରା ୩୯, ୪୦ ଏବଂ ୪୧ ର ବାଧ୍ୟତାମୂଳକ ବ୍ୟବସ୍ଥା ସହିତ ପଠିତ ନିୟମାବଳୀ, ୧୯୬୩ ର ନିୟମ ୩(୨) ଏବଂ (୪) କୁ ପାଳନ ନ କରି ଅଧିନିୟମର ଧାରା ୪(୧) ଅଧୀନରେ ଏକ ବିଜ୍ଞପ୍ତି ଜାରି କରି ହିତାଧିକାରୀ କମ୍ପାନୀ ସପକ୍ଷରେ କରାଯାଇଥିଲା । ନିୟମାବଳୀ, ୧୯୬୩ ର ନିୟମ ୩ ଏବଂ ୪ ନିମ୍ନରେ ଦିଆଗଲା:–

> "**୩. ଭୂମି ଅଧିଗ୍ରହଣ ସମିତି –**
>
> (୧) ଅଧିନିୟମର ଭାଗ-VII ଅଧୀନରେ ଜମି ଅଧିଗ୍ରହଣ ସମ୍ବନ୍ଧରେ ଉପଯୁକ୍ତ ସରକାରଙ୍କୁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଉପଯୁକ୍ତ ସରକାର, ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା, ଭୂମି ଅଧିଗ୍ରହଣ ସମିତି ନାମରେ ଏକ ସମିତି ଗଠନ କରିବେ ।
>
> (୨) କମିଟି ନିମ୍ନମତେ ଗଠିତ ହେବ –
>
> (i) ସରକାରଙ୍କ ରାଜସ୍ୱ, କୃଷି ଓ ଶିଳ୍ପ ବିଭାଗର ସଚିବମାନଙ୍କୁ କିମ୍ବା କଥିତ ପ୍ରତ୍ୟେକ ବିଭାଗର ଏହିପରି ଅନ୍ୟ ଅଧିକାରୀମାନଙ୍କୁ ନେଇ ଗଠନ କରାଯିବ ଯାହାଙ୍କୁ ଉପଯୁକ୍ତ ସରକାର ନିଯୁକ୍ତି ଦେବେ; ଏବଂ
>
> (ii) ଉପଯୁକ୍ତ ସରକାର ଆଦେଶ ଦ୍ୱାରା କାର୍ଯ୍ୟକାଳ ବିନିର୍ଦ୍ଦିଷ୍ଟ କରି ଏହିପରି ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତ କରିପାରିବେ, ଏବଂ

(iii) କମ୍ପାନୀ ଯେଉଁ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାର ପ୍ରସ୍ତାବ ରଖିଛି ତା'କୁ ହାତକୁ ନେଇ କାର୍ଯ୍ୟ କରୁଥିବା ବିଭାଗର ସଚିବ କିମ୍ବା ତାଙ୍କ ଦ୍ୱାରା ମନୋନୀତ କୌଣସି ଅଧିକାରୀ ।

(୩) ଉପଯୁକ୍ତ ସରକାର ସମିତିର ଜଣେ ସଦସ୍ୟଙ୍କୁ ଏହାର ଅଧ୍ୟକ୍ଷ ରୂପେ ନିଯୁକ୍ତ କରିବେ ।

(୪) ସମିତି ନିଜର କାର୍ଯ୍ୟପଦ୍ଧତିକୁ ନିୟନ୍ତ୍ରଣ କରିବ ।

(୫) ସମିତିର ଏହା କର୍ତ୍ତବ୍ୟ ହେବ ଯେ ସେ ଅଧିନିୟମର ଭାଗ-୭ ଅଧୀନରେ ଜମି ଅଧିଗ୍ରହଣ ସହ ଜଡ଼ିତ ସମସ୍ତ ବିଷୟ ଉପରେ ବା ଏଥିରୁ ଉତ୍ପନ୍ନ ସମସ୍ତ ବିଷୟ ଉପରେ ମତ ଲୋଡାଗଲେ ଉପଯୁକ୍ତ ସରକାରଙ୍କୁ ପରାମର୍ଶ ଦେବ ଏବଂ ମତ ଲୋଡାଯିବା ତାରିଖରୁ ଏକ ମାସ ମଧ୍ୟରେ ନିଜର ପରାମର୍ଶ ଦେବ:

ପରନ୍ତୁ ଉପଯୁକ୍ତ ସରକାର ସମିତି ଦ୍ୱାରା ଏ ସଂକ୍ରାନ୍ତରେ କରାଯାଇଥିବା ଅନୁରୋଧ ଉପରେ ଏବଂ ପର୍ଯ୍ୟାପ୍ତ କାରଣ ପାଇଁ ଉକ୍ତ ଅବଧିକୁ ଆହୁରି ବୃଦ୍ଧି କରିପାରିବେ କିନ୍ତୁ ଦୁଇ ମାସରୁ ଅଧିକ ନୁହେଁ ।

**୪. ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ କେତେକ ବିଷୟ ଉପରେ ଉପଯୁକ୍ତ ସରକାର ସନ୍ତୁଷ୍ଟ ହେବେ -** (୧) ଯେତେବେଳେ ଏକ କମ୍ପାନୀ କୌଣସି ଜମି ଅଧିଗ୍ରହଣ ପାଇଁ ଉପଯୁକ୍ତ ସରକାରଙ୍କ ନିକଟରେ ଆବେଦନ କରିଥାଏ, ସେତେବେଳେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଏକ ରିପୋର୍ଟ ଦାଖଲ କରିବା ପାଇଁ ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବେ, ଯଥା:-

(i) କମ୍ପାନୀ ଅଧିଗ୍ରହଣର ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ସ୍ଥାନରେ ଜମି ଖୋଜିବା ପାଇଁ ନିଜର ସର୍ବଶ୍ରେଷ୍ଠ ପ୍ରୟାସ କରିଛି;

(ii) କମ୍ପାନୀ ଉଚିତ ମୂଲ୍ୟ ପ୍ରଦାନ କରି ହିତାଧିକାରୀଙ୍କ ସହିତ ଆଲୋଚନା କରି ଏପରି ଜମି ପାଇବା ପାଇଁ ସମସ୍ତ ଯୁକ୍ତିଯୁକ୍ତ ପ୍ରୟାସ କରିଛି ଏବଂ ଏପରି ପ୍ରୟାସ ବିଫଳ ହୋଇଛି;

(iii) ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଏହି ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ଅଟେ;

(iv) ଯେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଅତ୍ୟଧିକ ନୁହେଁ;

(v) କମ୍ପାନୀ ଜମିକୁ ଯଥାଶୀଘ୍ର ବ୍ୟବହାର କରିବା ସ୍ଥିତିରେ ଥିବ; ଏବଂ

(vi) ଯେଉଁଠାରେ ଅଧିଗୃହୀତ ହେବାକୁ ଥିବା ଜମି ଉତ୍ତମ କୃଷି ଜମି ଅଟେ, ସେହି ଜମିର ଅଧିଗ୍ରହଣ ଏଡ଼ାଇବା ପାଇଁ ଅନ୍ୟ କୌଣସି ବିକଳ୍ପ ଉପଯୁକ୍ତ ସ୍ଥାନ ଖୋଜାଖୋଜି କଲାପରେ ମିଳୁନଥିବ ।

(୨) ଜିଲ୍ଲାପାଳ କମ୍ପାନୀକୁ ଏଥି ନିମନ୍ତେ, କୌଣସି ପ୍ରତିନିଧିତ୍ୱ କରିବା ପାଇଁ ଯଥାଯଥ ସୁଯୋଗ ପ୍ରଦାନ କରିବା ପରେ ଉପନିୟମ (୧) ରେ ଉଲ୍ଲେଖିତ ବିଷୟଗୁଡ଼ିକର ତଦନ୍ତ କରିବେ ଏବଂ ଏପରି ତଦନ୍ତ କରିବା ସମୟରେ ସେ –

(i) ଯେ କୌଣସି ସ୍ଥିତିରେ ଯେଉଁ କ୍ଷେତ୍ରରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଯଦି କୃଷି ଜମି ହୋଇଥାଏ, ସେହି କ୍ଷେତ୍ରରେ ସେହି ଜିଲ୍ଲାର ବରିଷ୍ଠ କୃଷି ଅଧିକାରୀଙ୍କ ସହ ପରାମର୍ଶ କରିବେ ଯେ ସେହି ଜମି ଉତ୍ତମ କୃଷି ଜମି ଅଟେ କି ନାହିଁ;

(ii) ଅଧିନିୟମର ଧାରା ୨୩ ଏବଂ ୨୪ ର ଉପବନ୍ଧଗୁଡ଼ିକୁ ଧ୍ୟାନରେ ରଖି ଜିଲ୍ଲାପାଳଙ୍କ ମତାନୁଯାୟୀ କମ୍ପାନୀ ପାଇଁ ଅଧିଗ୍ରହଣ କରାଯିବାକୁ ଥିବା ଜମି ବାବଦରେ ଦେୟ ହେବାର ଆନୁମାନିକ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରିବେ; ଏବଂ

(iii) ଅଧିଗ୍ରହଣ କରାଯିବାକୁ ଥିବା ପ୍ରସ୍ତାବିତ ଜମିରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ କମ୍ପାନୀ ଯଥାଯଥ ମୂଲ୍ୟ (ଯାହା ଧାର୍ଯ୍ୟ କ୍ଷତିପୂରଣ ରାଶିଠାରୁ କମ୍ ନଥିବ), ପ୍ରଦାନ କରିଛି କି ନାହିଁ ସୁନିଶ୍ଚିତ କରିବେ ।

ବ୍ୟାଖ୍ୟା - ଏହି ନିୟମର ଉଦ୍ଦେଶ୍ୟ ପାଇଁ "ଉତ୍ତମ କୃଷି ଜମି" ର ଅର୍ଥ ଏହା ଯେ କୌଣସି ଜମି, ଯେଉଁ ଅଞ୍ଚଳରେ ଏହା ଅବସ୍ଥିତ ତାହାର କୃଷି ଉତ୍ପାଦନ ସ୍ତର ଏବଂ ଫସଲ ଢାଞ୍ଚା ଦୃଷ୍ଟିରୁ, ହାରାହାରି କିମ୍ବା ଅଧିକ ଉତ୍ପାଦନ କରିବାର ସାମର୍ଥ୍ୟ ରଖୁଛି ଏବଂ ବଗିଚା କିମ୍ବା ତୋଟା ଜମି ସାମିଲ କରୁଛି ।

(୩) ଯଥାଶୀଘ୍ର, ଉପନିୟମ (୨) ଅଧୀନରେ ତଦନ୍ତ କରାଯିବା ପରେ ଜିଲ୍ଲାପାଳ ଉପଯୁକ୍ତ ସରକାରଙ୍କ ନିକଟରେ ଏକ ବିବରଣ ଦାଖଲ କରିବେ ଏବଂ ସେହି ସରକାର ଏହାର ଏକ ନକଲ ସମିତିକୁ ପଠାଇବେ ।

(୪) ଉପଯୁକ୍ତ ସରକାର ଅଧିନିୟମ ୬ ଅଧୀନରେ କୌଣସି ଘୋଷଣା କରିବେ ନାହିଁ ଯଦି –

(i) ଉପଯୁକ୍ତ ସରକାର ସମିତି ସହ ପରାମର୍ଶ କରିନାହାନ୍ତି ଏବଂ ଏହି ନିୟମ ଅଧୀନରେ ଦାଖଲ କରାଯାଇଥିବା ବିବୃତି ଏବଂ ଅଧିନିୟମର ଧାରା ୫କ ଅଧୀନରେ ଦାଖଲ

କରାଯାଇଥିବା ବିବୃତି, ଯଦି କିଛି ଥାଏ, ଉପରେ ବିଚାର କରିନଥିବେ; ଏବଂ

(ii) ଅଧିନିୟମର ଧାରା ୪୧ ଅଧିନସ୍ଥ ରାଜିନାମା କମ୍ପାନୀ ଦ୍ୱାରା ନିଷ୍ପାଦିତ ନ ହୋଇଛି ।"

୮.୧୨ ପ୍ରାସଙ୍ଗିକ ସମୟରେ, ଧାରା ୪୧ ରାଜିନାମା ଆଦୌ ନ ଥିଲା । ଏପରିକି ନିୟମାବଳୀ, ୧୯୬୩ ର ନିୟମ ୩ ସହିତ ପଠିତ ନିୟମ ୪ ଅନୁଯାୟୀ ରାଜ୍ୟ ସରକାର କୌଣସି ତଦନ୍ତ କରିନଥିଲେ । ୧୯୬୩ ର ନିୟମ ୩ ଅଧୀନରେ ଗଠିତ ହେବାକୁ ଥିବା ଭୂମି ଅଧିଗ୍ରହଣ ସମିତିର ପରାମର୍ଶ ବିନା ରାଜ୍ୟ ସରକାର ଧାରା ୬ ଅଧୀନରେ ଘୋଷଣା ଜାରି କରିପାରିନଥାନ୍ତେ । ସମ୍ପୂର୍ଣ୍ଣ ଅଧିଗ୍ରହଣର ସମନ୍ୱୟ ରଖିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ପ୍ରମୁଖ ସମିତି, ନିୟମ ୩ ଅଧୀନରେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ସମିତିର ଗଠନ ହୋଇଛି ବୋଲି କୁହା ଯାଇପାରିବ ନାହିଁ । ନିୟମ ୩ ଅଧିନରେ ଭୂମି ଅଧିଗ୍ରହଣ ସମିତି ଗଠନ କରିବାର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଏହି କି ଯେ ଏହାର ମତ ଲୋଡାଗଲେ, ଅଧିନିୟମ, ୧୮୯୪ ର ଭାଗ-VII ଅଧୀନରେ ଭୂମି ଅଧିଗ୍ରହଣ ସଂକ୍ରାନ୍ତରେ ବା ଭୂମି ଅଧିଗ୍ରହଣରୁ ଉତ୍ପନ୍ନ ସମସ୍ତ ବିଷୟ ଉପରେ ସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଏବଂ ନିଜର ମତାମତ ଜଣେଇବା । ତେଣୁ ଏହି କାରଣରୁ ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଭ୍ରଷ୍ଟ ହୋଇଛି ।

୮.୧୩ ନିୟମାବଳୀ, ୧୯୬୩ ର ନିୟମ ୪ ଅଧୀନରେ ବାଧ୍ୟତାମୂଳକ ଆବଶ୍ୟକତାର ଅନୁପାଳନ କରାଯାଇନାହିଁ । କମ୍ପାନୀ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା

ପୂର୍ବରୁ ସରକାର ଜିଲ୍ଲାପାଳଙ୍କୁ ନିୟମ ୪ ରେ ଉଲ୍ଲେଖ କରାଯାଇଥିବା ନିମ୍ନ ବିଷୟଗୁଡିକ ଉପରେ ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବେ:-

"(i) ଅଧିଗ୍ରହଣ ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ସ୍ଥାନରେ ଜମି ଖୋଜିବା ପାଇଁ କମ୍ପାନୀ ନିଜର ସର୍ବଶ୍ରେଷ୍ଠ ପ୍ରୟାସ କରିଛି;

(ii) କମ୍ପାନୀ ଉଚିତ ମୂଲ୍ୟରେ ଆଗ୍ରହୀ ହିତାଧିକାରୀମାନଙ୍କ ସହିତ ଆଲୋଚନା କରି ଏପରି ଜମି ପାଇବା ପାଇଁ ଯଥାସମ୍ଭବ ସବୁପ୍ରକାର ପ୍ରଚେଷ୍ଟା କରିଛି ଏବଂ ଏପରି ପ୍ରୟାସ ବିଫଳ ହୋଇଛି;

(iii) ଅଧିଗୃହୀତ ହେବାକୁ ଥିବା ଜମି ଏହି ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ଅଟେ;

(iv) ଅଧିଗୃହୀତ ହେବାକୁ ଥିବା ଜମିର କ୍ଷେତ୍ର ଅତ୍ୟଧିକ ନୁହେଁ;

(v) ଯେ କମ୍ପାନୀ ଏହି ଭୂମିକୁ ଶୀଘ୍ର ଉପଯୋଗ କରିବାର ସ୍ଥିତିରେ ରହିଛି; ଏବଂ

(vi) ଯେଉଁଠାରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଉତ୍ତମ କୃଷି ଜମି ଅଟେ, ସେହି ଜମିର ଅଧିଗ୍ରହଣ ଏଡ଼ାଇବା ପାଇଁ କୌଣସି ବିକଳ୍ପ ଉପଯୁକ୍ତ ସ୍ଥାନ ବାହାର କରାଯାଇପାରିବ ନାହିଁ ।"

୮.୧୪ କୌଣସି ପରିସ୍ଥିତିରେ ନିୟମ ୪ (୨)(i) ଅନୁଯାୟୀ ଅଧିଗ୍ରହଣ କରିବା ପାଇଁ ଥିବା ପ୍ରସ୍ତାବିତ ଜମି କୃଷି ଜମି ହେଲେ, ଜିଲ୍ଲାପାଳଙ୍କୁ ଜିଲ୍ଲାର ବରିଷ୍ଠ କୃଷି ଅଧିକାରୀଙ୍କ ସହ ପରାମର୍ଶ କରିବା ଆବଶ୍ୟକ ଯେ ସେହି ଜମି ଉତ୍ତମ କୃଷି ଜମି ଅଟେ କି ନାହିଁ । ଅଧିନିୟମର ଧାରା ୨୩ ଏବଂ ୨୪ ର ଉପବନ୍ଧଗୁଡ଼ିକୁ ଧ୍ୟାନରେ ରଖି, କମ୍ପାନୀ ପାଇଁ,

ଜିଲ୍ଲାପାଳଙ୍କ ମତାନୁଯାୟୀ ଅଧିଗ୍ରହଣ କରାଯିବାକୁ ଥିବା ଜମି ବାବଦରେ ଦେୟ ହେବାକୁ ଥିବା ଆନୁମାନିକ କ୍ଷତିପୂରଣ ରାଶି ଜିଲ୍ଲାପାଳଙ୍କୁ ଧାର୍ଯ୍ୟ କରିବା ଓ ସନ୍ତୁଷ୍ଟ ହେବା ଆବଶ୍ୟକ ।

୮.୧୫ ରେକର୍ଡରେ ଥିବା ତଥ୍ୟରୁ, ଉଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତଗୁଡିକ ପ୍ରଦାନ କରିଛନ୍ତି ଯେ ନିୟମାବଳୀ, ୧୯୬୩ ର ନିୟମ ୩ ଏବଂ ୪ ଅଧିନସ୍ଥ ବାଧ୍ୟତାମୂଳକ ବ୍ୟବସ୍ଥାର ଅନୁପାଳନ କରାଯାଇନଥିଲା ଏବଂ ସେଥିପାଇଁ ହିତାଧିକାରୀ କମ୍ପାନୀ ପାଇଁ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାଟି ଭ୍ରଷ୍ଟ ହୋଇଯାଇଛି ଏବଂ କିଛି ନିୟନ୍ତ୍ରଣ ତଥା ସନ୍ତୁଳନର ସନ୍ତୁଷ୍ଟି ଏବଂ କେତେକ ବାଧ୍ୟତାମୂଳକ ପ୍ରକ୍ରିୟା ଓ ଆବଶ୍ୟକତାର ସନ୍ତୁଷ୍ଟି କରିବାକୁ ଅଛି, ବିଶେଷ କରି, ଯେତେବେଳେ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କରାଯିବ, ସେତେବେଳେ ଏହାକୁ ପାଳନ କରିବାକୁ ପଡ଼ିବ ଏବଂ ପ୍ରାସଙ୍ଗିକ ଦିଗ ପ୍ରତି ଧ୍ୟାନ ନ ଦେବା ଦ୍ୱାରା, ଯାହା ନିୟମ ୪ ଅଧୀନରେ ବାଧ୍ୟତାମୂଳକ ଭାବେ ବିବେଚନା କରିବା ଆବଶ୍ୟକ, ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟା ଭ୍ରଷ୍ଟ ହେବ କାରଣ ପ୍ରାସଙ୍ଗିକ ଦିଗ, ବିଶେଷ କରି, ନିୟମ ୪ ରେ ଉଲ୍ଲେଖ କରାଯାଇଥିବା ଦିଗଗୁଡିକ ପ୍ରତି ଧ୍ୟାନ ନ ଦେବା ଦ୍ୱାରା ରାଜ୍ୟ ସରକାରଙ୍କ ବିଷୟଗତ ସନ୍ତୁଷ୍ଟି ନଷ୍ଟ ହୋଇଛି ।

୮.୧୬ ଏପରିକି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଲିପିବଦ୍ଧ କରାଯାଇଛି ଯେ ହିତାଧିକାରୀ କମ୍ପାନୀ ଅଧିନିୟମର ଧାରା ୪୧ ଅଧୀନରେ ଆବଶ୍ୟକ ଏମ ଓ ୟୁ କାର୍ଯ୍ୟକାରୀ କରିନାହିଁ ଯାହା ରାଜ୍ୟ ସରକାର ମଧ୍ୟ ଧାରା ୪୧ ର ଉପଧାରା (୧), (୨)

ଏବଂ (୩) ରେ ଦିଆଯାଇଥିବା ବ୍ୟବସ୍ଥାନୁସାରେ ଗ୍ରହଣ କରିଛନ୍ତି । ଏହି ଆଦେଶ ଜାରି କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୫୩ ରେ ନିମ୍ନୋକ୍ତ ମତ ରଖିଛନ୍ତି:-

> "**୫୩.** ପୁନଶ୍ଚ ରାଜ୍ୟ ସରକାରଙ୍କର ମୌଳିକ ଅଭିଲିପିରୁ ଯେପରି ପରିଲକ୍ଷିତ ଯେ, ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବା ଏବଂ ବେଦାନ୍ତ ଫାଉଣ୍ଡେସନ ଏବଂ ହିତାଧିକାରୀ କମ୍ପାନୀଙ୍କଠାରୁ ରାଜିନାମାଗୁଡିକୁ ହାସଲ କରିବା ମଧ୍ୟ ଆଇନାନୁମୋଦିତ ନୁହେଁ କାରଣ ଆମ୍ଭେ ପ୍ରଥମ ପ୍ରସଙ୍ଗର ଉତ୍ତରରେ କହିସାରିଛୁ ଯେ ହିତାଧିକାରୀ କମ୍ପାନୀ ଏକ ସାର୍ବଜନୀନ କମ୍ପାନୀ ନୁହେଁ; ଏହା ପ୍ରତ୍ୟାଭୂତି ଦ୍ୱାରା ସୀମିତ ଏକ ଘରୋଇ କମ୍ପାନୀ ଅଟେ । ପୁନଶ୍ଚ ଏହାର ଘରୋଇ କମ୍ପାନୀରେ ଅତିରିକ୍ତ ଜମି ଅଧିଗ୍ରହଣ ଗ୍ୟାରେଣ୍ଟି ଦ୍ୱାରା ସୀମିତ ଅଟେ । ପୁନଶ୍ଚ କେବଳ କମ୍ପାନୀ ଦ୍ୱାରା ନିଯୁକ୍ତ ଶ୍ରମିକମାନଙ୍କ ପାଇଁ ବାସଗୃହ ନିର୍ମାଣ ଉଦ୍ଦେଶ୍ୟରେ କିମ୍ବା ସିଧାସଳଖ ଭାବେ ତତ୍ ସଂଲଗ୍ନ ସୁବିଧାଲାଭ ନିମନ୍ତେ ଜମି ଅଧିଗ୍ରହଣକୁ ଅନୁମତି ଦିଆଯାଇହେବ ।
>
> ରାଜ୍ୟ ସରକାରଙ୍କ ସପକ୍ଷରେ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗୃହୀତ ଜମି ଉପରେ ତା ୧୯.୦୭.୨୦୦୬ ରିଖର ଏମଓୟୁ, ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ କରାଯାଇଥିଲା । ଉକ୍ତ ଏମଓୟୁ ଆଧାରରେ ୧୩.୧୨.୨୦୦୬ ଠାରୁ ୨୨.୧୨.୨୦୦୬ ପର୍ଯ୍ୟନ୍ତ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେଣୁ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୪ ରୁ ୧୬ (ଉଭୟ ଅନ୍ତର୍ଭୁକ୍ତ) ଏବଂ ଧାରା ୧୮ ରୁ ୩୭ ର ବ୍ୟବସ୍ଥା ଲାଗୁ କରିବା ପାଇଁ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୩୯ ରେ ଦିଆଯାଇଥିବା ପୂର୍ବ ସମ୍ମତି ଆଧାରରେ ରାଜ୍ୟ ସରକାରଙ୍କ ସପକ୍ଷରେ ଧାରା ୪(୧) ବିଜ୍ଞପ୍ତି ପ୍ରକାଶ କରିବା ଲାଗି ହିତାଧିକାରୀ କମ୍ପାନୀ ଦ୍ୱାରା ଉକ୍ତ ରାଜିନାମା ନିଷ୍ପାଦିତ ହୋଇନଥିଲା । ତେଣୁ ରାଜ୍ୟ ସରକାରଙ୍କ ନିକଟରେ ବିଧିବଦ୍ଧ କ୍ଷମତା ପ୍ରୟୋଗ କରିବାକୁ ଏବଂ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ପୂର୍ବ ସମ୍ମତି ପ୍ରଦାନ କରିବା ପାଇଁ କୌଣସି ବୈଧ ଚୁକ୍ତିନାମା ନାହିଁ । ଏହି କାରଣରୁ ବେଦାନ୍ତ କମ୍ପାନୀ ଦ୍ୱାରା ସମ୍ପାଦିତ

ବୁଝାମଣାପତ୍ର ଆଧାରରେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶ କରିବା ହିତାଧିକାରୀ କମ୍ପାନୀର ଲାଭ ସୁନିଶ୍ଚିତ କରୁନାହିଁ । ତେଣୁ ଉକ୍ତ ରାଜିନାମା ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୪୧ ର ସହିତ ପଠିତ ଧାରା ୩୯ ର ଆବଶ୍ୟକତା ଅନୁଯାୟୀ ବୈଧ ନୁହେଁ ଏବଂ ସେହି କାରଣରୁ, ହିତାଧିକାରୀ କମ୍ପାନୀ ସପକ୍ଷରେ ଧାରା ୪(୧) ବିଜ୍ଞପ୍ତି ପ୍ରକାଶ କରି ଜମି ଅଧିଗ୍ରହଣ ଆଇନକୁ ଭ୍ରଷ୍ଟ କରାଯାଇଛି କାରଣ ହିତାଧିକାରୀ କମ୍ପାନୀ ସପକ୍ଷରେ ଭୂମି ଅଧିଗ୍ରହଣ ନିମିତ୍ତ ଧାରା ୪ ରୁ ୧୬ (ଉଭୟ ଅନ୍ତର୍ଭୁକ୍ତ) ଏବଂ ଧାରା ୧୮ରୁ ୩୭ ର ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାରଙ୍କର ପୂର୍ବାନୁମତି ନଥିଲା ଏବଂ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୪୧ ସର୍ତ୍ତାବଳୀ ଅନୁସାରେ କମ୍ପାନୀ ରାଜିନାମାକୁ ସମ୍ପାଦନ ନ କଲା ପର୍ଯ୍ୟନ୍ତ ଏହିପରି ଅନୁମତି ଦିଆଯାଇପାରିବ ନାହିଁ । ତେଣୁ ଏହି ରାଜିନାମା କେବଳ ଧାରା ୪୧ ର ଉପଧାରା (୧) ରୁ (୪) ଏବଂ (୪କ) ସହିତ ଅନୁରୂପ ନୁହେଁ, ବରଂ ଏହା ଆଇନସମ୍ମତ ନୁହେଁ କି ବୈଧ ମଧ୍ୟ ନୁହେଁ କାରଣ ଉକ୍ତ ରାଜିନାମା ଯଥେଷ୍ଟ ପୂର୍ବରୁ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା ଏବଂ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯାହା ଆଇନରେ ଅନୁମୋଦିତ ନୁହେଁ । ତେଣୁ ଏହା ଅଧିନିୟମର ଧାରା ୩୯ ର ଉଲ୍ଲଙ୍ଘନ କରୁଛି ।"

୮.୧୭ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକି ବିବେଚନା କରାଯିବା ଆବଶ୍ୟକ ତାହା ହେଲା ରାଜ୍ୟ ସରକାରଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଦିଗ ଏବଂ ପ୍ରଶ୍ନଗତ ଅଧିଗ୍ରହଣ କରାଯାଇଥିବା ଜମି ଦେଇ ଦୁଇଟି ନଦୀ ପ୍ରବାହିତ ହେବା ଦିଗ ଉପରେ ଧ୍ୟାନ ନ ଦେବା । ଏଥିରେ ବିବାଦ ନାହିଁ ଯେ ବିବାଦୀୟ ଜମି ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗୃହୀତ 'ନୂଆନଈ' ଏବଂ 'ନାଳ' ନାମକ ଦୁଇଟି ନଦୀ ପ୍ରବାହିତ ହେଉଛି । ନଦୀ ଇତ୍ୟାଦିଗୁଡ଼ିକର ରକ୍ଷଣାବେକ୍ଷଣ କିପରି ଭାବେ ହିତାଧିକାରୀ କମ୍ପାନୀକୁ ଦିଆଯିବ । ଯଦି

ହିତାଧିକାରୀ କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ ଜାରି ରହେ, ତେବେ ନଦୀଗୁଡ଼ିକର ନିୟନ୍ତ୍ରଣ ଉକ୍ତ ଘରୋଇ କମ୍ପାନୀ ପାଖରେ ରହିବ, ଯାହା ସାର୍ବଜନୀନ ବିଶ୍ୱାସର ମତବାଦକୁ ଉଲ୍ଲଂଘନ କରିବ । ଏପରିକି ହିତାଧିକାରୀ କମ୍ପାନୀକୁ ଉପରୋକ୍ତ ଦୁଇଟି ନଦୀର ପ୍ରବାହକୁ ବଜାୟ ରଖିବାକୁ ପଡିବ, ଯାହା ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କୁ ବହୁମାତ୍ରାରେ ପ୍ରଭାବିତ କରିପାରେ ।

୮.୧୮ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ, ରାସ୍ତା ନିକଟରେ ଏକ ବନ୍ୟଜନ୍ତୁ ଅଭୟାରଣ୍ୟ ରହିଛି, ଯାହା ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଏବଂ ଅଧିଗ୍ରହଣ କରାଯାଇଥିବା ଜମିର ରାସ୍ତା ନିକଟକୁ ଲାଗି ରହିଛି । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ମତ ଅନୁଯାୟୀ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ବ୍ୟାପକ ନିର୍ମାଣ ଦ୍ୱାରା ସେହି ଅଞ୍ଚଳର ବନ୍ୟପ୍ରାଣୀ ଅଭୟାରଣ୍ୟ, ସମ୍ପୂର୍ଣ୍ଣ ପର୍ଯ୍ୟାବରଣ ଏବଂ ସ୍ଥାନୀୟ ପାରିପାର୍ଶ୍ୱିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ବନ୍ୟପ୍ରାଣୀ ଅଭୟାରଣ୍ୟକୁ ସୁରକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ ଏବଂ ଏହା ସମଗ୍ର ପର୍ଯ୍ୟାବରଣ ଓ ପାରିପାର୍ଶ୍ୱିକ ପରିବେଶ ଉପରେ ପ୍ରଭାବ ପକାଇପାରେ । ଏଠାରେ ଏହା ମଧ୍ୟ ଉଲ୍ଲେଖ କରିବା ଆବଶ୍ୟକ ଯେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟଠାରୁ ସମୁଦ୍ରର ଦୂରତା ପାଖାପାଖି ୨୦୦୦ ମିଟର ଅଟେ । କେବଳ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ରାଜପଥ - ପୁରୀ-କୋଣାର୍କ ସମୁଦ୍ର ପାର୍ଶ୍ୱବର୍ତ୍ତୀ ପଥ ଦ୍ୱାରା ପ୍ରସ୍ତାବିତ ସ୍ଥାନରୁ ଅଲଗା ହୋଇଥିବା କାରଣରୁ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପାଇଁ ଏହା ବିଶାଳ ଜମି ଅଧିଗ୍ରହଣ କରିବାର ଆଧାର ହୋଇପାରିବ ନାହିଁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଠିକ୍ ମତ ଦିଆଯାଇଛି ଯେ, ଏହା ସେହି ଅଞ୍ଚଳର ବନ୍ୟପ୍ରାଣୀ

ଅଭୟାରଣ୍ୟ ଏବଂ ସମଗ୍ର ପର୍ଯ୍ୟାବରଣ ଓ ପାରିପାର୍ଶ୍ୱିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଅଧିନିୟମ, ୧୮୯୪ ର ୫କ ଅଧିନସ୍ଥ ପ୍ରସ୍ତାବ ଏବଂ / କିମ୍ବା ଆପତ୍ତି ଉପରେ ବିଚାର କରିବା ସମୟରେ ମଧ୍ଯ ରାଜ୍ୟ ସରକାର ଏବଂ / ଅଥବା ଜିଲ୍ଲାପାଳ ଏବଂ / ଅଥବା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ଉପରୋକ୍ତ ଦିଗ ପ୍ରତି ଆଦୌ ଧ୍ୟାନ ଦିଆଯାଇ ନାହିଁ ।

୮.୧୯ ଏପରିକି ମଧ୍ଯ, ହିତାଧିକାରୀ କମ୍ପାନୀ ଦ୍ୱାରା ଜମିର ଆବଶ୍ୟକତା ଉପରେ ରାଜ୍ୟ ସରକାରଙ୍କ ତରଫରୁ ବୁଦ୍ଧି ପ୍ରୟୋଗ ନାହିଁ । ଏଠାରେ ସୂଚନାଯୋଗ୍ୟ ଯେ ଏହି ଜମିଗୁଡିକର ଅଧିଗ୍ରହଣ କରାଯିବାର ପ୍ରସ୍ତାବ ଗୋଟିଏ ଫାଉଣ୍ଡେସନ / କମ୍ପାନୀର ଆଗ୍ରହ ଦ୍ୱାରା ଦିଆଯାଇଥିଲା ଏବଂ ରାଜ୍ୟ ସରକାର ଜମିମାଲିକମାନଙ୍କ କୃଷିଜମିଗୁଡିକର କାରବାର କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ସରକାର ଏକ ସାର୍ବଜନୀନ ବିଶ୍ୱାସର ପାତ୍ର ଏବଂ ଘରୋଇ ଜମିମାଲିକମାନଙ୍କ, ବିଶେଷ କରି, କୃଷି ଜମିମାଲିକମାନଙ୍କ ସହ ତାଙ୍କୁ ଆଇନ ଅନୁଯାୟୀ କାରବାର କରିବାକୁ ଅଛି । ରାଜ୍ୟ ସରକାର କେବଳ ଜଣେ ହିତାଧିକାରୀ / ଟ୍ରଷ୍ଟର ପ୍ରସ୍ତାବ ଉପରେ ବିଚାର କରିପାରିବାର ନଥିଲା । ହେଇପାରେ, ଅନ୍ୟ କୌଣସି ସାର୍ବଜନୀନ ଟ୍ରଷ୍ଟ / କମ୍ପାନୀ ଥିବେ, ଯେଉଁମାନେ ଏଭଳି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ଆଗ୍ରହୀ ହୋଇଥିବେ । ଏପରିକି ହିତାଧିକାରୀ କମ୍ପାନୀର ପ୍ରସ୍ତାବକୁ ବିଚାର କରିବା ସମୟରେ ସରକାର / ଜିଲ୍ଲାପାଳଙ୍କ ଦ୍ୱାରା କୌଣସି ଉପଯୁକ୍ତ ତଦନ୍ତ ଆରମ୍ଭ କରାଯାଇନାହିଁ । ଏଠାରେ ସୂଚନାଯୋଗ୍ୟ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପାଇଁ ୧୫ ହଜାର ଏକର କୃଷିଜମି

ଅଧିଗ୍ରହଣ କରାଯିବାକୁ ଇଚ୍ଛା କରାଯାଇଥିଲା । ଶେଷରେ ଘରୋଇ ଜମିମାଲିକ / କୃଷି ଜମିମାଲିକଙ୍କ ପାଖାପାଖି ୮୦୦୦ ଏକର ଜମି ଅଧିଗ୍ରହଣ କରାଗଲା । ରାଜ୍ୟ ସରକାର ମଧ୍ଯ ଗୋଚର ଜମି ସମେତ ନିଜର ପାଖାପାଖି ୪୯୫ ଏକର ଜମିର ଦଖଲାଧିକାର ହସ୍ତାନ୍ତର କରିଛନ୍ତି, ଯାହାକି ଅନ୍ୟ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଏବଂ ଏପରିକି ଗୋଚର ଜମି ପାଇଁ ମଧ୍ଯ ବ୍ୟବହାର କରାଯାଇପାରିବ ।

୮.୨୦ ରେକର୍ଡରେ ଥିବା ତଥ୍ୟରୁ ଜଣାପଡୁଛି ଯେ ଅନୁଚିତ ଉପଲବ୍ଧିଗୁଡିକର ପ୍ରସ୍ତାବ ପ୍ରଦାନ କରାଯାଇଥିଲା / ପ୍ରକୃତରେ ହିତାଧିକାରୀ କମ୍ପାନୀଙ୍କୁ ଅର୍ପଣ କରଯାଇଥିଲା ଏବଂ ଅନୁଚିତ ଦାନ କରାଯାଇଥିଲା ଯେପରି –

i) ପ୍ରଶାସନ, ନାମଲେଖା, ଦେୟ ଢାଞ୍ଚା, ପାଠ୍ୟକ୍ରମ ଏବଂ ଅଧ୍ଯାପକ ଚୟନ ସମ୍ବନ୍ଧରେ ବେଦାନ୍ତ ବିଶ୍ଵବିଦ୍ୟାଳୟ ଏବଂ ଏହାର କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସ୍ୱାୟତ୍ତତା;

ii) ରାଜ୍ୟ ସରକାରଙ୍କ ଯେ କୌଣସି ସଂରକ୍ଷଣ ଆଇନରୁ ପ୍ରସ୍ତାବିତ ବିଶ୍ଵବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ରଖିବା;

iii) ୟୁ ଜି ସି, ଏ ଆଇ ସି ଟି ଇ ଆଦି ଠାରୁ ନିୟାମକ ଅନୁମୋଦନ ପାଇବା ପାଇଁ ସମସ୍ତ ପ୍ରକାର ସହାୟତା;

iv) ଭୁବନେଶ୍ଵର ସହରରୁ ପ୍ରସ୍ତାବିତ ସ୍ଥାନ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ସଡ଼କ ଯୋଗାଇ ଦେବାକୁ ସରକାର ସମ୍ମତ ହେଲେ;

v) ଏହି ରାଜିନାମାରେ ସରକାର ବେଦାନ୍ତ ସହିତ ପରାମର୍ଶ ପରେ ବିଶ୍ଵବିଦ୍ୟାଳୟ ସୀମାରୁ ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ଯରେ ଭୂମି

ଉପଯୋଗ / ମଣ୍ଡଳୀକରଣ (ଜୋନିଂ) ଯୋଜନା କରିବାକୁ ମଧ୍ୟ ସମ୍ମତ ହୋଇଥିଲେ;

vi) ସରକାର ସମସ୍ତ ରାଜ୍ୟ ଅସୁଲି / ଶୁଳ୍କ / ଟିକସ ଯଥା ଭାଟ୍, ୱାର୍କସ୍ କଣ୍ଟ୍ରାକ୍ଟ ଟ୍ୟାକ୍ସ, ଷ୍ଟାମ୍ପ ଡ୍ୟୁଟି ଏବଂ ଗବେଷଣା ଓ ବିକାଶ (ଆର & ଡି) ଉପକରଣ, ଶିକ୍ଷାଗତ ଉପକରଣ, ପ୍ରୟୋଗଶାଳା (ଲ୍ୟାବ) ସରଞ୍ଜାମ ଏବଂ ଉପକରଣ ଏବଂ ନିର୍ମାଣ ସାମଗ୍ରୀ ଉପରେ ଏହି ଏମଓୟୁ ସ୍ୱାକ୍ଷରିତ ହେବାର ତାରିଖଠାରୁ ପ୍ରବେଶ ଟିକସ ଛାଡ଼ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି;

vii) ସରକାର ମଧ୍ୟ ଏସ ପି ସି ବି ଠାରୁ ଏନ୍ ଓ ସି ଏବଂ କେନ୍ଦ୍ର ସରକାରଙ୍କ ଠାରୁ ସମସ୍ତ ପ୍ରତିବନ୍ଧକ ଦୂରୀକରଣ ମଞ୍ଜୁରି ପାଇବାରେ ଫାଉଣ୍ଡେସନକୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ;

viii) ପ୍ରକଳ୍ପ ପାଇଁ ତ୍ୱରିତ ଇ ଆଇ ଏ ଏବଂ ଇ ଏମ ପି ବ୍ୟବସ୍ଥା କରିବାରେ ଫାଉଣ୍ଡେସନକୁ ସହାୟତା କରିବା ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ;

ix) ସରକାର ମଧ୍ୟ ବହୁ ପରିମାଣର ବିଜୁଳି ଓ ଜଳ ଯୋଗାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ।

୮.୨୧ ଗୋଟିଏ ଟ୍ରଷ୍ଟ / କମ୍ପାନୀ ସପକ୍ଷରେ ସରକାର କାହିଁକି ଏଭଳି ଅନୁଚିତ ସୁବିଧାମାନ ପ୍ରଦାନ କଲେ ଏହା ବୋଧଗମ୍ୟ ହେଉନାହିଁ । ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା ସମ୍ପୂର୍ଣ୍ଣ ଅଧିଗ୍ରହଣ କାର୍ଯ୍ୟପ୍ରକ୍ରିୟା ଏବଂ ଉପଲବ୍ଧିମାନ, ପକ୍ଷପାତିତା ଦ୍ୱାରା ଦୂଷିତ ହୋଇଥିଲା ଏବଂ ଭାରତୀୟ ସମ୍ବିଧାନର ଅନୁଛେଦ ୧୪ ର ଉଲ୍ଲଙ୍ଘନ କରିଥିଲା ।

୮.୨୨ ଏଠାରେ ଉପରେ ବ୍ୟକ୍ତ କରାଯାଇଥିବା ଉକ୍ତିରୁ ଏବଂ ପୁର୍ନପ୍ରସ୍ତୁତ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଲିପିବଦ୍ଧ ସବିଶେଷ ସିଦ୍ଧାନ୍ତରୁ ଆମ୍ଭେ ସନ୍ତୁଷ୍ଟି ଊର୍ଦ୍ଧ୍ୱରେ ଅଛୁ ଯେ ଉଚ୍ଚ ନ୍ୟାୟାଳୟ କୌଣସି ପ୍ରକାର ତ୍ରୁଟି କରିନାହାନ୍ତି ଏବଂ ବାସ୍ତବରେ ଉଚ୍ଚ ନ୍ୟାୟାଳୟଙ୍କର ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରିବା ନ୍ୟାୟସଙ୍ଗତ ଥିଲା, ଯାହାକି ଅଧିନିୟମ, ୧୮୯୪ ଅଧୀନରେ ବୈଧାନିକ ବ୍ୟବସ୍ଥାଗୁଡ଼ିକର ଏବଂ ନିୟମାବଳୀ, ୧୯୬୩ ର ଅନୁପାଳନ ନ କରିବା ଦ୍ଵାରା ଦୂଷିତ ହୋଇଛି ଏବଂ ଏହା ମନ୍ଦ ଉଦ୍ଦେଶ୍ୟ ଏବଂ ପକ୍ଷପାତିତା ଯୋଗେ ଭ୍ରଷ୍ଟ ହୋଇଛି ଏବଂ ପ୍ରାସଙ୍ଗିକ ଦିଗ ଉପରେ ବୁଦ୍ଧି ପ୍ରୟୋଗ କରାଯାଇ ନଥିବାର ଏକ ସ୍ପଷ୍ଟ ମାମଲା ଅଟେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ନିଆଯାଇଥିବା ଏହି ମତ ସହ ଆମ୍ଭେ ସମ୍ପୂର୍ଣ୍ଣ ଭାବେ ଏକମତ ।

୮.୨୩ ଆବେଦନକାରୀଙ୍କ ତରଫରୁ କରାଯାଇଥିବା ଉପସ୍ଥାପନ ଯେ ଏବେ ଆବେଦନକାରୀ କେବଳ ୩୮୩୭ ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ସେମାନେ ଏବେ ଏହି ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିଥିବା ଜମି ହରାଇଥିବା ୭ ଜଣ ଜମି ମାଲିକମାନଙ୍କ ଜମିଗୁଡିକୁ ବାଦ ଦେବାକୁ ପ୍ରସ୍ତୁତ ଅଛନ୍ତି, ସମ୍ପୃକ୍ତ ଅଧିଗ୍ରହଣ ପ୍ରକ୍ରିୟାରୁ ଏବଂ / ଅଥବା ଏହି ନ୍ୟାୟାଳୟରେ ଉପସ୍ଥିତ ଜମିମାଲିକମାନଙ୍କରୁ ଏବଂ / ଅଥବା ଏହି ନ୍ୟାୟାଳୟରେ ଉପସ୍ଥିତ ଜମି ହରାଇଥିବା ବ୍ୟକ୍ତିମାନଙ୍କର ଜମିରୁ ହେଉ, ଏହା ଆମ ସିଦ୍ଧାନ୍ତକୁ ଆହୁରି ଦୃଢୀଭୂତ କରିବ ଯେ ଆବଶ୍ୟକତା ଉପରେ କୌଣସି ସଠିକ୍ ଅନୁସନ୍ଧାନ କରାଯାଇନାହିଁ । ଏଠାରେ ଉପରେ ଯେପରି ଦେଖାଯାଇଛି, ପ୍ରାରମ୍ଭିକ ପର୍ଯ୍ୟାୟରେ, ୧୫ ହଜାର ଏକର ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ଥିଲା, ଯାହା

ଏବେ ହ୍ରାସ ପାଇ ୩୮୩୭ ଏକରକୁ ପହଞ୍ଚିଛି । ଅର୍ଥାତ୍, ଏହି ପ୍ରସ୍ତାବ ଅତିରଞ୍ଜିତ ଦାବି ଉଦ୍ଦେଶ୍ୟରେ କରାଯାଇଥିଲା । ଆବେଦନକାରୀ କମ୍ପାନୀ / ଫାଉଣ୍ଡେସନର ଏହା ଏକ ମନ୍ଦ ଉଦ୍ଦେଶ୍ୟ ଥିଲା । ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଏହା ମୂଳ ରିଟ ଆବେଦନକାରୀଙ୍କ ତରଫରୁ ବିଶେଷ ମାମଲାଟିଏ ଥିଲା, ବିଶେଷ କରି ଜନସ୍ୱାର୍ଥ ମାମଲା ଦାୟର କରିଥିବା ଆବେଦନକାରୀଙ୍କ ତରଫରୁ ମୋକଦ୍ଦମା ଥିଲା ଯେ ଯଦି ଏତେ ବିଶାଳ ଜମି ଅଧିଗ୍ରହଣ କରାଯାଇଥାନ୍ତା ଏବଂ / କିମ୍ବା ଏପରିକି ଯେଉଁ ଜମିଗୁଡିକ ପୂର୍ବରୁ ଅଧିଗୃହୀତ ହୋଇସାରିଛି, ତା'ର ଅପବ୍ୟବହାର କରାଯାଇଥା'ନ୍ତା ଏବଂ / ଅଥବା ଖନନ କାର୍ଯ୍ୟ ଭଳି ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ହୁଏତ ବ୍ୟବହାର କରାଯାଇଥା'ନ୍ତା । ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଅଧିଗ୍ରହଣ କରିବାକୁ ଚାହୁଁଥିବା ଜମିଗୁଡିକ ୬,୦୦୦ ପରିବାରର କୃଷି ଜମି ଏବଂ ସେମାନଙ୍କର ଜୀବିକା ନିର୍ବାହର ଏକମାତ୍ର ଉତ୍ସ ହେଉଛି କୃଷି ଜମି, ଯାହାର କ୍ଷତିପୂରଣ ଅର୍ଥ ଆକାରରେ ଭରଣା କରାଯାଇପାରିବ ନାହିଁ, ତେଣୁ ଅଧୁନା ଦିଆଯାଇଥିବା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ ।

୯. ଉପରେ ଦିଆଯାଇଥିବା ମତ ଏବଂ ଉପରୋକ୍ତ କାରଣଗୁଡ଼ିକ ଦୃଷ୍ଟିରେ, ଏହି ସମସ୍ତ ଅପିଲଗୁଡିକ ବିଫଳ ହୋଇଛି ଏବଂ ଏଗୁଡିକ ବରଖାସ୍ତ କରାଯିବା ପାଇଁ ଉପଯୁକ୍ତ ଏବଂ ତଦନୁସାରେ ଖର୍ଚ୍ଚ ସହିତ ବରଖାସ୍ତ କରାଯାଉଛି, ଯାହାର ମୂଲ୍ୟ ୫ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି ଯାହା ଆବେଦନକାରୀ - ହିତାଧିକାରୀ କମ୍ପାନୀ - ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଦ୍ୱାରା ଆଜି ଠାରୁ ୬ ସପ୍ତାହ ମଧ୍ୟରେ ଏହି ନ୍ୟାୟାଳୟର ରେଜିଷ୍ଟ୍ରାରଙ୍କ

ନିକଟରେ ଜମା କରାଯିବ ଏବଂ ଏପରି ଜମା ହେଲାପରେ, ଏହାକୁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ସ୍ଥାନାନ୍ତରିତ କରାଯିବ ।

.........ନ୍ୟାୟମୂର୍ତ୍ତି
**[ଏମ. ଆର. ଶାହ]**

ନୂଆଦିଲ୍ଲୀ;
ଏପ୍ରିଲ ୧୨,୨୦୨୩

......... ନ୍ୟାୟମୂର୍ତ୍ତି
**[କୃଷ୍ଣ ମୁରାରୀ]**

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ , କଟକ**